୬
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୭୨ ● ୨ ନଭେମ୍ବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-272 ● 2nd November 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ସୂର୍ଯ୍ୟକୁମାରଙ୍କ ଅଲ୍-ଟାଇମ୍ ରେକର୍ଡ ଭାଙ୍ଗିଲେ ଇଶାନ କିଶନ



ରାଜ୍ୟରେ ଶିକ୍ଷା ଓ ପ୍ରଗତିର ନୂତନ ଅଧ୍ୟାୟ

୨,୦୬୭ ସେବକ ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ଭୁବନେଶ୍ୱର, ୧।୧୧

ନ୍ୟୁଜ୍ ବ୍ୟୁରୋ




ଦକ୍ଷତା ବିକାଶ ଏବଂ ନିଯୁକ୍ତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ହେଉଛି ଆମ ସରକାରଙ୍କ ପ୍ରାଥମିକତା। ରବିବାର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ ଠାରେ ଅନୁଷ୍ଠିତ ୧୮ତମ ନିଯୁକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟ ଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ୨୦୨୪ ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଆଜିର ୧୮ତମ ନିଯୁକ୍ତି ମେଳାର ୨,୦୬୭ ଜଣଙ୍କୁ ମିଶାଇ ସମୁଦାୟ ୪୮,୬୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଆଜିର ମେଳାରେ ୧,୯୧୩ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଆଜି ସୁଦ୍ଧା ୨୮,୬୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ *(ପୃଷ୍ଠା ୭ରେ)*

ସକ୍ରିୟ ହେଲା ଘୂର୍ଣ୍ଣିବଳୟ 'ମୁରାସୁ' ଆନ୍ଧ୍ର ଉପକୂଳ ଛୁଇଁବା ସମ୍ଭାବନା

ନୂଆଦିଲ୍ଲୀ, ୧।୧୧



ବଙ୍ଗୋପସାଗରରେ ଗଭୀର ଅବପାତ 'ମୁରାସୁ' ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ରବିବାର ଭାରତୀୟ ସମୟ ଅନୁସାରେ ରାତି ୧୧ଟା ୩୦ ମିନିଟରେ, ଏହି ବାତ୍ୟା ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହୋଇ ରହିଥିଲା। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି ଏବଂ ସୋମବାର ସକାଳ ସୁଦ୍ଧା ଏକ ଭୟଙ୍କର ଘୂର୍ଣ୍ଣିବଳୟରେ ପରିଣତ ହେବାର ସମ୍ଭାବନା ରହିଛି।

ପାଣିପାଗ ବିଭାଗ ଅନୁଯାୟୀ, ବାତ୍ୟାଟି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ସୋମବାର ରାତି ୧୧ଟା ୩୦ ମିନିଟରୁ ମଙ୍ଗଳବାର ଭୋର ୪ଟା ମଧ୍ୟରେ ନେଲ୍ଲୋର ଏବଂ ନରସାପୁର ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟରେ, ପବନର ବେଗ ଘଣ୍ଟା ପ୍ରତି ୧୦୦ ରୁ ୧୧୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ, ଯେତେବେଳେ କି ପବନର ବେଗ ଘଣ୍ଟା ପ୍ରତି ୧୨୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ପୂର୍ବାନୁମାନ କରାଯାଇଛି।

ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ। ବିଭାଗ ଅନୁଯାୟୀ, ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଭାରତର ଅନେକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସୋମବାର ତାମିଲନାଡୁରେ ଏବଂ ମଙ୍ଗଳବାର ଉପକୂଳ ଆନ୍ଧ୍ରପ୍ରଦେଶ, ରାୟଲସୀମା ଏବଂ ତେଲେଙ୍ଗାନାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ବିଭାଗ ମଧ୍ୟ ନଭେମ୍ବର ୩ ଏବଂ ୪ ରେ ଛତିଶଗଡ଼ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି। ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ୟାନାମରେ ନଭେମ୍ବର ୨ ଏବଂ ୩ ତାରିଖରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ନଭେମ୍ବର ୩ ତାରିଖରେ ତେଲେଙ୍ଗାନାର କେତେକ ସ୍ଥାନରେ ଅତି *(ପୃଷ୍ଠା ୭ରେ)*

ଆଇପିଏସ୍ ସ୍ତରରେ ଅଦଳବଦଳ



ଭୁବନେଶ୍ୱର, ୧।୧୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆଇପିଏସ୍ ସ୍ତରରେ ଅଦଳବଦଳ ହୋଇଛି। ଏହି କ୍ରମରେ ବହୁ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ମିଳିଥିବା ବେଳେ କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ଜେଲ୍ ବିଭାଗର ଡିଜି ସୁଶାନ୍ତ ନାଥଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ମିଳିଛି। ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ସନ୍ତୋଷ ବାଲାଙ୍କୁ ଜେଲ୍ ବିଭାଗ ଡିଜି ଦାୟିତ୍ୱର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅମିତାଭ ଠାକୁରଙ୍କୁ କଟକସ୍ଥିତ ପରିବହନ କମିଶନର ଭାବେ ନିଯୁକ୍ତ କରାଯାଇଛି। ରାଜେଶ କୁମାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି *(ପୃଷ୍ଠା ୭ରେ)*

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୮୮ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୩୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୧୬ (+୦)

ରୁପା ଦର

ରୁପା – ପ୍ରତି ଗ୍ରାମ ୨୦୦ (+୦)

ଆଜିର ମୁଖ୍ୟ ଖବର

- ପାକିସ୍ତାନର ଚେତାବନୀ- 'ଆତଙ୍କବାଦ ପ୍ରସଙ୍ଗରେ ଆଫଗାନିସ୍ତାନର ନିଷ୍କ୍ରିୟତାକୁ ଆଉ ସହ୍ୟ କରାଯିବ ନାହିଁ।
- ନେପାଳର ଡୋଲପାରେ ପ୍ରବଳ ତୁଷାରପାତ, ୬ ଜଣ ଭାରତୀୟ ପର୍ଯ୍ୟଟକ ନିଖୋଜ।
- ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ' ଦୁର୍ବଳ, ନେପାଳରେ ଧୀରେ ଧୀରେ ସ୍ୱାଭାବିକ ହେଉଛି ପାଣିପାଗ।
- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେଙ୍ଗାଲୁରୁ-ମୁମ୍ବାଇ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ କଲେ ଶୁଭାରମ୍ଭ।
- ଦିଲ୍ଲୀରେ ବିରୋଧୀ ମେଣ୍ଟର ରାମଲୀଳା ମଇଦାନରେ ରାଲି।
- କେଦାରତାଲରେ ନିଖୋଜ ୮ ଜଣଙ୍କ ସନ୍ଧାନ ଜାରି, ହେଲିକପ୍ଟର ଯୋଗେ ଦୁଇଥର ଆକାଶମାର୍ଗରୁ ତଲାସ।

ବନ୍ୟା କ୍ଷୟକ୍ଷତି ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୧

ନ୍ୟୁଜ୍ ବ୍ୟୁରୋ



ବନ୍ୟା ପାଣି ଛାଡ଼ିଯାଇଛି, ହେଲେ ଦୁର୍ଦ୍ଦଶା ଛାଡ଼ିନି। ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଥିବାବେଳେ ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରେ ଏବେ ବି ଲୋକଙ୍କ ସମସ୍ୟା ଦୂର ହୋଇନାହିଁ।

ବନ୍ୟା ସମୟରେ ଅନେକ ଗାଁ ପାଣିରେ ବୁଡ଼ି ନଦୀର ରୂପ ନେଇଥିଲା। ଏବେ ପାଣି ଛାଡ଼ିଯିବା ପରେ ରାସ୍ତାଘାଟରେ କାଦୁଅ ଓ ଆବର୍ଜନା ଜମି ରହିଛି। ଗାଁର ଯୁବକମାନେ ନିଜେ ଆଗକୁ ଆସି ରାସ୍ତାଘାଟ ସଫା କରୁଛନ୍ତି। ବନ୍ୟାରେ ସ୍କୁଲ ଘର ମଧ୍ୟ ଭାଙ୍ଗିଯାଇଛି। ଘରଦ୍ୱାର ଓ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ ହୋଇଥିବାରୁ ଗ୍ରାମବାସୀ ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି।

ଅନ୍ୟପଟେ, ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଛନ୍ତି। ପ୍ରଭାବିତ ପରିବାରଙ୍କୁ ୫୦ କେଜି ଚାଉଳ ସହ ୨,୫୦୦ ଟଙ୍କା ଦିଆଯିବ। ସମତଳ ଅଞ୍ଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୨୦ ହଜାର ଏବଂ ପାହାଡ଼ିଆ ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ମିଳିବ। ଚାଷୀ, ଉଠା ଦୋକାନୀ ଓ ବ୍ୟବସାୟୀଙ୍କ ପାଇଁ ମଧ୍ୟ ସହାୟତା ଘୋଷଣା ହୋଇଛି। ତେବେ କ୍ଷୟକ୍ଷତି ଆକଳନ ଶେଷ ହେବା ପରେ ଆବଶ୍ୟକ ଅନୁସାରେ ଅଧିକ ସହାୟତା ଘୋଷଣା କରାଯାଇପାରେ।

ଲୋକସେବା ଭବନରେ ଥଇଥାନ ଓ ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ସମୀକ୍ଷା

ଭୁବନେଶ୍ୱର/ଛତ୍ରପୁର, ୧।୧୧

ନ୍ୟୁଜ୍ ବ୍ୟୁରୋ



ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ପ୍ରଭାବିତ ଅଞ୍ଚଳରେ ରିଲିଫ୍, ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରବିବାର ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହାସହ ବନ୍ୟା ପ୍ରଭାବିତ ଗଞ୍ଜାମଜିଲ୍ଲା ଗସ୍ତରରେ ଯାଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରବିବାର ଛତ୍ରପୁରରେ ପହଞ୍ଚିଛନ୍ତି।

ଗତ କିଛି ଦିନ ଧରି ପଞ୍ଚାୟତିରାଜ ମନ୍ତ୍ରୀ କନ୍ଧମାଳ ଜିଲ୍ଲାର ବିଭିନ୍ନ ବାତ୍ୟା ଓ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସରଜମିନ ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରୁ ଫେରିବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଥଇଥାନ, ପୁନର୍ବାସ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା-ଶାସନ ସଚିବ ଗିରିଶ ଏସ.ଏନ୍., ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ବିଭାଗୀୟ ନିର୍ଦ୍ଦେଶକବୃନ୍ଦ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ *(ପୃଷ୍ଠା ୭ରେ)*

ମାଲକାନଗିରିରେ ୪ ତାରିଖ ଯାଏଁ ସ୍କୁଲ, କଲେଜ ଛୁଟି

ବାତ୍ୟା 'ମୁରାସୁ'କୁ ନେଇ ମାଲକାନଗିରି ଜିଲ୍ଲାରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ଥିବାରୁ ଜିଲ୍ଲାର ସମସ୍ତ ସ୍କୁଲ ଓ କଲେଜକୁ ୪ ତାରିଖ ଯାଏଁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଘୋଷଣା ଅନୁସାରେ, ସୋମବାରଠାରୁ *(ପୃଷ୍ଠା ୭ରେ)*

ପୋଖରୀରେ ବୁଡ଼ି ୩ ଶିଶୁଙ୍କ ସଲିଳ ସମାଧି

ସାଲେପୁର, ୧।୧୧

ନ୍ୟୁଜ୍ ବ୍ୟୁରୋ

କଇଁ ଫୁଲ ତୋଳିବାକୁ ଯାଇଥିଲେ, ହେଲେ ଆଉ ଫେରିଲେ ନାହିଁ ଘରକୁ। ଖେଳକୁଦ ବୟସରେ ଅକାଳରେ ଲିଭିଗଲା ତିନି ତିନୋଟି ନିଷ୍ପାପ ଶିଶୁଙ୍କ ଜୀବନ ଦୀପ। ମାତ୍ର ୩, ୪ ଓ ୫ ବର୍ଷ ବୟସର ତିନି ଶିଶୁଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ଗ୍ରାମରେ ଘଟିଛି ଏଭଳି ଏକ ହୃଦୟବିଦାରକ ଘଟଣା।ଏହି ଘଟଣା ପରେ ସମଗ୍ର ଗାଁରେ ଖେଳିଯାଇଛି ଶୋକର ଛାୟା। କାନ୍ଦବୋବାଳିରେ ଫାଟିପଡୁଛି ପରିବେଶ। ଆଖିରୁ ଲୁହ ଶୁଖୁନି ପରିବାର ଲୋକଙ୍କର।

ସୂଚନା ଅନୁଯାୟୀ, ଝାଡେଶ୍ୱରପୁର ଗ୍ରାମର ଇମ୍ରାନ ଖାଁଙ୍କ ଦୁଇ ପୁଅ ଏବଂ ଅନୱାର ଖାଁଙ୍କ ମଝିଆ ପୁଅ ଘର ନିକଟରେ ଥିବା ଏକ ପୋଖରୀକୁ କଇଁ ଫୁଲ ତୋଳିବାକୁ ଯାଇଥିଲେ। ହେଲେ ପୋଖରୀର ଗଭୀର ପାଣିରେ ବୁଡ଼ି ତିନି ଜଣ ଶିଶୁଙ୍କ ଜୀବନ ଚାଲିଯାଇଛି।

ମୃତ ଶିଶୁମାନେ ହେଲେ ଇମ୍ରାନ ଖାଁଙ୍କ ୩ ବର୍ଷର ପୁଅ ଜିସାନ ଖାଁ, ୫ ବର୍ଷର ପୁଅ ସଲମାନ ଖାଁ ଏବଂ ଅନୱାର ଖାଁଙ୍କ ୪ ବର୍ଷର ପୁଅ ଅରହମ ଖାଁ।

ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ଗ୍ରାମବାସୀ ତିନି ଶିଶୁଙ୍କୁ *(ପୃଷ୍ଠା ୭ରେ)*



ଋଷର ତୈଳ ବିଶୋଧନାଗାର ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

ମସ୍କୋ/କିଭ୍, ୧।୧୧

ଋଷ-ୟୁକ୍ରେନ୍ ଯୁଦ୍ଧ ଆହୁରି ଉଗ୍ର ରୂପ ଧାରଣ କରିଥିବା ବେଳେ, ରୁଷିଆର ରାଜଧାନୀ ମସ୍କୋର ପୂର୍ବ ଭାଗରେ ଥିବା ଏକ ପ୍ରମୁଖ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ପକ୍ଷରୁ ବଡ଼ ଡ୍ରୋନ୍ ଆକ୍ରମଣ କରାଯାଇଛି। ନିଜ୍ନି ନୋଭଗୋରୋଡ୍ ଅଞ୍ଚଳର କସଟୋଭୋ ଜିଲ୍ଲାରେ ଥିବା ରୁଷିଆର ସବୁଠାରୁ ବଡ଼ ତୈଳ ଓ ଇନ୍ଧନ ବିଶୋଧନାଗାର ଉପରେ ରାତିସାରା ଏହି ବ୍ୟାପକ ଡ୍ରୋନ୍ ଆକ୍ରମଣ ହୋଇଥିବା ରୁଷିଆ ସ୍ୱୀକାର କରିଛି।

ନିଜ୍ନି ନୋଭଗୋରୋଡର ରାଜ୍ୟପାଳ ଗ୍ଲେବ୍ ନିକିଟିନ୍ କହିଛନ୍ତି *(ପୃଷ୍ଠା ୭ରେ)*

ଆର୍ଥିକ, ସାମୁଦ୍ରିକ ରଣନୀତିକୁ ସୁଦୃଢ଼ କରିଛି କ୍ୱାଡ୍



ନୂଆଦିଲ୍ଲୀ, ୧।୧୧

ଭାରତ, ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀମାନେ ଆଟଲାଣ୍ଟାଠାରେ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ପାଇଁ ପାରସ୍ପରିକ ପ୍ରାଥମିକତାଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ଦିଗରେ ହୋଇଥିବା ପ୍ରଗତିର ସମୀକ୍ଷା କରିଛନ୍ତି। ଆସନ୍ତା ମାସରେ ଫିଲିପାଇନ୍ସରେ କ୍ୱାଡ ଶୀର୍ଷ ସମ୍ମିଳନୀ ଆୟୋଜନ କରିବାର ଯୋଜନା ମଧ୍ୟରେ ଏହି ବୈଠକ ହୋଇଛି।

ଆଟଲାଣ୍ଟାଠାରେ ଆୟୋଜିତ ଜି-୨୦ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅବସରରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର, ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିସୁ ମୋଟେଗି ଏବଂ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ଆମେରିକା, ଭାରତ, ଜାପାନ ଏବଂ ଅଷ୍ଟ୍ରେଲିଆ ଆଞ୍ଚଳିକ ସ୍ତରରେ ଚାଇନାର ବଢୁଥିବା ଆର୍ଥିକ ଓ ରଣନୈତିକ ପ୍ରଭାବର ମୁକାବିଲା ପାଇଁ ପ୍ରୟାସକୁ ଜୋରଦାର କରିଛନ୍ତି। ଏହି ଚାରି ଦେଶ ଦୁର୍ବଳ ବିଶ୍ୱ ଯୋଗାଣ ଶୃଙ୍ଖଳା ଉପରେ ରଣନୈତିକ ନିର୍ଭରଶୀଳତା ହ୍ରାସ କରିବା, ଆର୍ଥିକ ବାଧ୍ୟବାଧକତାର *(ପୃଷ୍ଠା ୭ରେ)*

ବାତ୍ୟା 'ଅର୍ଣ୍ଣବ' ଜନିତ କ୍ଷୟକ୍ଷତିର ଆକଳନ ପାଇଁ ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୧।୧୧

ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ଆକଳନ ନିମନ୍ତେ କେନ୍ଦ୍ର ସରକାରଙ୍କ ଏକ ୮ ଜଣିଆ ଆନ୍ତଃମନ୍ତ୍ରଣାଳୟସ୍ତରୀୟ କେନ୍ଦ୍ରୀୟ ଟିମ୍ ସୋମବାରଠାରୁ ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତ କରିବେ। ଏହି ଟିମ୍ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିବା ସହ କ୍ଷୟକ୍ଷତିର ସ୍ଥଳଭିତ୍ତିକ ଆକଳନ କରିବେ।

କେନ୍ଦ୍ରୀୟ ଟିମ୍‌ର ନେତୃତ୍ୱ ନେବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କର। ସେ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଟିମ୍‌ର ଅନ୍ୟ ସଦସ୍ୟମାନେ ସୋମବାର ସନ୍ଧ୍ୟା ସୁଦ୍ଧା କିମ୍ବା ମଙ୍ଗଳବାର ସକାଳ ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିବେ। ଏହି କେନ୍ଦ୍ରୀୟ ଟିମ୍‌ରେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗର ଅଧିକାରୀମାନେ ସଦସ୍ୟ ଭାବେ ସାମିଲ ଅଛନ୍ତି।

ଏହି ଗସ୍ତ ସମୟରେ କେନ୍ଦ୍ରୀୟ ଟିମ୍ ବାତ୍ୟା ଓ ପରବର୍ତ୍ତୀ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୨ନଭେମ୍ବର, ୨୦୨୬ ସୋମବାର



ଏକାମ୍ରକ୍ଷେତ୍ରକୁ ଆସିଲେନି ହବିଷ୍ୟାଳି

ପୁରୁଣା ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ଦିନ ଥିଲା ପବିତ୍ର ମହାକାର୍ତ୍ତିକ ମାସରେ ଏକାମ୍ରକ୍ଷେତ୍ରରେ ଶୁଭୁଥିଲା ହବିଷ୍ୟାଳିମାନଙ୍କ ପୂଜାର୍ଚ୍ଚନାର କୋଳାହଳ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହବିଷ୍ୟାଳିମାନେ ଏହି ପ୍ରସିଦ୍ଧ ଶୈବପୀଠରେ ଏକାଠି ହେଉଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିର ଓ ଶ୍ରୀ ଅନନ୍ତ ବାସୁଦେବଙ୍କ ମନ୍ଦିରରେ ହବିଷ୍ୟାଳିମାନଙ୍କୁ ଅବଢ଼ା ସେବନ କରିବା ଦେଖିବାକୁ ମିଳୁଥିଲା। ଧର୍ମଶାଳାରୁ ଭାସିଆସୁଥିଲା ସେମାନଙ୍କ ଭଜନ କୀର୍ତ୍ତନ। କୁମାର ପୂର୍ଣ୍ଣିମା ଦିନଠୁ ହବିଷ୍ୟାଳିମାନେ ଧର୍ମଶାଳାରେ ଏକାଠି ହେଉଥିଲେ। କିନ୍ତୁ ଚଳିତ ବର୍ଷ ଦେଖାଦେଇଛି ବ୍ୟତିକ୍ରମ। ଜଣେ ବି ହବିଷ୍ୟାଳି ଏକାମ୍ରକ୍ଷେତ୍ରକୁ ଆସିନାହାନ୍ତି। ପୂର୍ବରୁ କଟକ, ବେଗୁନିଆ, ଖୋରଧା, ବାଲିପାଟଣା, ଜଟଣୀ, ନିଆଳି, ଖଣ୍ଡପଡ଼ା ଆଦି ଅଞ୍ଚଳରୁ ଶହଶହ ସଂଖ୍ୟାରେ ବୃଦ୍ଧାମାନେ ଏହି ବ୍ରତ ପାଳନ କରିବାକୁ ଏକାମ୍ରକ୍ଷେତ୍ରକୁ ଧାଇଁ ଆସୁଥିଲେ। ସେମାନେ ବିନ୍ଦୁସାଗର ତଟରେ ଥିବା ଦୁଧିଓ୍ୱାଲା ଧର୍ମଶାଳାରେ ରହୁଥିଲେ ଏବଂ ନିଜ ଖର୍ଚ୍ଚ ନିଜେ ବହନ କରୁଥିଲେ। ସକାଳୁ ସକାଳୁ ଧର୍ମଶାଳା ପରିସର ଓ ବିନ୍ଦୁସାଗର କୂଳ ହବିଷ୍ୟାଳିମାନଙ୍କ ପୂଜାର୍ଚ୍ଚନାରେ ଗୁଞ୍ଜରିତ ହୋଇଉଠୁଥିଲା। କିନ୍ତୁ କିଛି ବର୍ଷ ହେଲା ରାଜ୍ୟ ସରକାର ଶ୍ରୀକ୍ଷେତ୍ରରେ ହବିଷ୍ୟାଳିମାନଙ୍କ ପାଇଁ ମାଗଣା ବ୍ୟବସ୍ଥା କଲେ। ଏହାପରଠୁ ଏକାମ୍ରକ୍ଷେତ୍ରରେ ହବିଷ୍ୟାଳିଙ୍କ ସଂଖ୍ୟା କମିବାକୁ ଲାଗିଲା। ତଥାପି ବହୁ ବୃଦ୍ଧା ଏକାମ୍ରକ୍ଷେତ୍ରକୁ ଆସିବାକୁ ଭୁଲିନଥିଲେ। ଗତ ପ୍ରାୟ ୧୦ବର୍ଷ ହେଲା ନିହାତି ୭୦ ପାଖାପାଖି ହବିଷ୍ୟାଳି ଏଠାକୁ ଆସୁଥିଲେ। କିନ୍ତୁ ଚଳିତ ବର୍ଷ କେହି ଆସିଲେ ନାହିଁ। ସ୍ଥାନୀୟ ହବିଷ୍ୟାଳିମାନଙ୍କ କହିବା କଥା ଏଠାରେ ସ୍ନାନ କରିବା ବଡ଼ ସମସ୍ୟା। ତୀର୍ଥ ପୁଷ୍କରିଣୀ ବିନ୍ଦୁସାଗରରେ ସ୍ନାନ କରିବା ପାଇଁ ମନ ଥିଲେ ମଧ୍ୟ ନୀଳ ପାଣି ଯୋଗୁଁ ହବିଷ୍ୟାଳିମାନେ ପଛଘୁଞ୍ଚା ଦିଅନ୍ତି। ତେଣୁ ସେମାନେ ଧର୍ମଶାଳାଠାରୁ ଦୂରରେ ଥିବା ପୁଷ୍କରିଣୀରେ ସ୍ନାନ କରିବାକୁ ବାଧ୍ୟ ହୁଅନ୍ତି। ସେହି ପୁଷ୍କରିଣୀରେ ଗୋଡ଼ ଖସିଯିବାର ଭୟ ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାଜ୍ୟ ସରକାର ଶ୍ରୀକ୍ଷେତ୍ରରେ ହବିଷ୍ୟାଳିମାନଙ୍କ ପାଇଁ ବହୁ ସୁବିଧା କରିଛନ୍ତି। ଅଥଚ ଏକାମ୍ରକ୍ଷେତ୍ରରେ ସେମାନଙ୍କ କୌଣସି ସୁବିଧା ନାହିଁ। ଯାହା ଫଳରେ ଚଳିତ ବର୍ଷ ଜଣେ ବି ହବିଷ୍ୟାଳି ଏଠାକୁ ଆସିନାହାନ୍ତି। ଏଠାରେ ସରକାରୀ ସୁବିଧା ନଥିବାରୁ ହବିଷ୍ୟାଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁରୀରେ ହବିଷ୍ୟାଳିମାନଙ୍କ ପାଇଁ ରହିବା, ମହାପ୍ରସାଦ ସେବନ କରିବା ଆଦି ସୁବିଧା ମିଳୁଛି। ଏଥିସହ ସେମାନଙ୍କୁ ବୀମା ଭୁକ୍ତ କରାଯାଉଛି। କିନ୍ତୁ ଏକାମ୍ରକ୍ଷେତ୍ରରେ ହବିଷ ବ୍ରତ ପାଇଁ ବିଧି ରହିଥିଲେ ହେଁ ସରକାରଙ୍କ ପକ୍ଷରୁ ଗୋଟିଏ ବି ସୁବିଧା ମିଳେନାହିଁ। ଚଳିତବର୍ଷ ଏଠାରେ ହବିଷ୍ୟାଳି ସଂଖ୍ୟା ଶୂନ ହୋଇଯିବା ଘଟଣା ଏକାମ୍ରବାସୀଙ୍କୁ ବ୍ୟଥିତ କରିଛି। ଭାରତର ଅନ୍ୟତମ ପ୍ରସିଦ୍ଧ ଶୈବପୀଠରେ ବହୁ ପ୍ରାଚୀନ ପରମ୍ପରା ବନ୍ଦ ହୋଇଯାଉଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବିଏମ୍‌ସିର ୪୫ ତମ ସାଧାରଣ ଅଧିବେଶନ

୩୭ ନମ୍ବର ୱାର୍ଡ କର୍ପୋରେଟର ବନ୍ଦିତା ପାଲଙ୍କୁ ବୈଠକରୁ ସସ୍‌ପେଣ୍ଡ କଲେ ମେୟର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୪୫ ତମ ସାଧାରଣ ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଶ୍ରୀମତୀ ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ସିଟି ଇଂଜିନିୟର ପ୍ରଫୁଲ୍ଲ କୁମାର ରଇତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ବୈଠକରେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର ବୃନ୍ଦ, ବିଏମ୍‌ସିର ସମସ୍ତ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ ।

ବୈଠକରେ କର୍ପୋରେଟର ୪ନମ୍ବର ୱାର୍ଡ ସୁକୁମାର ସାହୁଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଡେପୁଟି ମେୟରଙ୍କ ଅଭିଭାଷଣ ପରେ ୧୦ ନମ୍ବର ୱାର୍ଡର ଏକ ରାସ୍ତା ଉଦ୍ଘାଟନ ସମୟରେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ମେୟରଙ୍କୁ ନ ଡାକିବା ଏକ ଅବମାନନା ବୋଲି କହିବା ସହ କର୍ପୋରେଟରମାନେ ଏହାର ସମାଧାନ ପାଇଁ ଅଡିବସିଥିଲେ । ସେହି ରାସ୍ତାକୁ ଆଉଥରେ ବିଏମ୍‌ସି ପକ୍ଷରୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ପାଇଁ କର୍ପୋରେଟରମାନେ ଦାବିକରିଥିଲେ । ପୁନଃ ଉଦଘାଟନ କରିବାକୁ ମେୟର ପ୍ରତିଶୃତି ଦେବାପରେ କର୍ପୋରେଟରମାନେ ନିଜ ନିଜ ଆସନରେ ବସିଥିଲେ । ପ୍ରଶ୍ନକାଳ ନଥିବା ସତ୍ତ୍ୱେ, ୩୭ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ବନ୍ଦିତା ପାଲ୍ ଗୃହର କାର୍ଯ୍ୟକ୍ରମକୁ ନିଜ ମୋବାଇଲରେ ଲାଇଭ କରିଥିଲେ । ବିଭିନ୍ନ ପ୍ରଶ୍ନ ମେୟର ଓ କମିଶନରଙ୍କୁ ପଚାରିବା ସହ ତାର ସିଧା ପ୍ରସାରଣ କରିଚାଲିଥିଲେ । ଏହା ନିୟମ ବିରୋଧ ହୋଇଥିବାରୁ ମେୟର, କମିଶନର ଏବଂ ସବୁ କର୍ପୋରେଟର ଲାଇଭ ନ କରିବା ପାଇଁ ବାରଣ କରିଥିଲେ । ସେ କାହାରିକୁ ଖାତିର ନ କରି ସିଧା ପ୍ରସାରଣ କରୁଥିବାରୁ କର୍ପୋରେଟରମାନେ କକ୍ଷତ୍ୟାଗ କରିବା ପାଇଁ ବାହାରି ଥିଲେ । ମାତ୍ର ମେୟର ଶ୍ରୀମତୀ ଦାସ ପରିସ୍ଥିତିକୁ ସମ୍ଭାଳିବା ସହ, ଗୃହର ଅମର୍ଯ୍ୟାଦା କରିବା ଏବଂ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବାରୁ ଶ୍ରୀମତୀ ପାଲଙ୍କୁ ମ୍ୟୁନିସପାଲ ଆଇନ ୧୧୪ , ସେକ୍ସନ ୫ ବଳରେ ଗୃହରୁ ସସ୍ପେଣ୍ଡ କରିଥିଲେ। ପରେ କର୍ପୋରେଟର ମାନେ ନିଜ ନିଜ ଆସନରେ ବସିଥିଲେ। ତେବେ ଏଜେଣ୍ଡା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ, ସହରରେ ବିଦ୍ୟୁତ୍ ଆଲୋକ ଓ ପରିମଳ ବ୍ୟବସ୍ଥାକୁ ନେଇ କର୍ପୋରେଟରମାନେ ପାଟିତୁଣ୍ଡ କରିଥିଲେ । ପରିମଳ କାର୍ଯ୍ୟ ତୁଲାଇବା ପାଇଁ ନୂତନ ଏଜେନ୍ସି ନିୟୋଜନ ନିମନ୍ତେ ଟେଣ୍ଡର ହୋଇଥିଲା। ସେହି ଟେଣ୍ଡର ଅନୁଯାୟୀ ନୂଆ ଏଜେନ୍ସିଙ୍କୁ କାହିଁକି ନିୟୋଜିତ କରାଯାଇ ନାହିଁ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ତେବେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ ଏଜେନ୍ସି ଚୟନ ମଧ୍ୟ ହୋଇସାରିଛି । ସରକାରଙ୍କର ଅନୁମୋଦନ ନିମନ୍ତେ ତାହା ପ୍ରେରଣ କରାଯାଇଛି । ସରକାରୀ ଅନୁମୋଦନ ଲାଭ କରିବା ପରେ ତାହା କାର୍ଯ୍ୟକାରୀ ହେବ ବୋଲି କମିଶନ କହିଥିଲେ । ଏହାକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିବା ସହ ପୋଡିୟମ ନିକଟରେ ଧାରଣାରେ ବସିଥିଲେ । ତେବେ ମେୟର ଓ କମିଶନର ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିବେ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଏବଂ ଏଜେଣ୍ଡା ଅନୁଯାୟୀ ଗୃହ ଚାଲିଥିଲା । ପ୍ରଥମେ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦନ ଲାଭ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ପରେ ଗତ ସଭାର ବିବରଣୀ ପାଠ ସହ କାର୍ଯ୍ୟାନ୍ୱୟ ସଂପର୍କରେ ଆଲୋଚନା ହୋଇଥିଲା । ଏହା ପରେ ପ୍ରଶ୍ନୋତ୍ତର ଏବଂ ପରେ କର୍ପୋରେଟର ଓ ବିଭିନ୍ନ ଉପବିଭାଗୀୟ ଅଧିକାରୀଙ୍କଠାରୁ ଆସିଥିବା ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆଲୋଚନା ପ୍ରାରମ୍ଭରୁ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରାଯାଇଥିଲା । ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ପୋରେଟରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମେୟର ଓ କମିଶନର ଦେଇଥିଲେ । ଶେଷରେ ଷ୍ଟାଣ୍ଡିଂ କମିଟି ଜରିଆରେ ଆସିଥିବା କେତେକ ପ୍ରସ୍ତାବ ଉପସ୍ଥାପନ କରାଯିବା ସହ ସେଗୁଡିକ ଗୃହରେ ପାରିତ ହୋଇଯାଇଛି । ସେହିପରି କର୍ପୋରେଟର ଓ ବିଭିନ୍ନ ଉପବିଭାଗରୁ ଆସିଥିବା ପ୍ରସ୍ତାବଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଅର୍ବାନ କନକ୍ଲେଭ ୨୦୨୬ରେ ଯୋଗାଦେଇଥିବା ବିଭିନ୍ନ ରାଜ୍ୟର ପ୍ରତିନିଧି ଭୁବନେଶ୍ୱରର ପରିମଳ, ରାସ୍ତାଘାଟ, ସାଜସଜ୍ଜା ଦେଖି ଉଚ୍ଚ ପ୍ରସଂଶା କରିଥିବାରୁ ମେୟର ବିଏମ୍‌ସି କମିଶନରଙ୍କ ସହ ସମସ୍ତ କର୍ପୋରେଟର, ଅଧିକାରୀ, କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି । କର୍ପୋରେଟରମାନଙ୍କର କାର୍ଯ୍ୟକାଳ ପୁରି ଆସୁଥିବାରୁ, ଅଧା ରହିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ମେୟର ସମସ୍ତ କର୍ପୋରେଟରଙ୍କୁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନୁଗୋଳର ଅନେକ ଗାଁକୁ ମୋବାଇଲ୍ ସେବା ଅପହଞ୍ଚ



ଅନୁଗୋଳ, ନ୍ୟୁଜ ବ୍ୟୁରୋ

ଇଣ୍ଟରନେଟ୍ ଯୋଗୁ କ୍ଷଣକରେ ସାରା ବିଶ୍ୱର ସବୁ ଖବର ମିଳିପାରୁଛି। ଇଣ୍ଟରନେଟ୍ ବ୍ୟବହାର କରି ପାଠପଢ଼ାଠାରୁ ଆରମ୍ଭ କରି ଅନ୍‌ଲାଇନ୍ ବ୍ୟବସାୟ, ଡିଜିଟାଲ ପେମେଣ୍ଟ ଭଳି ଅନେକ କାମ ସହଜରେ ହୋଇପାରୁଛି। ଏପରିକି ୟୁଟ୍ୟୁବ୍, ଫେସ୍‌ବୁକ ଆଦି ଜରିଆରେ ଲୋକେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ମଧ୍ୟ କରୁଥିବା ଦେଖାଯାଉଛି। ତେବେ, ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ବହୁ ଗାଁରେ ଏବେ ବି ମୋବାଇଲ୍ ସେବା ଉପଲବ୍ଧ ନାହିଁ। ୨୯ ଅକ୍ଟୋବର ଅର୍ନ୍ତଜାତୀୟ ଇଣ୍ଟରନେଟ୍ ଦିବସ ପାଳିତ ହେଉଥିବା ବେଳେ ଜିଲ୍ଲାର ବଣଜଙ୍ଗଲ ଘେରା ଅନେକ ଗାଁ ଲୋକଙ୍କ ପାଇଁ ଇଣ୍ଟରନେଟ୍ ସେବା ଏବେ ବି ସ୍ୱପ୍ନ ହୋଇ ରହିଛି। ଅନୁଗୋଳ ଜିଲ୍ଲାର ୨୨୫ ପଞ୍ଚାୟତ ମଧ୍ୟରୁ ମାତ୍ର ୧୨୦ଟି ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ମୋବାଇଲ ସେବା ଉପଲବ୍ଧ ରହିଛି। କିଛି ଅଞ୍ଚଳରେ କେତେକ ଘରୋଇ କମ୍ପାନି ଇଣ୍ଟରନେଟ୍ ସେବା ଯୋଗାଇ ଦେଉଛନ୍ତି। ତଥାପି, ଶତାଧିକ ଗାଁ ଇଣ୍ଟରନେଟ ସେବାରୁ ବଞ୍ଚିତ ରହିଛନ୍ତି। ଆଠମଲ୍ଲିକ ବ୍ଲକ୍‌ର ମିନ୍ଦୋଳ, ଲକ୍ଷ୍ମୀପୁର, ଗୁଡ଼ିଆମୁଣ୍ଡା, ବିପ୍ରଡିହ, ତରଣ୍ଡା, ମଇମୁରା, ଆନନ୍ଦପୁର, ସିନ୍ଦୂରଖୋଳ, ହାତୀଗେଞ୍ଜା, ବରଢିପ ଗାଁରେ ମୋବାଇଲ୍ ନେଟ୍‌ୱର୍କ ଏବେ ବି ଅପହଞ୍ଚ। ସେହିପରି କିଶୋରନଗର ବ୍ଲକ୍ ଜାମୁଝରୀ, ପଥରଗଡ଼, ରଙ୍ଗମାଟି ଭଳି ଅନେକ ଗାଁରେ ନାହିଁ ମୋବାଇଲ ନେଟ୍‌ୱର୍କ। ଅନୁଗୋଳ ବ୍ଲକ୍‌ର ତରଭା, ମାଣିକଯୋଡ଼ି, ସିଟିକୋଇଲି, କନ୍ଧକୋଇଲି, ପଥରଗଡ଼, ବେତର, କରାବିରାଖୋଲ ଗାଁରେ ମୋବାଇଲ ନେଟ୍‌ୱର୍କ ସ୍ୱପ୍ନ ପାଲଟିଛି। ଗଛ ଚଢ଼ିଲେ କିମ୍ବା ଘର ଛାତ ଉପରକୁ ଗଲେ କେତେକ ଗାଁରେ ମୋବାଇଲ ଫୋନ୍ ସେବା ମିଳୁଛି। ସେପଟେ ପାଲଲହଡ଼ା ବ୍ଲକ୍‌ରେ ମୋବାଇଲ୍ ନେଟ୍‌ୱର୍କ ନଥିବା ଗାଁର ତାଲିକା ବେଶ୍ ଲମ୍ବା। ସବୁଠାରୁ ବଡ଼କଥା ହେଲା, ଗାଁରେ ମୋବାଇଲ ସେବା ନଥିବାରୁ ଝିଅ ବିବାହ ଦେବାକୁ ଲୋକେ ଅମଙ୍ଗ ହେଉଥିବା ଅଭିଯୋଗ ହୋଇଛି। ସିନ୍ଦୂରଖୋଳ ଗାଁର ଶ୍ରୀକାନ୍ତ ସାହୁ କହିଛନ୍ତି, ଏବେ ବି ତାଙ୍କ ଗାଁ ଯୁବକଙ୍କୁ ଝିଅ ବିବାହ ଦେବାକୁ ଆଗ୍ରହ ଦେଖାଉନାହାନ୍ତି। ବଲଙ୍ଗ ଗାଁର ସୁଶାନ୍ତ ପ୍ରଧାନ ମଧ୍ୟ ସମାନ କଥା କହିଛନ୍ତି। ଏବେ ସରକାର ସବୁ କାମ ପାଇଁ ଅନ୍‌ଲାଇନରେ ଆବେଦନ କରିବାକୁ କହୁଛନ୍ତି। କିନ୍ତୁ, ଯେଉଁଠି ଇଣ୍ଟରନେଟ୍ ସୁବିଧା ନାହିଁ ସେଠାରେ ବିକଳ୍ପ ବ୍ୟବସ୍ଥା କରାଯାଉନି। ଫଳରେ ଲୋକମାନେ ବିଭିନ୍ନ କାମ ପାଇଁ ୧୦ରୁ ୩୦ କିମି ପର୍ଯ୍ୟନ୍ତ ଯାଉଛନ୍ତି। ସେହିପରି ପାଠପଢ଼ା, ସରକାରୀ ଚାକିରି ଆବେଦନ, ରେଜଲ୍ଟ ଦେଖିବା, ଦର ଦେଖିବା, ଚାଷୀଙ୍କ ଯୋଜନା ନେଇ ଆବେଦନ, ଆଧାର, ରାସନ କାର୍ଡ, ଜନ୍ମ ପ୍ରମାଣପତ୍ର, ଭୂଲେଖ ଇତ୍ୟାଦି କାମ ହୋଇପାରୁନାହିଁ। ସେପଟେ ସାରା ବିଶ୍ୱ ଇଣ୍ଟରନେଟ ଦିବସ ପାଳନ କରୁଥିବା ବେଳେ ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଏପରି ବିକଳ ଚିତ୍ର ଦେଖିବାକୁ ମିଳୁଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା କହିଛନ୍ତି, ବିଭିନ୍ନ ଟେଲିକମ୍ ସଂସ୍ଥା ସହିତ ଯୋଗାଯୋଗ କରି ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

‘ଗୁରୁ ଦେବପ୍ରସାଦ ଦାସ ପୁରସ୍କାର ଉତ୍ସବ’

ନୃତ୍ୟରେ ପ୍ରେମର ଗଭୀରତା ଓ ନିୟତିର ଜଟିଳ ଆହ୍ୱାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



‘ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନ୍’ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏକାଦଶ ‘ଗୁରୁ ଦେବପ୍ରସାଦ ଦାସ ପୁରସ୍କାର ଉତ୍ସବ’ର ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ ସଂରଚନା ଓ ଦଳଗତ ନୃତ୍ୟର ଅପୂର୍ବ ସମାହାର ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ଅନୁଷ୍ଠାନର କଳାକାରମାନେ ‘ହରି-ହର ମଙ୍ଗଳାଚରଣ’ ପରିବେଷଣ କରିଥିଲେ। ଏହା ପରେ ମାଲେସିଆର ଆଙ୍ଗିକ୍ ଫାଇନ୍ ଆର୍ଟସ ପକ୍ଷରୁ ‘ଗଙ୍ଗା ତରଙ୍ଗ’ ପରିବେଷଣ କରାଯାଇଥିଲା। ଗୁରୁ ବିପଞ୍ଚି ଦାସଙ୍କ ନୃତ୍ୟ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ନୃତ୍ୟ ଦେବପ୍ରସାଦ ଦାସ ପରମ୍ପରାର ଅନ୍ତର୍ଜାତୀୟ ପ୍ରଚାରପ୍ରସାରକୁ ଉପସ୍ଥାପିତ କରିଥିଲା। ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ‘ନିୟୁ ଡ୍ୟାନ୍ସ ପ୍ରତଜ୍ଞନ’ ପକ୍ଷରୁ ‘ପ୍ରେମର ଅଭିଜ୍ଞାନ’। ଶିଳ୍ପୀ ଦୁଷ୍ମନ୍ତ ସ୍ୱାଇଁ ଓ ଅରୁଦୀପ୍ତା ସ୍ୱାଇଁଙ୍କ ଦ୍ୱାରା ପରିବେଷିତ ଏହି ଯୁଗଳ ନୃତ୍ୟରେ ପ୍ରେମ, ବିଚ୍ଛେଦ ଓ ନିୟତିର ଚିରନ୍ତନ ଭାବନାକୁ ଅଭିବ୍ୟକ୍ତ କରାଯାଇଥିଲା। ରାଜା ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ଅମର ପ୍ରେମ କାହାଣୀକୁ ଆଧାର କରି ଏହି ପ୍ରସ୍ତୁତି ପ୍ରେମର ଗଭୀରତା, ବିରହର ବେଦନା ଓ ନିୟତିର ଜଟିଳତାକୁ ଉପସ୍ଥାପନ କରିଥିଲା। ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ନମିତା ରାୟଙ୍କ ତତ୍ତ୍ୱାବଧାନରେ ଦଳଗତ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସମ୍ପାଦିକା ନୃତ୍ୟଗୁରୁ ବିପଞ୍ଚି ଦାସ ଉତ୍ସବର ପରିଚାଳନା କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ଗୋପାଳକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ନୀତା ବହିଦାର, ଗୁରୁ ଦେବପ୍ରସାଦ ଦାସଙ୍କ ପତ୍ନୀ ଜିତାରାଣୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ତୃଷାର୍ତ୍ତ ଜୁଆଙ୍ଗଙ୍କୁ ପସନ୍ଦ ଝରଣା ପାଣି

କାଳିଆପାଣି, ନ୍ୟୁଜ ବ୍ୟୁରୋ

ଏବେ ବି ଝରଣା ପାଣିକୁ ସିଧା ମୁହଁ ଲଗେଇ ପିଉଛନ୍ତି। କୋଳରେ ବଢ଼ୁଥିବା ନିଜ ପିଲାଛୁଆଙ୍କୁ ବି ପିଆଉଛନ୍ତି। ପାହାଡ଼ରୁ ଝରୁଥିବା ନିର୍ଦ୍ଦିଷ୍ଟ କିଛି ଝରଣା ପାଣି ପିଇବାକୁ ପସନ୍ଦ କରିଥାନ୍ତି ଜୁଆଙ୍ଗ ଜନଜାତି। ଉପର ନଗଡ଼ାର ଅଙ୍ଗନବାଡ଼ି କର୍ମୀ କମଳା ପ୍ରଧାନ ଚାଲିଚାଲି ଗୁହିଆଶାଳ ଯିବା ବାଟରେ ଶିଶୁପୁତ୍ର ଅଭି(୫)ଙ୍କୁ କୋଳରୁ ଓହ୍ଲାଇ ତାକୁ ଏକ କେନ୍ଦୁ ପତରରେ ପାଣି ପିଆଉଥିଲେ।ପରେ ନିଜେ ସେହି ଝରଣାରୁ ପତ୍ର ଠୋଲାରେ ପାଣି ପିଇଥିଲେ। ତଳ ମୁଣ୍ଡରୁ ତାଙ୍କ ସ୍ୱାମୀ ବିକା ପ୍ରଧାନ, ଶାଶୂ ଗୁଲୁରି ପ୍ରଧାନ ଓ ପଡ଼ୋଶୀ ମଙ୍ଗୁଳି ପ୍ରଧାନ ସିଧାସଳଖ ଝରଣା ପାଣିରେ ମୁହଁ ଲଗାଇ ଶୋଷ ମେଣ୍ଟାଇଥିଲେ। ଶୋଷ ବେଳେ ଏହାକୁ ପେଟେ ପିଇଦେଲେ ଶାନ୍ତି ମିଳିଥାଏ। ଥକ୍କା ମେଣ୍ଟିଯାଏ କହିଥିଲେ। ଜଣେ ଅଙ୍ଗନବାଡ଼ି କର୍ମୀ ଭାବେ ଏମିତି ଖୋଲାମେଲା ପାଣି ଧାରରୁ ସିଧା ସଳଖ ପାଣି ପିଇବା ଓ ନିଜ ଛୁଆକୁ ପିଆଇବା ଦେଖି ପଚାରିବାରେ ସେ ନିଜ ସପକ୍ଷରେ ଅକାଟ୍ୟ ଯୁକ୍ତି କରିଥିଲେ।

ବରଗଡ଼ ଉପରେ ‘ଅର୍ଣ୍ଣବ’ର ପ୍ରହାର, ବିଲରେ ଲୋଟିଲା ପାଚିଲା ଧାନ : ଚିନ୍ତାରେ ଚାଷୀ

ବରଗଡ଼, ନ୍ୟୁଜ ବ୍ୟୁରୋ

ରାଜ୍ୟର ଭାତହାଣ୍ଡି ବରଗଡ଼ ଜିଲ୍ଲା ଉପରେ ‘ଅର୍ଣ୍ଣବ’ର ପ୍ରହାର । ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣବର୍ଷା ଓ ପବନରେ ବିଲରେ ଲୋଟିପଡ଼ିଛି ଅମଳକ୍ଷମ ଧାନ। ଅମଳ ଆରମ୍ଭର ଦୁଇ ସପ୍ତାହ ପୂର୍ବରୁ ଏଭଳି ଦୁର୍ବିପାକ ଚାଷୀ ମୁଣ୍ଡରେ ଚଡ଼କ ପକାଇଛି । ପାଚିଲା ଧାନ କେଇଘଣ୍ଟା ପାଣିରେ ବୁଡ଼ି ରହିଲେ ନଷ୍ଟ ହେବା ଓ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଚାଷୀକୁଳ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି । ବରଗଡ଼ ସଦର ବ୍ଲକ ସମେତ ସୋହେଲା, ଭଟଲି, ଅମ୍ବାଭୋନା, ବିଜେପୁର, ଅତାବିରା, ଭେଡ଼େନ, ଝାରବନ୍ଧ, ଗାଇସିଲାଟ ବ୍ଲକରେ ବର୍ଷା ଜାରି ରହିଛି । ତୁହାକୁ ତୁହା ପବନ ଝଟକାରେ ଅଧିକାଂଶ ସ୍ଥାନରେ ଫଳନ୍ତି ଧାନ ଗଛ ଜମିରେ ଶୋଇପଡ଼ିଛି । ଅନେକ ସ୍ଥାନରେ ଧାନ କାଟି ଜମିରେ ପଡ଼ିଥିଲା । ଖଳାକୁ ଆସିବା ଆଗରୁ ସେସବୁ ଭିଜିଯାଇଛି । ବର୍ଷା ଓ ପବନରେ ଗଛରୁ ଧାନ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । ଆହୁରି ବର୍ଷା ଆଶଙ୍କା ଥିବାରୁ ବ୍ୟାପକ କ୍ଷତି ହେବା ଆଶଙ୍କାରେ ଅତଙ୍କିତ ହୋଇପଡ଼ିଛନ୍ତି ଚାଷୀ । ଚାଷୀଙ୍କ କହିବା କଥା, ଲଗାଣବର୍ଷାରେ ଧାନ ଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି । ପରିବା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ । ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ପଶ୍ଚିମ ଓଡ଼ିଶାରେ ମରୁଡ଼ି କ୍ଷତି ପାଇଁ କ୍ଷତିପୂରଣ ପ୍ରାବଧାନ ରହିଛି । କିନ୍ତୁ ବାତ୍ୟା ପାଇଁ କିଛି ପ୍ରବଧାନ ନାହିଁ । ଏଭଳି ସ୍ଥିତିରେ ଇନପୁଟ ସବ୍‌ସିଡି ଓ ପ୍ରଧାନମନ୍ତ୍ରୀ ଫସଲବୀମା ହିଁ ଚାଷୀଙ୍କ ସାହାରା ହୋଇପାରେ । ସଙ୍ଗଠନ ତରଫରୁ ପଞ୍ଚାୟତୱାରୀ ସର୍ଭେ କରି ପରବର୍ତ୍ତୀ ପଦକ୍ଷେପ ବିଷୟରେ ଚିନ୍ତା କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଏ ନେଇ ଜିଲ୍ଲା କୃଷି ବିଭାଗ ଅଧିକାରୀ ଡ. ଅଞ୍ଜନ କୁମାର ନାୟକ କହିଛନ୍ତି, ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ବାତ୍ୟା ପାଇଁ କୃଷି ବିଭାଗ ତରଫରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ଅଧିକାରୀ ଓ କର୍ମଚାରୀମାନେ ଦିନସାରା ନିଜ ଅଞ୍ଚଳରେ ଯାଞ୍ଚ ଜାରି ରଖିଛନ୍ତି । ଗୁରୁବାର ଚୂଡ଼ାନ୍ତ ରିପୋର୍ଟ ମିଳିବା ପରେ କ୍ଷୟକ୍ଷତି ଚିତ୍ର ସ୍ପଷ୍ଟ ହୋଇଛି । ଚାଷୀଙ୍କୁ କ୍ଷୟକ୍ଷତି ବିଷୟରେ ‘କୃଷି ରକ୍ଷକ ପୋର୍ଟାଲ’ରେ ତଥ୍ୟ ଅପଲୋଡ୍ କରିବା ସହିତ ଦେୟମୁକ୍ତ ନମ୍ବରରେ ଫୋନ କରି ଅବଗତ କରାଇବାକୁ କୁହାଯାଇଛି । ସେମାନଙ୍କ ତଥ୍ୟ ଆଧାରରେ ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡ. ନାୟକ ସୂଚନା ଦେଇଛନ୍ତି ।

ବିଜେପି ମିଡ୍ ଟାଉନ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ରାଉରକେଲା , ନ୍ୟୁଜ୍ ବ୍ୟୁରୋ

ରାଉରକେଲା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ମିଡ୍ ଟାଉନ ମଣ୍ଡଳର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ଦିଲ୍ଲୀପ ସିଂ ଙ୍କ ଅଧ୍ୟକ୍ଷତାରେ ରାଉରକେଲାର ହରିୟାଣା ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଅତିଥି ବୃନ୍ଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମୂହିକ ବନ୍ଦେ ମାତରଂ ଗାନ ପରେ ବୈଠକ ପ୍ରାରମ୍ଭ ହୋଇଥିଲା। ମଣ୍ଡଳ ସଭାପତି ତାଙ୍କ ସ୍ୱାଗତ ଭାଷଣରେ ବୈଠକର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସଂଗଠନକୁ ସକ୍ରିୟ, ସୁଦୃଢ଼ ଓ ଶକ୍ତି ଶାଳୀ କରିବାକୁ ପରାମର୍ଶ ଦେଇଥିଲେ । ମଞ୍ଚାସୀନ ରାଜ୍ୟ ମୁଖପାତ୍ର ତଥା ମୁଖ୍ୟ ବକ୍ତା ଧିରେନ ସେନାପତି, ଜିଲ୍ଲା ଉପସଭାପତି ତଥା ମଣ୍ଡଳ ପ୍ରଭାରୀ ପଦ୍ମିନୀ ଦାଶ, ରାଜ୍ୟ ଅଳ୍ପସଂଖ୍ୟକ ସଭାପତି ଗୁରବିନ୍ଦର ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜିତ ନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ, ପୂର୍ବତନ ନଗରପାଳ କାଳନ୍ଦୀ ବଡ଼ଜେନା, ପୂର୍ବତନ ମଣ୍ଡଳ ସଭାପତି କେଦାର ମହାନ୍ତି, ରାଉରକେଲା ବିଧାନସଭା କ୍ଷେତ୍ରର ଆଇଟି ସେଲ ସଂଯୋଜକ ବିରେନ ପତି, ମଣ୍ଡଳ ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ରାୟ, ରାଉରକେଲା ବିଧାନସଭା କ୍ଷେତ୍ର ଆଇଟି ସେଲ -କୋଡିନେଟର ରିସୁ ଗୁପ୍ତା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ କିଶୋର ମହାନ୍ତି, ପୂର୍ବତନ ଜିଲ୍ଲା କୋଷାଧ୍ୟକ୍ଷ ମନୋଜ ମାହେଶ୍ୱରୀ ମଞ୍ଚାସିନ ନେତୃବୃନ୍ଦ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନାକୁ ଜନତାଙ୍କ ପାଖରେ ପହଞ୍ଚାଇବା ସହିତ ସଂଗଠନକୁ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟରେ ବିଜେପି ସରକାର ଗଠନ ହେଲେ ରାଉରକେଲା ମହାନଗର ନିଗମର ବହୁବର୍ଷ ଧରି ସ୍ଥଗିତ ଥିବା ନିର୍ବାଚନକୁ ଶୀଘ୍ର କରିବାକୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହାର ଘୋଷଣା ହୋଇ ଥିବାରୁ ଏହି ବୈଠକରେ ରାଜ୍ୟ ସରକାର ଓ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇ ଥିଲା । ଏହି ବୈଠକର ଗଙ୍ଗାଧର ଦାସ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ମଣ୍ଡଳ ସାଧାରଣ ସମ୍ପାଦକ ଅଭୟ ବେହେରା।

ଜାତୀୟ ସୁରକ୍ଷା ପାଇଁ ଷ୍ଟାରଲିଙ୍କ କମ୍ପାନୀ ବିରୁଦ୍ଧରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ



ଦେଶର ଜାତୀୟ ସୁରକ୍ଷା ପାଇଁ ଆମେରିକାର ଷ୍ଟାରଲିଙ୍କ କମ୍ପାନୀ ବିରୁଦ୍ଧରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଭାରତର ଜାତୀୟ ସୁରକ୍ଷା, ତଥ୍ୟ ସାର୍ବଭୌମ୍ୟତା, ନାଗରିକଙ୍କ ଗୋପନୀୟତା ଓ ସ୍ୱଦେଶୀ ଟେଲିକମ ଶିଳ୍ପର ସ୍ୱାର୍ଥ ଦୃଷ୍ଟିରୁ ଆମେରିକାର ଷ୍ଟାରଲିଙ୍କ ସାଟେଲାଇଟ କମ୍ୟୁନିକେସନ୍ସ ପ୍ରାଇଭେଟ ଲିମିଟେଡ଼ କମ୍ପାନୀକୁ ଭାରତରେ ଉପଗ୍ରହ ଭିତ୍ତିକ ଇଣ୍ଟରନେଟ ସେବା ପ୍ରଦାନ ଅନୁମତି ନ ଦେବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ କେନ୍ଦ୍ରାପଡ଼ା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସହ ସଂଯୋଜକ ପ୍ରଭାତ କୁମାର ମହାନ୍ତିଙ୍କ ନେତୃତ୍ୱରେ ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ, ଜିଲ୍ଲା ପୂର୍ଣ୍ଣକାଳିକ ରଶ୍ମି ରଞ୍ଜନ ସେଠୀ, ଜ୍ଞାନରଞ୍ଜନ ପ୍ରଧାନ, ଅଶ୍ୱିନୀ କୁମାର ବେହେରା, ଅନନ୍ତ ଗୋପାଳ ସାହୁ,ଜିତେନ୍ଦ୍ର ତ୍ରିପାଠୀ, ଜୀବନ ପ୍ରଦୀପ ଜେନା,ଲୋକନାଥ ଦାସ, ସସ୍ମିତା ସାହୁ ପ୍ରମୁଖ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।ସାମ୍ବାଦିକଙ୍କ ପ୍ରଶ୍ନରେ ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ କହିଲେ ଯେ, ଆମେରିକାର ଆଲନ ମସ୍କଙ୍କ ଷ୍ଟାରଲିଙ୍କ କମ୍ପାନୀକୁ ଇଣ୍ଟରନେଟ ସେବା ଯୋଗାଇବା ଅନୁମତି ଦିଆଗଲେ ଦେଶର ଜାତୀୟ ସୁରକ୍ଷା ଓ ରଣନୈତିକ ସାର୍ବଭୌମ୍ୟତା ପ୍ରତି ସମ୍ଭାବ୍ୟ ବିପଦ ସହିତ ଭାରତୀୟ ନାଗରିକଙ୍କ ତଥ୍ୟର ସୁରକ୍ଷା ଓ ଗୋପନୀୟତା ପ୍ରଭାବିତ ହେବ। ଏଥି ସହିତ ବିଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ଦେଶର ରଣନୈତିକ ନିର୍ଭରଶୀଳତା ବୃଦ୍ଧି ହେବା ସହିତ ବିଦେଶୀ କମ୍ପାନୀର ମନମାନି ବଢ଼ିଯିବ।ବର୍ତ୍ତମାନ ମଧ୍ୟ ଆମ ଦେଶରେ ଇଣ୍ଟର୍ନେଟ ସେବାରେ କୌଣସି ଅସୁବିଧା ନ ଥିବା ସତ୍ତ୍ୱେ ଯଦି ଷ୍ଟାରଲିଙ୍କକୁ ଦାୟିତ୍ୱ ଦିଆଯାଏ ତେବେ ସ୍ୱଦେଶୀ ଟେଲିକମ ଶିଳ୍ପ ଓ ଜନସାଧାରଣଙ୍କ ଦୀର୍ଘମିୟାଦୀ ସ୍ୱାର୍ଥରେ ଅନ୍ତରାୟ ସୃଷ୍ଟି ହେବ ବୋଲି ମତବ୍ୟକ୍ତ କରିଥିଲେ।

ପ୍ରଶାସନରୁ ଦୁର୍ନୀତି ମୂଳୋତ୍ପାଟନ ପାଇଁ ଆହ୍ୱାନ

ବୌଦ୍ଧ, ନ୍ୟୁଜ ବ୍ୟୁରୋ



ଜିଲ୍ଲା ପ୍ରଶାସନ ବୌଦ୍ଧ,ଦୁର୍ନୀତି ନିବାରଣ ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଆଜିଠାରୁ ଆରମ୍ଭ ହୋଇଯାଇଛି। ସୋମବାର ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ କଣ୍ଟାମାଳ ବ୍ଲକ୍‌ରେ ଅନୁଷ୍ଠିତ ଜନଶୁଣାଣୀ ଅଭିଯୋଗ ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ସାଧୁତାର ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ଏ ପି ଡି ଯଦୁମଣି ନାୟକ , ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମହେନ୍ଦ୍ର ସାହୁ, କଣ୍ଟାମାଳ ବି ଡି ଓ ସାକ୍ଷୀ ରେଡ୍ଡୀ ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମସ୍ତ ଡେପୁଟି ଓ ଆସିଷ୍ଟାଣ୍ଟ କଲେକ୍ଟର ବିଭିନ୍ନ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ତହସିଲ, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଓ ଲାଇନ୍ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଏହି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ନେବା ଓ ସ୍ୱଚ୍ଛତାର ସହ ଦାୟିତ୍ୱ ନିର୍ବାହ କରିବା ଏବଂ ଜନସାଧାରଣଙ୍କ ହିତ ସାଧନ ଲାଗି ସମର୍ପିତ ରହିବାକୁ ଶପଥ ନିଆଯାଇଥିଲା। ଡିଏସ୍‌ପି ଭିଜିଲାନ୍ସ ସୁରେଶ କହଁର ଓ ବିଭାଗୀୟ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୦୨ ନଭେମ୍ବର, ୨୦୨୬ ସୋମବାର



ସୀମାନ୍ତ ଗ୍ରାମରେ ହାତୀ ଆତଙ୍କ

ରାଇଘର, ନ୍ୟୁଜ ବ୍ୟୁରୋ

କୁନ୍ଦେଇ ବନବିଭାଗ କାର୍ଯ୍ୟାଳୟ ଅଧୀନରେ ଥିବା ଖୁଡୁକ ପଞ୍ଚାୟତ କଲାରପାରା ଗ୍ରାମ୍ୟ ଜଙ୍ଗଲରେ ହାତୀକୁ ନେଇ ଅଞ୍ଚଳ ବାସୀ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବନବିଭାଗ କହିବା ଅନୁଯାୟୀ ସକାଳ ପ୍ରାୟ ୬ଟା ସମୟରେ ୱାଇଲଡ ଲାଇଫ ଗାର୍ଡ କର୍ମଚାରୀ ପେଟ୍ରୋଲିଙ୍ଗ କରିବା ସମୟରେ ରାଜପୁର ନିକଟରେ ଚାଷ ଜମିରେ ହାତୀ ପାଦ ଚିହ୍ନ ଦେଖିବାକୁ ପାଇଥିଲେ । ଚିହ୍ନ ଦେଖି ଟ୍ରାକ କରି ଜାଣିପିବାକୁ ପାଇଲେ କଲାରପାରା ଗ୍ରାମ୍ୟ ଜଙ୍ଗଲରେ ହାତୀ ଅଛନ୍ତି । କିନ୍ତୁ କେତେଟା ହାତୀ ଆସିଛନ୍ତି ତାହା ଜାଣିବାକୁ ଡ୍ରନ କ୍ୟାମେରା ମଗାଇ ଦେଖିଥିଲେ । ଜଙ୍ଗଲ ଘଞ୍ଚ ହୋଇଥିବାରୁ କିଛି ଜଣାପଡ଼ିନଥିଲା ହାତୀର ସନ୍ଧାନ । ଏହାପରେ ବନବିଭାଗ କର୍ମଚାରୀମାନେ ଜଙ୍ଗଲ ଭିତରକୁ ପ୍ରବେଶ କରି ସନ୍ଧ୍ୟା ପ୍ରାୟ ୬.୩୦ମିନିଟରେ ଜଙ୍ଗଲ ମଧ୍ୟରେ ଥିବା ପୋଖରୀ ନିକଟରେ ତିନୋଟି ହାତୀ ଦେଖିବାକୁ ପାଇଥିଲେ । ଏହାପରେ ବାଣ ଫୁଟାଇ ଶବ୍ଦ କରି ହାତୀ ତିନୋଟି ଛତିଶଗଡ଼ ଜଙ୍ଗଲକୁ ଚିଡେଇପାଣି ଦେଇ ଗୋଡ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ହାତୀ ତିନୋଟି ନଯାଇ ପୁଣିଥରେ କଲାରପାରା ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ । ବର୍ତ୍ତମାନ ସୁଦ୍ଧା ହାତୀ ତିନୋଟି ଜଙ୍ଗଲରେ ଥିବାବେଳେ ବନବିଭାଗ କର୍ମଚାରୀମାନେ ଜଙ୍ଗଲକୁ ଚାରିପଟୁ ଘେରି ରହିଥିବା ଭବାନୀ ବିଶୋଇ ପ୍ରକାଶ କରିଛନ୍ତି। କୁନ୍ଦେଇ ଫରେଷ୍ଟର ପର୍ଶୁ ହରିଜନ, ରାଇଘର ଫରେଷ୍ଟର ଅନିରୁଦ୍ଧ ବିଶ୍ୱାଳ, ଦିପକ ପ୍ରଧାନ, ବୈକୁଣ୍ଠ ପ୍ରଧାନ, ବୁଧେଶ୍ୱର ପ୍ରଧାନଙ୍କ ସମେତ ରାଇଘର ରେଞ୍ଜର ସମସ୍ତ କର୍ମଚାରୀ ନିୟୋଜିତ ଥିବା ବେଳେ ଖୁଡୁକ ସରପଞ୍ଚ ଦୟାନନ୍ଦ ଗଣ୍ଡ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ବର୍ତ୍ତମାନ ମକା, ଧାନ ଅମଳ ସମୟ ତେଣୁ ଖାଦ୍ୟ ଅନ୍ୱେଷଣରେ ହାତୀ ଆସିଥିବା ଅନୁମାନ କରାଯିବା ସହ ବର୍ତ୍ତମାନ ସୁଦ୍ଧା କାହାର କିଛି ଅସୁବିଧା କିମ୍ବା ନଷ୍ଟ କରିନଥିବା ବିଭାଗ ପ୍ରକାଶ କରିଛି ।



ଗଞ୍ଜାମ ବନ୍ୟା ବିଭୀଷିକା: ଜଳ ନିଷ୍କାସନ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ଅବିଶ୍ରାନ୍ତ ସାମୁଦ୍ରିକ ଝଡ଼ ବର୍ଷାରେ ତଥା 'ଅର୍ଣ୍ଣବ' ପ୍ରଭାବରେ ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବାଦଲଫଟା ବର୍ଷାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଗୁରୁତର ପ୍ରଭାବିତ ହୋଇଛି । ବ୍ରହ୍ମପୁର ସହର ସମେତ ପାତ୍ରପୁର, ଧରାକୋଟ, ସାନଖେମୁଣ୍ଡି, ଭଞ୍ଜନଗର, ଶେରଗଡ଼, ଚିକିଟି, ଦିଗପହଣ୍ଡି, ସୋରଡ଼ା, ପୁରୁଷୋତ୍ତମପୁର, ଜଗନ୍ନାଥ ପ୍ରସାଦ ବ୍ଲକ୍‌ରେ ସର୍ବାଧିକ କ୍ଷୟକ୍ଷତି ହୋଇଛି । ବିଶେଷସୂତ୍ରରୁ ପ୍ରକାଶ ଯେ ଗତ ୧୯୯୦ ପ୍ରଳୟଙ୍କରୀ ବନ୍ୟା ୨୦୧୩ ଫାଇଲିନ୍ ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ତା'ର ପୁନରାବୃତ୍ତି ଦେଖିବାକୁ ମିଳିଛି । ଯାହାକି ଗଞ୍ଜାମ ଓ ଗଜପତି ଜିଲ୍ଲା ସର୍ବାଧିରକ କ୍ଷୟକ୍ଷତି ହୋଇଛି । ଫଳରେ ୩୧୮ ପଞ୍ଚାୟତର ୧୦୧୦ ଗ୍ରାମ ଓ ଲକ୍ଷାଧିକ ଲୋକ ଏବେ ମଧ୍ୟ ଜଳବନ୍ଦୀରେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି । ସୂଚନା ମୁତାବକ ରଷିକୁଲ୍ୟା ଜଳଭଣ୍ଡାର, ହରଭଙ୍ଗୀ ଜଳଭଣ୍ଡାର, ଡହ ଜଳଭଣ୍ଡାର (ଭଞ୍ଜନଗର), ବାଘଲଟୀ ଓ ଘୋଡ଼ାହାଡ ଜଳଭଣ୍ଡାରର ଜଳଗ୍ରହଣ କ୍ଷମତା କ୍ଷେତ୍ରରେ ଯେତିକି ଜଳ ରହିବା କଥା ତା'ଠାରୁ ତିନିଗୁଣ ଜଳ ଆଗମନ ଫଳରେ ଜଳଭଣ୍ଡାରର କ୍ଷମତାର ଓଭରଲୋଡ୍ ହେବା ଦୃଷ୍ଟିରୁ ଜଳଭଣ୍ଡାରର ବନ୍ୟାପାଣି ନିଷ୍କାସନ ପାଇଁ ସବୁ ଗେଟ୍ ଏକାଥରକେ ଖୋଲାହେଲା। ବନ୍ୟାଜଳ ନିଷ୍କାସନରେ ସମୟରେ ଜନସାଧାରଣଙ୍କୁ ମାଇକ ମାଧ୍ୟମରେ ସୂଚିତ କରିବାର ଥିଲା ! ହରଭଙ୍ଗୀ ଜଳଭଣ୍ଡାର ଗେଟ୍ ଖୋଲାଯିବା ଯୋଗୁଁ ଏହାର ବନ୍ୟା ଜଳ ପଦ୍ମାନଦୀ ଦେଇ ରଷିକୁଲ୍ୟାରେ ପ୍ରବେଶ ହେବା ଫଳରେ ସୋରଡ଼ା ଅଞ୍ଚଳ ବନ୍ୟା ପ୍ଲାବିତ ହେଲା, ଭଞ୍ଜନଗର ଡହ ଜଳ ଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହୋଇ ଲୋହରାଖଣ୍ଡି (ମାଧବରିଡ଼ା) ହୋଇ ବଡ଼ନଦୀରେ ପ୍ରବେଶ ଫଳରେ ଆସିକା, ଧରାକୋଟ ଅଞ୍ଚଳ ବନ୍ୟାପ୍ଲାବିତ ହେଲା । ସେହିପରି ଘୋଡ଼ାହାଡ ଓ ହରଭଙ୍ଗିର ଅନାଧିକୃତ ବନ୍ୟାଜଳ ନିଷ୍କାସନର ବାଧା ସୃଷ୍ଟି ଫଳରେ ଶେରଗଡ଼ ଓ ଦିଗପହଣ୍ଡି ଅଞ୍ଚଳରେ ବନ୍ୟାଜଳ ସହର ମଧ୍ୟରେ ପ୍ରବେଶ କଲା। ସେହିପରି ବ୍ରହ୍ମପୁର ସହର ଅଞ୍ଚଳକୁ ଦେଖୁବାକୁ ଗଲେ କେରାଣ୍ଡିତୋଳାରୁ ନିଷ୍କାସିତ ବନ୍ୟାଜଳ ଦକ୍ଷିଣପୁର ଜଳଭଣ୍ଡାର ଦେଇ ସାପୁଆ ଓ ଶଙ୍ଖୁଆ କେନାଲରେ ପ୍ରବେଶ ଏବଂ ଗୁଣ୍ଡବନ୍ଧ ଲଙ୍ଗଳ ଦେଇ ଆମ୍ବଗଡ଼ ଅଞ୍ଚଳର ବହିର୍ଭୁତ ଜଳ ବାହାନା ନାଳରେ ପ୍ରବେଶ ଫଳରେ ବ୍ରହ୍ମପୁର ସହରରେ ଥିବୋ ବିଭିନ୍ନରେ ଅଞ୍ଚଳରେ ଦୁଇରୁ ତିନିଫୁଟ ପାଣି ପ୍ରଭାବିତ ହୋଇଥିଲା । ବିନା ସୂଚନାରେ ସମସ୍ତ ଜଳଭଣ୍ଡାର ଅପ୍ରତ୍ୟାଶିତ ଓ ଏକାସଙ୍ଗେ ଜଳ ନିଷ୍କାସନ ଫଳରେ ରଷିକୁଲ୍ୟା ନଦୀ ବନ୍ୟା ଜଳ ବ୍ୟାପକ ଭାବରେ ବୃଦ୍ଧି ପାଇଲା। ତତ୍ ସହିତ ଅନବରତ ପ୍ରବଳ ବର୍ଷା ଫଳରେ ଗଞ୍ଜାମ ଜିଲ୍ଲା ଉବୁଟୁବୁ ହେବା ସହ ଅନେକ ପଞ୍ଚାୟତର ତଳି ଅଞ୍ଚଳ ବର୍ତ୍ତମାନ ସୁଦ୍ଧା ପାଣିଘେରରେ ରହିଛି । ଏହି ପରିପ୍ରେକ୍ଷୀରେ ବହୁ ପ୍ରତୀକ୍ଷିତ ପାଣିପାଗ ପୂର୍ବାନୁମାନ ଓ ଆଗୁଆ ସତର୍କ ସୂଚନା ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଙ୍କିମାରିଛି ? ଗୋପାଳପୁରରେ ଥିବା ସତ୍ତ୍ୱେ ଗଞ୍ଜାମ ବାସୀଙ୍କୁ ଅଘୋଷିତ ବନ୍ୟା ଦେଖିବେକେ ମିଳିଲା, ସେହିପରି ସ୍ୱତନ୍ତ୍ର ରିଲିଫ କମିଶନର ତରଫରୁ ଆଗୁଆ ପାଣିପାଗ ପୂର୍ବାନୁମାନ ଓ ଜନସାଧାରଣଙ୍କୁ ଏବଂ ସତର୍କ ସୂଚନା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଲ ପ୍ରମାଣିତ ହୋଇଛି । ଯାହାକୁ ନେଇ ବିପର୍ଯ୍ୟୟ ପରିଚାଳନା ତରଫରୁ ନିର୍ଦ୍ଦେଶ ହୋଇଥିଲା ଯାହାକି ଗଞ୍ଜାମ ଜିଲ୍ଲାକୁ ୧୫୦ ଏମ୍ଏମ୍ ବର୍ଷା ପୂର୍ବାନୁମାନ କରାଯାଇଥିବା ବେଳେ ଜିଲ୍ଲାରେ ୫୦୦ରୁ ୫୫୦ ଏମ୍ଏମ୍ ତିନିଗୁଣ ଅଧିକା ବର୍ଷା ହୋଇଥିବା ସୂଚନା ମିଳିଛି । ଗଞ୍ଜାମ ଜିଲ୍ଲାକୁ ସ୍ୱତନ୍ତ୍ର ଫୋକସ୍ କରିବା ପରିବର୍ତ୍ତେ ରିଲିଫ କମିଶନର ପ୍ରଶାସନ ମାଲକାନଗିରି ଓ କଳାହାଣ୍ଡିକୁ ଅଧିକ ଗୁରୁତ୍ୱ ଦେଇଥିଲେ । ଏହାକୁ ନେଇ ଗଞ୍ଜାମ ଜିଲ୍ଲା ପାଇଁ ପ୍ରଶାସନ ଯେତିକି ଗୁରୁତ୍ୱ ଦେବା କଥା ତାହା ଦିଆଯାଇନଥିଲା, ଏଥିସହ ଗଞ୍ଜାମ ଜିଲ୍ଲାରେ ଥିବା ବିରଳ କୃଷ୍ଣସାର ମୃଗ ବହୁ ସଂଖ୍ୟାରେ ବନ୍ୟା ଜଳରେ ଭାସିଗଲେ ତା'ର ହିସାବ କିଏ ଦେବ ? ଉପଗ୍ରହ ଦ୍ୱାରା ରାଡ଼ାର ମୁତାବକ ସୂଚନା ଓ ପୂର୍ବାନୁମାନ ଯଦ୍ୱାରା ଜଳବାୟୁ ଓ ପାଣିପାଗ ବିଶାରଦମାନଙ୍କୁ ନେଇ ପ୍ରଶାସନର ଯେଉଁ ଭ୍ରମିତ ସୂଚନା ଟିପ୍ପଣୀ ମିଡ଼ିଆ ମାଧ୍ୟମରେ କରାଯାଉଥିଲା ଏହାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଅସନ୍ତୋଷ ଭାବ ଦେଖାଦେଇଛି । ବ୍ରହ୍ମପୁର ସହରରେ ଥିବୋ ବାହାନା ନାଳ ଓ ସାପୁଆ ନାଳକୁ ଜବରଦଖଲ ଉଚ୍ଛେଦ କରିବା ସହ କଟକ ତାଳଦଣ୍ଡା କେନାଲ ଢ଼ାଞ୍ଚାରେ ଏହି ଦୁଇଟି କେନାଲକୁ ପୁନରୁଦ୍ଧାର, ନବୀକରଣ ଓ ପୂନଃନିର୍ମାଣ କରିବାକୁ ତୁରନ୍ତ ପଦକ୍ଷେପ ନେବା, ରଷିକୁଲ୍ୟା ନଦୀରେ ଅବାଞ୍ଛିତ ବାଲି ନିଷ୍କାସନ ଆଉ ଏକ ମୁଖ୍ୟ କାରଣ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ଗତ ୩୦ ବର୍ଷ ହେଲା ଗଞ୍ଜାମ ଜିଲ୍ଲାରେ ବନ୍ୟା ବିଭିଷିକା ଓ ଜଳ ନିଷ୍କାସନ କିପରି ହୋଇପାରିବ ଏହାକୁ ନେଇ ବିଭିନ୍ନ ସଂଗଠନ ତରଫରୁ ପ୍ରଶାସନକୁ ବହୁବାର ଦାବିପତ୍ର ଦିଆଯାଇଛି, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇନାହିଁ । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରେ ତୁରନ୍ତ ସ୍ୱରେଜ ନିର୍ମାଣ, ବ୍ରହ୍ମପୁର - ଛତ୍ରପୁର-ଗୋପାଳପୁରରେ ଭୂତଳ ବିଦ୍ୟୁତ ସାରାବରାହ ନିମନ୍ତେ କେବୁଲ ବିଛାଯାଉ, ଗୋପାଳପୁର ରାଡ଼ାରକୁ ନିୟମିତ ପୂର୍ଣକ୍ଷମ ଚାଲୁ କରିବ। ବ୍ରହ୍ମପୁର ସହରରେ ଥିରବା ବାହାନା ନାଳ ଓ ସାପୁଆ ନାଳକୁ ଜବରଦଖଲ ଉଚ୍ଛେଦ କରିବା ସହ କଟକ ତାଳଦଣ୍ଡା କେନାଲ ଢ଼ାଞ୍ଚାରେ ଏହି ଦୁଇଟି କେନାଲକୁ ପୁନରୁଦ୍ଧାର, ନବୀକରଣ ଓ ପୂନଃନିର୍ମାଣ କରାଯାଉ । ଗତ କେସ ନମ୍ବର ପି ଏଲ୍ ଏ-୩୫/୨୦୧୧ ମାନ୍ୟବର ହାଇକୋର୍ଟ ୩୨୪ ଦଖଲକାରୀ ବିରୁଦ୍ଧରେ ଆଇନ ଗତ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଗତ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ଓ ସେହିପରି ଆସିକା ସହର ବନ୍ୟା ଦାଉରୁ ମୁକ୍ତି ନିମନ୍ତେ ଝଗଡେଇ - ଗୁଣ୍ଡାପଡ଼ା ମଧ୍ୟରେ ୨୦୦ ଫୁଟ ଚଉଡ଼ାର ରଷିକୂଲ୍ୟା - ବଡନଦୀ ମଧ୍ୟରେ ନଦୀ ସଂଯୋଗୀକରଣ ଅତ୍ୟନ୍ତ ଆବଶ୍ୟକ, ବର୍ତ୍ତମାନ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି । ତାହା ଲକ୍ଷ ଲକ୍ଷ ଚାଷୀଙ୍କର ଚାଷ ଜମି ନଷ୍ଟ ହୋଇଯାଇଛି ।

୭ ବର୍ଷ ପରେ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ

ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

ଗତ ତା ୨୮.୦୬.୨୦୧୯ ରିଖ ପୀଡ଼ିତା ଗୀତା ମୁଣ୍ଡା (୨୮) ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ କିନ୍ତୁ ଘରକୁ ଫେରି ନଥିଲେ। ପରେ ତାଙ୍କର ମୃତଦେହ ବୁଧିଆପାଲି, ମୁଣ୍ଡାପଡ଼ା ଠାରେ ମିଳିଥିଲା। ଯେଉଁଥିରେ ତଣ୍ଟି ଚିପି ହତ୍ୟା କରିବାର ଚିହ୍ନ ଥିଲା। ତଦନ୍ତରୁ ଜଣାପଡିଲା ଯେ ଅଭିଯୁକ୍ତ ଦୁଷ୍କର୍ମ ଓ ହତ୍ୟା କରିଥିଲା। ଏ ନେଇ ଠେଲକୋଲୋଇ ଥାନା କେସ୍ ନଂ. ୧୦୯ ତା ୨୯.୦୬.୨୦୧୯ ଧାରା ୩୦୨/୩୭୬/୨୦୧ ଆଇପିସି ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ବଡ଼ମାଳ ଥାନା ଅନ୍ତର୍ଗତ ପତ୍ରାପାଲି ଗ୍ରାମ ର ଅଭିଯୁକ୍ତ: ରାଜେଶ ମୁଣ୍ଡା (୨୦), ପିତା- ସହଦେବ ମୁଣ୍ଡାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଅଛି । ମାନ୍ୟବର ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜ୍, ସମ୍ବଲପୁର କୋର୍ଟ ଅଭିଯୁକ୍ତକୁ ଧାରା ୩୦୨/୩୭୬/୨୦୧ ଆଇପିସି ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଧାରା ୩୦୨ ଆଇପିସି: ଆଜୀବନ କାରାଦଣ୍ଡ,ଧାରା ୩୭୬ ଆଇପିସି: ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ଧାରା ୨୦୧ ଆଇପିସି: ୫ ବର୍ଷ ସଶ୍ରମ କାରାଦଣ୍ଡ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଗତ ତା. ୨୮.୦୬.୨୦୧୯ ଘଟଣା ଘଟିଥିବା ବେଳେ, ତା.୨୯.୦୬. ୨୦୧୯ରେ ଏଫଆଇଆର ପଞ୍ଜିକୃତ ହୋଇ ତା. ୦୮.୦୭.୨୦୧୯ ଅଭିଯୁକ୍ତ ଗିରଫ ହୋଇଥିଲା । ପରେ ତା. ୩୧.୦୮.୨୦୧୯ ଚାର୍ଜସିଟ୍ ଦାଖଲ ପରେ ସାତ ବର୍ଷ ଦୁଇ ମାସ ପରେ ତା.୩୧.୧୦.୨୦୨୬ ଦିନ ଦୋଷୀ ସାବ୍ୟସ୍ତ ହେଲେ ।

ରାଷ୍ଟ୍ରୀୟ ଏକତାପାଇଁ ପୋଲିସ ପକ୍ଷରୁ ଗଣଦୌଡ

ଧର୍ମଶାଳା, ନ୍ୟୁଜ ବ୍ୟୁରୋ

ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଯାଜପୁର ଜିଲ୍ଲାର ସମସ୍ତ ଥାନା ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଜାରକାଠାରେଅନୁଷ୍ଠିତ ଗଣଦୌଡ଼ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୌଡ କାର୍ଯ୍ୟକ୍ରମ ଜାରକା ବିଟ ହାଉସ ଠାରୁ ଆରମ୍ଭ ହୋଇ ଧର୍ମଶାଳା ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହି ଗଣଦୌଡରେ ସମସ୍ତ ପୋଲିସ କର୍ମଚାରୀ ଓ ଧର୍ମଶାଳା ଡିଫେନ୍ସ ଏକାଡେମୀର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ।

'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ ହେବା ନେଇ ଅନିଶ୍ଚିତତା

ସାଲେପୁର, ନ୍ୟୁଜ

ରାଜ୍ୟରେ ବିଜେପି ସରକାର ଗଠନ ହେବାପରେ ବିକଶିତ ଗାଁ ବିକଶିତ ଓଡିଶା ନାମରେ ଏକ ଯୋଜନା ମଧ୍ୟମରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରୁ ଅନୁଦାନ ଅର୍ଥ ପ୍ରତ୍ୟେକ ପଞ୍ଚାୟତ ପାଇଁ ପଞ୍ଚାୟତ ସମିତି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିଲା। ଏହି ପରିପ୍ରେକ୍ଷୀରେ ସାଲେପୁର ବ୍ଲକ ର ୨୦୨୬-୨୭ ଆର୍ଥିକ ବର୍ଷର ୩୩ଟି ପଞ୍ଚାୟତର ପ୍ରାୟ ୮ କୋଟି ୮୦ ଲକ୍ଷ ଟଙ୍କାର ପ୍ରକଳ୍ପ ଜିଲ୍ଲାପାଳଙ୍କ ମଞ୍ଜୁରୀ ପାଇଁ ଯାଇଥିଲା । ପ୍ରକଳ୍ପ ପ୍ରସ୍ତାବ ଗୁଡିକ ସାଂସଦ ବିଧାୟକ ଏବଂ ସରକାରୀ ଦଳର ନେତା ପ୍ରମୁଖମାନେ ବ୍ଲକ ଓ ଜିଲ୍ଲାପାଳଙ୍କୁ ଦେଇଥିଲେ । ସମସ୍ତ



ତାଲିକାର ଜମିଜମା ମାଲିକାନା ସତ୍ତ୍ୱର ତନଖି ପାଇଁ ଜିଲ୍ଲପାଳ ମଧ ବ୍ଲକ ପ୍ରଶାସନକୁ ଦେଇଥିଲେ, ତନଖି ପରେ ଏହାର ରିପୋର୍ଟ ମଧ ଦିଆଯାଇଥିଲା । ସମସ୍ତ ସ୍ତରରୁ ମିଳିଥିବା ପ୍ରସ୍ତାବ ଗୁଡିକ ପ୍ରାୟ ୧୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ। ସାଲେପୁର ବ୍ଲକର ପଞ୍ଚାୟତମାନଙ୍କ ଜନସଂଖ୍ୟା ତୁଳନାରେ ଏହି ଅନୁଦାନ ଅର୍ଥ ଆବଣ୍ଟନ ହୋଇଥାଏ । ବର୍ତ୍ତମାନ ୮ କୋଟି ୮୦ଲକ୍ଷ ଟଙ୍କା ପ୍ରାପ୍ୟ ହୋଇଥିଲାବେଳ ନେତାଙ୍କ ୧୬ କୋଟି ଟଙ୍କାର ପ୍ରସ୍ତାବ ଆସିଥିବାରୁ ଅନୁଦାନ ମଞ୍ଜୁରୀ ନେଇ କଟକ ଜିଲ୍ଲପାଳ କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ନେତା ମାନଙ୍କ ଜିଦ ଯୋଗୁଁ ଏପରି ଅଚଳବସ୍ଥା ଦେଖାଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟଯେ ରାଜ୍ୟସରକାର ଉକ୍ତ ଯୋଜନାର ପ୍ରକଳ୍ପ ଚୟନ ଓ ମଞ୍ଜୁରୀ କେବଳ ଜିଲ୍ଲାପାଳଙ୍କୁ କ୍ଷମତା ଦେଇଛନ୍ତି । ଆବଶ୍ୟକ ଠାରୁ ଅଧିକ ପ୍ରକଳ୍ପ ତାଲିକା ଆସିଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ଏବଂ ମୁଖ୍ୟ ପ୍ରକଳ୍ପ ଅଣଦେଖା ହୋଇଯିବାର ସମ୍ଭାବନା ଅଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଉ ଆଉ ୪ ମାସ ସମୟ ଥିଲାବେଳେ ପ୍ରକଳ୍ପ ମଞ୍ଜୁରୀ ବିଳମ୍ବ ନେଇ ଅସନ୍ତୋଷ ଦେଖା ଦେଇଛି । ସାଲେପୁର ଅଞ୍ଚଳ ବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ପ୍ରକଳ୍ପ ଗୁଡିକ ଆବଶ୍ୟକତାକୁ ପ୍ରାଥମିକତା ଦେବା ଦିଗରେ ଜିଲ୍ଲପାଳ ଦୃଷ୍ଟି ଦେବାକୁ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଅନୁରୋଧ କରିଛନ୍ତି ।

ଦୀର୍ଘ ବର୍ଷ ଧରି ଭଗ୍ନ ଅବସ୍ଥାରେ ପଡ଼ିରହିଛି ଭଟିଆର ଅଲେଖ ମଠ

ବ୍ୟାସନଗର, ନ୍ୟୁଜ ବ୍ୟୁରୋ

ବ୍ୟାସନଗର ପୌରାଅଞ୍ଚଳ ସହରର ୱାର୍ଡ ନଂ-୧୨ ସ୍ଥିତ ନହକା ରାଧାରମଣ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଭଟିଆ ଅଲେଖ ମଠଟି ଦୀର୍ଘ ଦିନ ଧରି ବହୁ ଅବ୍ୟବସ୍ଥା ଘେରରେ ପଡିରହିଛି । ଦୀର୍ଘ ୪୦ ବର୍ଷର ଘର ହୋଇଥିବାରୁ ଛାତରୁ କଂକ୍ରିଟ ଓ ପାଣି ଗଳିବା ସଂଗେ ସଂଗେ ଚତୁର୍ପାଶ୍ୱ ମଧ ପାଣି ଘେର ରେ ବୁଡି ରହିଛି। ମଠକୁ ଯିବା ଆସିବା ପାଇଁ ଚଲା ରାସ୍ତା ଖଣ୍ଡେ ମଧ ନାହିଁ । ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଛି ।ଘରଟି ସରୀସୃପ ଓ ନାନା ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଯିବା ଆସିବା ମଧ ଅସମ୍ଭବ ହୋଇ ପଡୁଛି। ଏହି ମଠରେ ଦୀର୍ଘ ୪୮ ବର୍ଷ ଧରି ରହି ଆସୁଥିବା ୬୫ ବର୍ଷୀୟା ବୃଦ୍ଧା ମାତା ସତ୍ୟବତି ଦାସ ବହୁ ଦୁଃଖ କଷ୍ଟ ଓ ଭୟ ରେ ଜୀବନ ବିତାଉଛନ୍ତି । ସାହା ଭରସା ତାଙ୍କର କେହି ନାହାନ୍ତି। ମଠକୁ ନିଜେ ଓ ଅଲେଖ ଭକ୍ତ ମାନଙ୍କ ଯାତାୟାତ ଲାଗି ରାସ୍ତାଟିଏ କରିବାକୁ ସୁବିଧା ଦେବା ଲାଗି ମାତା ବାରମ୍ବାର ଅନେକ ଲୋକ ଓ ପ୍ରଶାସନଙ୍କ ପାଖରେ ଦାବି କରିଆସୁଥିଲେ ମଧ କେହି ତାଙ୍କ ଦୁଃଖ ଶୁଣୁନାହାନ୍ତି । ମାତା ମଧ ଦୁଃଖ ଓ କୋହ ଭରା କଣ୍ଠରେ କାନ୍ଦି କାନ୍ଦି ଘର ଓ ରାସ୍ତା ଖଣ୍ଡେ ପାଇଁ ପ୍ରଶାସନ ଓ ବିଧାୟକଙ୍କୁ ଗୁହାରି କରି ଜଣାଇଛନ୍ତି। ଏଭଳି ଦୁଃଖ କଷ୍ଟରେ ଜୀବନ ବିତାଉଥିବା ମାତାଙ୍କ ଉପରେ, କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲାପାଳ ଓ ବ୍ୟାସନଗର ପୌର ପରିଷଦର ନଗରପାଳ ସୁବାସ ଚନ୍ଦ୍ର ବଳ ଦୃଷ୍ଟି ଦେବାକୁ ମାତା ସତ୍ୟବତୀ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି ।



ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

କାର୍ଯ୍ୟରେ ଜନସେବାର ମନୋଭାବ ରହିଲେ ହିଁ ପ୍ରକୃତ ଗଣତନ୍ତ୍ର ସଫଳ ହୋଇଥାଏ : ଜିଲ୍ଲାପାଳ

ଯାଜପୁର, ନ୍ୟୁଜ ବ୍ୟୁରୋ

ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଡି.ଆର.ଡି.ଏ. ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ବିଶାଳ ସଚେତନତା ରାଲି ବାହାରି ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା । ଏହି ରାଲିରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ସଭାରେ ଜିଲ୍ଲାପାଳ ଅମ୍ବର କୁମାର କର, ସଦର ଏସ.ଡି.ପି.ଓ. ପ୍ରଶାନ୍ତ କୁମାର ମାଝୀ, ଭିଜିଲାନ୍ସ ଡି.ଏସ.ପି. ସୁଶୀଲ କୁମାର ଏକ୍କା, ଭିଜିଲାନ୍ସ ଡି.ଏସ.ପି. ଶ୍ରୀମତୀ ସୁଲୋଚନା ନାଏକ ଏବଂ ଅତିରିକ୍ତ ସି.ଡି.ଓ.



ଲମ୍ବୋଦର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଭାରତର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଦେଶର ଏକତା ବଜାୟ ରଖିବା ପାଇଁ 'ଏକତା ଶପଥ' ପାଠ କରିଥିଲେ। ଏହାସହିତ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଗଠନ ପାଇଁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା 'ଦୁର୍ନୀତି ନିବାରଣ ଶପଥ' ମଧ୍ୟ ପାଠ କରାଯାଇଥିଲା, ଯେଉଁଥିରେ ଉପସ୍ଥିତ ସମସ୍ତ ଅଧିକାରୀ ଶପଥ ଗ୍ରହଣ କରିଥିଲେ। ସଭାରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ, ସରକାରୀ ଅଧିକାରୀମାନଙ୍କ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଏବଂ ଜନସେବାର ମନୋଭାବ ରହିଲେ ହିଁ ପ୍ରକୃତ ଗଣତନ୍ତ୍ର ସଫଳ ହୋଇଥାଏ। ଆମେ ସମସ୍ତେ ଜନସାଧାରଣଙ୍କ ସେବା ପାଇଁ କାର୍ଯ୍ୟ କରୁଛୁ ଏବଂ ଆମର ନିଷ୍ପାପର ପରିଶ୍ରମ ଲୋକଙ୍କ ଜୀବନଧାରଣକୁ ସହଜ ଓ ସୁନ୍ଦର କରିଥାଏ। ଯେକୌଣସି କାର୍ଯ୍ୟ ଆରମ୍ଭ କରିବା ସମୟରେ ନିଜର ନୈତିକତା ଓ ସଦାଚାର ବଜାୟ ରଖିବା ନିତାନ୍ତ ଆବଶ୍ୟକ। ସେହିପରି ଭିଜିଲାନ୍ସ ଡି.ଏସ.ପି. ସୁଶୀଲ କୁମାର ଏକ୍କା ନିଜ ବକ୍ତବ୍ୟରେ ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୮ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି। ବର୍ଷର ଆହୁରି ଦୁଇ ମାସ ବାକି ଥିବାରୁ ଦୁର୍ନୀତି ନିବାରଣ କ୍ଷେତ୍ରରେ ଆମର ଏହି ଅଭିଯାନ ଆହୁରି ଜୋରଦାର ହେବ। ଏହାସହିତ ସେ ଦୁର୍ନୀତିର ୯ଟି ମୁଖ୍ୟ ପ୍ରକାର—ଲାଞ୍ଚ କାରବାର, ଅର୍ଥ ଆତ୍ମସାତ୍, ସମ୍ପର୍କୀୟ ପ୍ରୀତି (ନେପୋଟିଜିମ୍), ପ୍ରିୟାପ୍ରୀତି ତୋଷଣ, ଜୋରଜବରଦସ୍ତ ଆଦାୟ (ଏକ୍ସଟୋରସନ୍), ଅନୈତିକ ଲାଭ, ପ୍ରତାରଣା/ଠକେଇ, ଅନୁଗ୍ରହ ପୋଷଣ ଏବଂ କ୍ଷମତାର ଅପବ୍ୟବହାର ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ସଭାରେ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପ-ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିନାଶ ସାଗର ମଞ୍ଚ ପରିଚାଳନା କରିଥିଲେ।


ପତଞ୍ଜଳି ଯୋଗ ସମିତିର ୩ଟି ଯୋଗ କେନ୍ଦ୍ର ଉଦ୍ଘାଟିତ

ରାଉରକେଲା, ନ୍ୟୁଜ୍

ସୁନ୍ଦରଗଡ ଜିଲ୍ଲା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଜିଲ୍ଲା ବିସ୍ତାରକ ତଥା ବରିଷ୍ଠ ଯୋଗ ଶିକ୍ଷକ ଶରତ ଚନ୍ଦ୍ର ଦାସ ଏବଂ ଯୋଗ ଶିକ୍ଷକ ପ୍ରଫୁଲ୍ଲ ପାତ୍ରଙ୍କ ସଂଯୋଜନାରେ ୩ଟି ନୂତନ ଯୋଗ କେନ୍ଦ୍ରର ଶୁଭ ଉଦଘାଟନ ଅଙ୍କୁର ମାର୍ଥା କରିଥିଲେ । ଏହି ନୂତନ ଯୋଗ କେନ୍ଦ୍ର 'କୋଏଲ ନଗର ସ୍ଥିତ ବି ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିବାବେଳେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ପ୍ରତ୍ୟୁଷ ଚନ୍ଦ୍ର ସ୍ୱାଇଁ, ମମତା ଦାସ ଓ ରାଜଶ୍ରୀ ପରିଡା। ଦ୍ୱିତୀୟ କେନ୍ଦ୍ର କୋଏଲ ବିଦ୍ୟାପୀଠ, ସେକ୍ଟର -୨୦ରେ ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିବା ବେଳେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ପି. ପ୍ରଫୁଲ ପାତ୍ର, ମିତାରାଣୀ ଦାସ, ମମତା ସାହୁ ଓ ପ୍ରଭାତୀ ଦାସ । ସେହିପରି ତୃତୀୟ ନୂତନ କେନ୍ଦ୍ର 'ମିଶ୍ର ଖଟାଲ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସେକ୍ଟର -୨୦ରେ ପ୍ରଧାନ ଶିକ୍ଷକ ସନ୍ତୋଷ ମଲ୍ଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିବା ବେଳେ, ଏହି ଯୋଗ କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ରମେଶ ଚ ମଞ୍ଜୁଲତା ସାହୁ ଓ ଦୀପ୍ତିମୟୀ ପଲେଇ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମାର୍ଗ ଦର୍ଶନ କରିଥିଲେ ସହ ରାଜ୍ୟ ପ୍ରଭାରୀ ଡ ଅଙ୍କୁର ମାର୍ଥା, ଜିଲ୍ଲା ବି ଏସ ଟି ପ୍ରଭାରୀ ନରେନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଓ ଜିଲ୍ଲା ବିଶ୍ରା ତହସିଲ ପ୍ରଭାରୀ ହେମନ୍ତ କୁମାର ଜେନା । ସମସ୍ତେ ନିରୋଗ ଜୀବନ ଯାପନ କରିବା ପାଇଁ ଯୋଗକୁ ଜୀବନର ଏକ କର୍ମ ଭାବେ ନିରନ୍ତର ପ୍ରୟାସ କଲେ ସୁସ୍ଥ ଜୀବନ, ମସ୍ତିଷ୍କ ବିକାଶ, ଏକାଗ୍ରତା ଓ ବୈଦିକ ବିକାଶ ହୋଇ ସ୍ୱର୍ଗୀୟ ଜୀବନ ଯାପନ କରିବପାରିବେ ବୋଲି ପ୍ରଭାରୀ ବୃନ୍ଦ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୋଗ ଶିକ୍ଷୟତ୍ରୀ ନିବେଦିତା ବେହେରା, ଜ୍ୟୋର୍ତିମୟୀ ପଟେଲ, ସନ୍ତୋଶିନୀ ବିଶ୍ୱାସରାୟ, ସ୍ମୃତି ରେଖା ସାହୁ, ଚମ୍ପାବତୀ ମହନ୍ତଙ୍କ ସମେତ ବହୁ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଯୋଗ ଶିକ୍ଷକ ପି. ପ୍ରଫୁଲ ପାତ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।



ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୯ ୮	୭	ଶ ୬ ଛରା
୧୦ମ ଚ	୯ / ୪	୪
୧୧ ବୃକେ ୧୨	ଶୁବୁରଲ	୩ ୨

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୨।୧୧।୨୦୨୬, କାର୍ତ୍ତିକ ଦ୧୭ନ, ସୋମବାର

ସୂର୍ଯ୍ୟୋଦୟ- ଘ ୫।୪୯।୧୫ ଚନ୍ଦ୍ରୋଦୟ- ରାଘ୧୨।୧୯।୪୧

ଅଷ୍ଟମୀ ଦିଘ ୧।୧୩ ପର୍ଯ୍ୟନ୍ତ। ଅଶ୍ଳେଷା ନକ୍ଷତ୍ର ରାଘ ୩।୪୮ ପର୍ଯ୍ୟନ୍ତ, କର୍କଟ ଚନ୍ଦ୍ର ରାଘ ୩।୪୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । ରାଘ ୩।୪୮ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ଦିଘ ୧।୧୩ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୩ ଗତେ ଦିଘ ୭।୧୮ ମଧ୍ୟେ । ଦିଘ ୮।୫୪ ଗତେ ଦିଘ ୧୧।୦୯ ମଧ୍ୟେ।

ମେଷ: ଚାକିରି କ୍ଷେତ୍ରରେ କାର୍ଯ୍ୟରେ ପ୍ରତିରୋଧର ସମ୍ମୁଖୀନ ହେବେ। ଶତ୍ରୁମାନଙ୍କର ଅନେକ ଚେଷ୍ଟା ସତ୍ତ୍ୱେ ବି ସେମାନେ କିଛି କରିପାରିବେ ନାହିଁ। ପାରିବାରିକ ଜୀବନ ସୁଖମୟ ହୋଇପାରିବ।

ବୃଷ: ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିବ। ଯାନବାହାନ କ୍ରୟ କରିପାରନ୍ତି। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।

ମିଥୁନ: ବ୍ୟବସାୟ ମଧ୍ୟମ ଧରଣର ହେବ। ଏଣୁ ରୋଜଗାରର ମାତ୍ରା କମିଯିବ। ମହିଳାମାନେ ସ୍ୱାର୍ଥପର ହେବେ। ଦେହ ଓ ମନ ଭଲ ରହିବ। ଗୃହେ ସୁଖ ଓ ଆନନ୍ଦର ଲହରୀ ଖେଳିବ।

କର୍କଟ: କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି। ପାରିବାରିକ ସୁଖ ସମ୍ବାଦ ଲାଭ ହେବ। ରୋଜଗାର ମଧ୍ୟମ ଧରଣର ହେବ।

ସିଂହ: ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ପୁରାତନ ରୋଗରୁ ସାମାନ୍ୟ ଉପଶମ ମିଳିପାରେ। ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବ୍ୟୟର ପରିମାଣ ଅଧିକ ହେବ।

କନ୍ୟା: ରୋଜଗାରର ପରିମାଣ ବଢିବ। ଶୁଭ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ନୂତନ ଦାୟିତ୍ୱ ହାତକୁ ନେଇ କାର୍ଯ୍ୟ କରିପାରନ୍ତି। ମାଲି ମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହୋଇପାରେ।

ତୁଳା: ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବେ। ଆୟରେ ଉନ୍ନତି ଦେଖାଦେବ। ପରିବାରରେ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ। ଲୋକପ୍ରିୟତା ବୃଦ୍ଧି ପାଇବ।

ବିଛା: ପରୋପକାର କରି ଆନନ୍ଦିତ ହେବେ। ଯାନବାହାନ ଆଜି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସାହାଜ୍ୟ ଓ ସହଯୋଗ ପାଇବେ। ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ। ରୋଜଗାର ଭଲ ହେବ।

ଧନୁ: ଚାକିରୀ କ୍ଷେତ୍ରରେ ସମ୍ମାନ ଲାଭ ଓ ମାନମର୍ଯ୍ୟାଦା ସିଦ୍ଧି ହେବ। ଦେହ ଓ ମନ ଭଲ ରହିବ। ମହିଳାମାନେ ଆନନ୍ଦମନା ହେବେ। ରୋଜଗାର ସ୍ଥିର ରହିବ। ପାରିବାରି ଜୀବନ ସୁଖମୟ ହେବ।

ମକର: କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ପାରିବାରିକ ଜୀବନରେ ଆନନ୍ଦ ଦେଖାଦେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଶତ୍ରୁ ନାଶ ହୋଇପାରେ। ବ୍ୟୟ ସାମାନ୍ୟ ବଢିବାର ସୂଚନା।

କୁମ୍ଭ: ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଶାନ୍ତି ଲାଭ।

ମୀନ: ବିଚାର ବିମର୍ଷ ହୋଇ କାର୍ଯ୍ୟ କରିବା ଭଲ। ରୋଗରୁ ଆରୋଗ୍ୟ ଲାଭ କରିବେ। ବିବାଦୀୟ ଘଟଣା ଠାରୁ ଦୂରେଇ ରହିବା ଭଲ। ପରିବାରରେ ଆନନ୍ଦର ଲହରୀ ଖେଳିବାର ସୂଚନା।

ତାଲଶ୍ରିଗିଡା ଗ୍ରାମରେ ୬୪ୟୁନିଟ ରକ୍ତ ସଂଗୃହୀତ

ବରଗଡ଼, ନ୍ୟୁଜ ବ୍ୟୁରୋ

ବ୍ଲକ ଅନ୍ତର୍ଗତ ତାଲଶ୍ରିଗିଡା ଗ୍ରାମରେ ଜୀବନ ସଂଯୋଗ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏହି ଶିବିର ରେ ଯୁବ ସରପଞ୍ଚ ରିକନ ସାହୁ ଓ ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। ସାତ ଯୋଡା ଦମ୍ପତିଙ୍କ ସମେତ ସର୍ବମୋଟ ୬୪ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ବର୍ତ୍ତମାନ ବୁର୍ଲା ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଥିବା ବେଳେ ଏହି ସଂଗୃହୀତ ରକ୍ତ ଅନେକ ଅସହାୟ ରୋଗୀଙ୍କୁ ସହାୟକ ହେବ। ନିଷ୍ଠା ପରିବାର ଓ ଜୀବନ ସଂଯୋଗ ପରିବାରର ସଦସ୍ୟ ଓ ତାଲଶ୍ରିଗିଡା ଗ୍ରାମ ବାସୀ ଏହି ଶିବିରର ସୁପରିଚାଳନା କରିଥିଲେ। ପରିଶେଷରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଜୀବନ ସଂଯୋଗ ପରିବାରକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ରାଜ୍ୟରେ ୭,୭୬୫ ନିଯୁକ୍ତି ସୁଯୋଗ

କେମିକାଲ ଏବଂ ପେଟ୍ରୋକେମିକାଲ କ୍ଷେତ୍ରରେ ଦୁଇଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଆରିସ କୋଟିଂ ଟେକ୍ନୋଲୋଜି ୫୦ କୋଟି ଟଙ୍କା ନିବେଶରେ ଖୋର୍ଦ୍ଧାରେ ଏକ ଇଣ୍ଡଷ୍ଟ୍ରିଆଲ ପେଣ୍ଟ୍ ଉତ୍ପାଦନ ୟୁନିଟ୍ କରିବ । ଆଜି ରାଜ୍ୟ ସରକାର ୩,୮୫୫.୩୮ କୋଟି ଟଙ୍କାର ୨୨ ନିବେଶ ପ୍ରସ୍ତାବକୁ ଦେଇଛନ୍ତି ଅନୁମୋଦନ। ମୁଖ୍ୟ ଶାସନ ସଚିବ ଶ୍ରୀମତି ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ୧୫୧ ତମ ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ବୈଠକରେ ଏହି ପ୍ରକଳ୍ପଗୁଡ଼ିକରେ ମୋହର ବାଜିଛି। ଏଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୭,୭୬୫ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ । ୧୨ ଜିଲ୍ଲାରେ ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ପେପର, ପ୍ୟାକେଜିଂ ଏବଂ ପ୍ଲାଷ୍ଟିକ ଶିଳ୍ପ କ୍ଷେତ୍ରରେ ଦୁଇଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯାହା ମାଧ୍ୟମରେ ମୋଟ ୧୦୨୯.୯୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ଅଲିଶା ଟରେଣ୍ଟ କ୍ଲୋଜର୍ସ(ଇଣ୍ଡିଆ) ବଟଲ ପାନୀୟ ପାଇଁ କ୍ୟାପ୍ ଏବଂ କ୍ଲୋଜର ଉତ୍ପାଦନ ଲାଗି ନୟାଗଡ଼ରେ ୫୨୯.୯୧ କୋଟି ଟଙ୍କା ଖଟାଇବ । ସେହିଭଳି ଷ୍ଟାର୍କ ରିଜ୍ ପ୍ରାଇଭେଟ ଲିମିଟେଡ୍ ଖୋର୍ଦ୍ଧାରେ ଏକ ପେପର ଏବଂ ପେପର ପ୍ରଡକ୍ଟ ଉତ୍ପାଦନ ୟୁନିଟ୍‌ରେ ୫୦୦ କୋଟି ନିବେଶ କରିବ । ଜୈବ ଇନ୍ଧନ କ୍ଷେତ୍ରରେ ୩ଟି ପ୍ରମୁଖ କମ୍ପ୍ରେସ୍‌ଡ ବାୟୋଗ୍ୟାସ(ସିବିଜି) ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରେ ମୋଟ ୬୮୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି । ଭାରତୀୟ ତୈଳ ନିଗମ ଅନୁଗୁଳ, ଯାଜପୁର ଏବଂ ସମ୍ବଲପୁରରେ ଏକ ୧୪,୮୫୦ ଟିପିଏ ସିବିଜି ଉତ୍ପାଦନ ୟୁନିଟ୍‌ରେ ୩୬୦ କୋଟି ଟଙ୍କା ନିବେଶ କରିବ । ସେହିଭଳି କିନେଟା ଗ୍ଲୋବାଲ ଲିମିଟେଡ୍‌ର ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କମ୍ପାନି ସୁନ୍ଦରଗଡ଼ରେ ୧୭୦ କୋଟି ଟଙ୍କା ନିବେଶରେ ଏକ ୮,୨୫୦ ଟିପିଏ ସିବିଜି ଫ୍ୟାସିଲିଟି ସ୍ଥାପନ କରିବ । ସେହିଭଳି ଶ୍ରୀ ମେଟାଲିକ୍ସ ବାୟୋ ଏନର୍ଜି ବାଲେଶ୍ୱରରେ ଏକ ୬,୬୦୦ ଟିପିଏ ସିବିଜି ଉତ୍ପାଦନ ୟୁନିଟରେ ୧୫୦ କୋଟି ଟଙ୍କା ନିବେଶ କରିବ । ଇସ୍ପାତ ଡାଉନଷ୍ଟ୍ରିମ୍ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୩ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ପ୍ରସ୍ତାବ ଅନ୍ତର୍ଗତ ସାହା ଷ୍ଟିଲ୍ ସମ୍ବଲପୁରରେ ୭୨.୮୧ କୋଟି ଟଙ୍କା ନିବେଶ କରିବ । ଏମ୍‌ପିଆଇଏଲ୍ ଷ୍ଟିଲ୍ ଷ୍ଟ୍ରକ୍‌ଚର୍ସ ଯାଜପୁରରେ ୨୫,୦୦୦ ଏମ୍‌ଟି କ୍ଷମତାଯୁକ୍ତ ଏକ ହେଭି ଷ୍ଟିଲ୍ ଷ୍ଟ୍ରକ୍‌ଚର ଫାବ୍ରିକେଶନ ପ୍ଲାଣ୍ଟ ସ୍ଥାପନ କରିବ । ଏଥିରେ କମ୍ପାନି ୨୦୦ କୋଟି ଟଙ୍କା ନିବେଶ କରିବ । ସେହିଭଳି ଆର୍ମର ଇଣ୍ଡଷ୍ଟ୍ରିଜ୍ ସୁନ୍ଦରଗଡ଼ରେ ୫୧ କୋଟି ଟଙ୍କା ନିବେଶରେ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହାକି ଷ୍ଟ୍ରକ୍‌ଚରାଲ ଷ୍ଟିଲ୍ ଫାବ୍ରିକେଶନ, ପ୍ଲେଟ୍ ୱାର୍କ, ବ୍ଲାଷ୍ଟ ଫର୍ଣ୍ଣେସ ଉପକରଣ ଆଦି ଉପରେ ଆଧାରିତ ରହିବ । କେମିକାଲ ଏବଂ ପେଟ୍ରୋକେମିକାଲ କ୍ଷେତ୍ରରେ ଦୁଇଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଆରିସ କୋଟିଂ ଟେକ୍ନୋଲୋଜି ୫୦ କୋଟି ଟଙ୍କା ନିବେଶରେ ଖୋର୍ଦ୍ଧାରେ ଏକ ଇଣ୍ଡଷ୍ଟ୍ରିଆଲ ପେଣ୍ଟ୍ ଉତ୍ପାଦନ ୟୁନିଟ୍ କରିବ । ଅନ୍ୟପକ୍ଷରେ, ପ୍ରୋଏକ୍ ଏନର୍ଜି ଭଦ୍ରକରେ ୧୭୫ କୋଟି ଟଙ୍କା ନିବେଶ କରିବ। ଏରୋସ୍ପେସ୍ ଏବଂ ଡିଫେନ୍ସ କ୍ଷେତ୍ରରେ ଖୋର୍ଦ୍ଧାରେ ଦୁଇଟି ପ୍ରକଳ୍ପ ଆସିବ, ଯେଉଁଥିରେ ମୋଟ ୧୧୭ କୋଟି ଟଙ୍କା ନିବେଶ ହେବ । ଷ୍ଟୋନ୍‌ହକ୍ ଟେକ୍ନୋଲୋଜିଜ୍ ୬୫ କୋଟି ଟଙ୍କା ନିବେଶରେ ଡ୍ରୋନ ଏବଂ ଅନ୍‌ମ୍ୟାନଡ ଏରିଏଲ୍ ସିଷ୍ଟମ ପାଇଁ ଏକ ସମନ୍ୱିତ ଉତ୍ପାଦନ ୟୁନିଟ୍ କରିବ । କ୍ଲାସିକ୍ ଟେକ୍ନୋଲୋଜିଜ୍ ଆଣ୍ଡ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ଏକ ସମନ୍ୱିତ ଏରୋସ୍ପେସ୍ ଉତ୍ପାଦନ ଫ୍ୟାସିଲିଟିରେ ୫୨ କୋଟି ଟଙ୍କା ନିବେଶ କରିବ । ଫାର୍ମା କ୍ଷେତ୍ରରେ ଅମ୍ରିତାସ ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍-ୟୁନିଟ୍ ୨ ଖୋର୍ଦ୍ଧାରେ ଏକ ଫାର୍ମା ଉତ୍ପାଦନ ୟୁନିଟ୍‌ରେ ୧୫୨.୬୯ କୋଟି ଟଙ୍କା ନିବେଶ କରିବ । ଲଜିଷ୍ଟିକ୍ସ ଭିତ୍ତିଭୂମି କ୍ଷେତ୍ରରେ ଆରବି ଆବୋଡ୍‌ସ ଗଞ୍ଜାମରେ ଏକ ସମନ୍ୱିତ ଲଜିଷ୍ଟିକ୍ସ ପାର୍କ ସ୍ଥାପନ କରିବ, ଯେଉଁଥିରେ ୨୦୯.୩୫ କୋଟି ଟଙ୍କା ନିବେଶ ହେବ । ହୋଟେଲ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏସବୁ ପ୍ରକଳ୍ପ ଖୋର୍ଦ୍ଧା, ଝାରସୁଗୁଡ଼ା, ପୁରୀ ଏବଂ କଟକରେ ହେବ । ପ୍ରକଳ୍ପ ଅନ୍ତର୍ଗତ ହୋଟେଲ, ଲକ୍‌ଜ୍ୟୁରୀ ରିସର୍ଟ ଏବଂ ଏକ କନ୍‌ଭେନ୍‌ସନ ସେଣ୍ଟର ବିକଶିତ ହେବ । କମ୍ପାନିଗୁଡ଼ିକ ହେଲେ ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍‌ସନ, ସ୍ୱାମୀ ରିସର୍ଟସ, ରୟାଲ ନେଷ୍ଟ ହସ୍ପିଟାଲିଟି, ଶ୍ରୀକ୍ରିଷ୍ଣା ଇଷ୍ଟେଟ୍‌ସ ଆଣ୍ଡ କନଷ୍ଟ୍ରକ୍‌ସନ, କେପି ପ୍ରାଇମ୍ ଆସେଟ୍‌ସ ଏବଂ ମା' ଭଟାରିକା ମିନେରାଲ୍ସ। ପ୍ରକଳ୍ପଗୁଡ଼ିକରେ ମିଳିତ ନିବେଶ ରାଶି ୧,୦୩୫.୬୨ କୋଟି ଟଙ୍କା ରହିଛି । ସେହିଭଳି ଲିଣ୍ଡେ ସାଉଥ୍ ଏସିଆ ସର୍ଭିସେସ୍ ଖୋର୍ଦ୍ଧାରେ ପରିବହନ କାରବାର ଏବଂ ରିମୋଟ ଅପରେସନ୍ସ ପାଇଁ ଏକ ଗ୍ଲୋବାଲ କମ୍ପିଟେନ୍ସି ସେଣ୍ଟର କରିବ । ଏଥିରେ ୮୨ କୋଟି ଟଙ୍କା ନିବେଶ ହେବ ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଶକ୍ତି ଓ ଭକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ସରଳ ରେଖା ଶକ୍ତି ଓ ଭକ୍ତି । କିନ୍ତୁ ଦ୍ରୌପଦୀ ଶକ୍ତିର ସଞ୍ଚାର କରିଥିଲା ତାର କଣ ହେଲା କଣ ସେ ତାର ନିଜ ଶକ୍ତି ଦ୍ୱାରା ବିଜୟ ହାସଲ କରିପାରିଲା ନା ସେ ସେହିଠାରେ ହାରମାନି ପୂର୍ଣ୍ଣ ସମର୍ପଣ ହୋଇ ଦୁଇ ହାତକୁ ଉପରକୁ ଟେକି ଦେଲେ। ମିଳିଗଲା ସବୁ କିଛି ଯୁଗ ଯୁଗ ପାଇଁ ମିଳିଗଲା । ଏହାର ତାତ୍ପର୍ଯ୍ୟ ଶକ୍ତି ଯେଉଁଠି ପରାଜୟ ହୁଏ ଭକ୍ତିର ସେଇଠି ବିଜୟପ୍ରାପ୍ତ ହୁଏ । ତେଣୁ ହେ ଭକ୍ତ ଅଂହକାର ମୁକ୍ତ ହୁଅ । ତୁମେ ସିନା ଦୁବ ହେଲେ ଦାରୁର ଦର୍ଶନ ପାଇବ। ଆଉ ନିଜକୁ ନିଜେ ଯଦି ଦ୍ରୁମ ଭଳି ବ୍ୟବହାର କରିବ ହାତୀର ବା କଣ ହେବ । ଶୁଣ୍ଢ ଟେକି ସେ ଜାଳସବୁ ଭାଙ୍ଗି ଖାଇଯିବ । ତେଣୁ ହେ ମାନବ, ହେ ଭକ୍ତ ହେ ଶିଷ୍ୟ ବେଦ, ପୁରାଣ, ଗୀତା ଏସବୁ ମିଥ୍ୟାନୁହେଁ । ଏହାହିଁ ସତ୍ୟ, ଯୁଗ ଯୁଗ ଧରି ଯେଉଁ ନିର୍ଯ୍ୟାସ ସାଧୁ ସନ୍ଥମାନେ ତୁମ ପାଇଁ ଥୋଇ ଦେଇ ଯାଇଛନ୍ତି ସେହିଁ ଅମୃତର ସନ୍ତାନ ମାନେ ଅମୃତକୁ ଆଧାର କର । ସମୟକୁ ନଷ୍ଟ ନକରି ଭକ୍ତି ପ୍ରେମ ମାର୍ଗରେ ନିଜକୁ ସଜାଇ ଦେଖିବ କେତେ ଆନନ୍ଦ ତୁମେ ତୁମରି ଭିତରୁ ପାଉଛ କେବଳ ତୁମେ ହିଁ ଅନୁଭବ କରିପାରିବ । ହରିଓଁ ।

◆◆

ପେଟରେ ଜୀବନ : ପିଠିରେ ନିନ୍ଦା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ସୃଷ୍ଟିର ଶ୍ରେଷ୍ଠଜୀବ ଏଇ ମଣିଷ, ବୁଦ୍ଧିଆ ମଧ୍ୟ। ନିର୍ବୁଦ୍ଧିଆ ପଣ ତା'ର ବି କିଛି କମ୍ ନୁହେଁ! ସେ ସମାଜ ଗଢ଼େ, ବିଧି ବିଧାନ ପରମ୍ପରା ତିଆରି କରେ। ଶେଷରେ ସେଇଥିରେ ଛନ୍ଦିମନ୍ଦି ହୁଏ, ବନ୍ଧାପଡ଼େ। ଜୀବନ ଶଗଡ଼, କେଁ କଟର ଚାଲେ, କିନ୍ତୁ ସମାଜର ଗୁଳା ଗୋଟିଏ, ଟିକେ ଆଡ଼ବାଙ୍କ ହେଲେ କଥା ସରେ। ଏଣିକି ଦୁର୍ଘଟଣା, ଶୋକ, ତ୍ରାସ, ଯନ୍ତ୍ରଣା। ସମାଜକୁ ମାନିଲେ ସୁନାପୁଅ, ଏଡ଼ିଲେ ସମାଜଛଡ଼ା। ଜୀବନ ସାରା ନିନ୍ଦା, ଅପବାଦ, କଳଙ୍କ। ଝିଅଟିଏ ହେଲେ କଥା ଆହୁରି ଭୟଙ୍କର। କାଳେ କାଳେ ତା'ର ଦୁଃଖ, ହୀନମାନିଆ ଜୀବନ, ଅଧିକାର କଥାଟା ଦୂରରେ ଥାଉ, ତାକୁ ନ୍ୟାୟ ଟିକିଏ ବି ମିଳେନା। ସମାଜ ତା' ପାଇଁ ଭାରି ନିଷ୍ଠୁର। ନିଛାଟିଆ ଦିହଘଷିଆ ଜୀବନ। ଏଥିରୁ ମୁକୁଳି ହୁଏନା, ଯିଏ ମୁକ୍ତି ଚାହେଁ ତା' ପାଇଁ ସବୁ ଦ୍ୱାର ବନ୍ଦ। ଏମିତି ବୋହୂଟିଏ, ପୁଆଣୀ ହେବାର ମାସଟିଏ ପୂରିନି, ଗିରସ୍ତ କଲିକତା ଚାଲିଗଲା, ସେଇଠି ମାଇକିନିଆଟାଏ ରଖିଲା, ରହିଲା ମାଟିଆ ବୁରୁଜରେ। ମହାନଗରୀ ମୋହ ତାକୁ କିମିଆ କଲା, ପଛରେ ପଡ଼ିରହିଲା, ଗାଁ ଭୂଇଁ, ମଶାଣି ପଦା, ନଈତୁଠ, ଆମ୍ବତୋଟା। ଘରେ ବୁଢ଼ୀମା, ଯୁବତୀ ଭାର୍ଯ୍ୟା, ଚିଠି ଖଣ୍ଡେ ଖଣ୍ଡେ ଦିଏ, ଏବେ ସବୁ ବନ୍ଦ, କେତେଦିନ ବା ନିଜକୁ ଆୟତ୍ତରେ ରଖିଥାନ୍ତା ଯୁବତୀଟି? ଏବେ ଏକାନ୍ତ ଅସହାୟା, ନିଃସଙ୍ଗ ଜୀବନ। ଯଉବନର ତାଡ଼ନା, ଶେଷରେ ସାଥୀଟିଏ ଖୋଜିଲା, ଦେହ ଭୋକ ମେଣ୍ଟାଇଲା। ଏବେ ସେ ଗର୍ଭବତୀ। ନୀତି-ନିୟମ-ନିଗଡ଼ ବନ୍ଧା ସମାଜର ବିଦ୍ରୋହ। ଶେଷରେ ବୋହୂଟି ଆପଣା ବାଟ ବାଛି ନେଲା। କିଏ କେତେ କଥା କହିଲା, ସାହି ମାଇପେ ବାର କଥା ଫୁସ୍‌ଫାସ ହେଲେ। କିଏ କହିଲା "ପାପ ଗର୍ଭ ହୋଇଥିଲା"। ଆଉ କିଏ କହିଲା ତା' ଭାଷାରେ-ପେଟ ଭଙ୍ଗେଇବା ପାଇଁ କ'ଣ ଔଷଧ-ମଉଷଧି ଖାଇଥିଲା-ବିଷ ଚହଟି ଯାଇ ଦିହ ଫଳିଗଲା।" କିଏ କହିଲା-ଦୋଚାରିଣୀଟା ମରନ୍ତା ନାହିଁ?" ଏମିତି ନାନା କଥା ଶୁଣାଗଲା। ବିଚିତ୍ର ସମାଜ! କାହା ପାଇଁ ଖଟା ତ କାହା ପାଇଁ ମିଠା। ଯେଉଁ କାମଟା ପୁରୁଷର ପୁରୁଷାକାର, ନାରୀ ପାଇଁ ତାହା କଳଙ୍କ। ଏମିତି ସମାଜଟା ଥାଇ କେତେ, ନଥାଇ କେତେ? ଏଭଳି ସମାଜକୁ ବଦଳେଇବାକୁ ପଡ଼ିବ ହିଁ ପଡ଼ିବ। ଏମିତି ଏକ ବାର୍ତ୍ତା ଦେଇଛନ୍ତି ସଚ୍ଚିଦାନନ୍ଦ ରାଉତରାୟ। ତାଙ୍କ ଗପଟି 'ମଶାଣିର ଫୁଲ'। ବ୍ୟଭିଚାରୀ ସମାଜ, ତା' ବିରୁଦ୍ଧରେ ନିରବ ସ୍ୱର ଉତ୍ତୋଳନ କରିଛି ସାଧାରଣ ମଣିଷଟେ। ସେ ମଡାପୋଡ଼େ ଗାଁ ମଶାଣିରେ- ମଡାଚଣ୍ଡିଆ। ତା' ହୃଦୟରେ ବି ଦରଦ, ସମାଜ ବିରୁଦ୍ଧରେ ବିଦ୍ରୋହ। ଏଥି ସହିତ ଗାଳ୍ପିକ ସମକାଳୀନ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ କଥାକୁ ନିଖୁଣ ଭାବେ ଦେଖାଇ ଦେଇଛନ୍ତି ଗପଟିରେ।

ଅଘଟଣଟି ଥିଲା ପୋଡ଼ାବସନ୍ତ ଶାସନରେ। ସେ ଗାଁର ଜଗୁ ତିଆଡ଼ି, ଜାତିରେ ବ୍ରାହ୍ମଣ, କୀର୍ତ୍ତନ କରେ, ମୃଦଙ୍ଗ ବଜାଏ, ଭାଗବତ ଶୁଣେ। ପେଟ ପାଇଁ ନାଟ। ଗାଁ ମଶାଣି ପଦାରେ ମଡାପୋଡ଼େ। ଖଣ୍ଡ ମଣ୍ଡଳରେ ତା'ର ଭାରି ନାଁଟାଏ। ହେଲେ ଗଞ୍ଜେଇ ଟାଣେ, ନିଶାରେ ଚୁର ହେଲେ କାମରେ ହାତ ଦିଏ। ମଶାଣିପଦା, ଆଣ୍ଠୁଏ ପାଉଁଶ, କୁଳା, ଛାଞ୍ଚୁଣି, ହାଣ୍ଡି, ଖପରା, ଛିଣ୍ଡା କତରା, ନଖ, ବାଳ, ଚିକିଟିକି ହାଡ଼; ଅଲରା, ଅସନା। ଶମଶାନକୁ ନେଇ ନାନା କଥା। ବ୍ରହ୍ମରାକ୍ଷସ, ଡାହାଣୀ, ପିଶାଚୁଣୀ, ଚିରଗୁଣି - ଏମାନେ କୋଚିଲା ବଣରେ ଲୁଚିଛନ୍ତି। ନିଶା ଗରଜିଲେ ବାହାରନ୍ତି। ବେଳ ଅବେଳ ନାହିଁ; କି ବରଷା, କି ଶୀତ; କେବେ କାଳି ଜହ୍ନିଆ ରାତି, ଦୂରରେ ଫେରଣ୍ଡାର ରଡ଼ି, କେତେବେଳେ କେଞ୍ଚଣାବାଡ଼ିଟାରେ ଜଗୁ ମଡା ମୁଣ୍ଡକୁ ଖେଞ୍ଚେ, ନିଆଁରେ ପଡ଼ି ଗୋଡ଼ ଦିଟା ଉପରକୁ ଉଠିଲେ, ଦି'ଚାରି ପାହାର କସିଦିଏ; କେହି ନଥା'ନ୍ତି, ସେ ଏକା, ସବୁ ତୁଲାଏ। ପାଉଣା ହାଙ୍କିନିଏ, ଉପ୍ରୋଧ ନାଇଁ, ଭରିଏ ଗଞ୍ଜେଇ, ଟେଳାଏ ଅଫିମ, ଚାରିଅଣା ଅଣ୍ଟା ଖୋସା; ଏହା ବାଦ୍ କଷାଭାତ, ତୁଠଲୁଗା, ଦଶଘର ନିମତା - ଏମିତିରୁ ତା'ର ଲାଭ। ବେଳେବେଳେ ମଡା ଦିହରୁ ନୋଳି, ମଲ୍ଲୁ କି ଗୁଣା, ବସଣିଟାଏ ପାଇଯାଏ। ଝିଙ୍କା ଝିଙ୍କି କଲେ ବାହାରେନା, ଦାନ୍ତ ଲଗେଇ ଛିଣ୍ଡେଇ ଆଣେ। ସେ ଏବେ ଯେମିତି ପଥରଟାଏ! ନିଦା ପଥର। ତା'ଠି ଦୟା ନାହିଁ, ମାୟା ନାହିଁ, ମୋହ ନାହିଁ। ନିର୍ବିକାର ମଣିଷ, ମଡାଚଣ୍ଡିଆ, ବାସ୍ ସେତିକି ତା'ର ପରିଚୟ।

ଅଶିଣ ମାସିଆ ରାତି। ମେଘ ଢଙ୍କା ଆକାଶ, ବଉଦ ଚାନ୍ଦ ଭିତରେ ଲୁଚକାଳି ଖେଳ। ଚାନ୍ଦିନୀ ଉପରେ ବସିଥାଏ ଜଗୁ। ହରି ବଂଶ ପଢ଼ା ଚାଲିଛି। ଖବରଟାଏ ଗାଁ ଦୋହଲେଇ ଦେଲା। କିଏ କହିଲା ଆହା! ଜଟିଆ ମା' ବୋହୂଟା, ସାକ୍ଷାତ ଚନ୍ଦ୍ର ଉଦିଆ ପରି ମୁହଁ, ସେ ମରିଗଲା। ବିଚାରୀ ଆଉ କ'ଣ କରିଥା'ନ୍ତା? କିଏ କେତେ ଆହାପଦ କହିଲେ, କିଏ ତାଚ୍ଛଲ୍ୟ କଲା-ଅପକର୍ମ କରିଛି ଫଳ ପାଇବନି? ଜଗୁ ତିଆଡ଼ି ସବୁ ଶୁଣି ନଶୁଣିଲା ପରି ବସିଛି। ଯେତେ ଡାକିଲେ ମୁହଁ ବଙ୍କେଇ ଦେଉଛି। କାଦୁଅରେ ପଶିବ କିଏ, ଗୋଡ଼ ଧୋଇବ କିଏ? ଗାଁଟା ଯାକ ଏକଜୁଟ। ଏମିତି କଲେ ଝିଅବୋହୂଙ୍କର ଇଜ୍ଜତ ରହିବ? ଆଉ କ'ଣ କେହି ବୋହୂ ନାହାନ୍ତି? ଏଣେ ବୁଢ଼ୀଟାର ଅବସ୍ଥା ଦିଗଣ୍ଡା ଦି' କଡ଼ା। ଦାନ୍ତରେ ତିରଣ ଧରି ପଡ଼ିଛି। ନେହୁରା ହେଉଛି, ଜଗୁର ଏକା ଜିଦ୍ ସେ ମଡା ଛୁଇଁବନି, ପାପଗର୍ଭ ହେଇଥିଲା, ଜାତିଭାଇ ଅଟକ ରଖିବେ, ନିଆଁ ପାଣି ବନ୍ଦ କରିବେ, ଏକ ଘରିକିଆ କରିଦେବେ। ଗାଁର କେତେଜଣ ମୁରବି ମଣିଷ କଥାଟାକୁ ସମ୍ଭାଳି ନେଲେ। ଗାଁ କଥା ଗାଁରେ ଥାଉ। ଇଜ୍ଜତଟା ପଦାରେ ନ ପଡୁ। ଜଲଦି କାମ ଖଲାସ କରିଦେବାକୁ କହିଲେ। ଜଗୁର ଗୋଟାଏ କଥା, "ପାପଗର୍ଭ ହେଇ ମରିଚି। ମୁଁ ସେଇଟାକୁ ଛୁଇଁବି? ଅସତୀ ଦୋଚାରିଣୀଟାକୁ ମୁଁ କାନ୍ଧରେ ବସାଇବି?"

ମାମଲାଟା ବୋହୂର ପାପଗର୍ଭକୁ ନେଇ। ଏ କଥାଟା ପୁଲିସ କାନକୁ ଯିବ। ଗାଁ ଛାଟିଆ ଟାକି ରହିଛି। ତାକୁ ହାତ କରିବାକୁ ପଡ଼ିବ, ନହେଲେ ଥାନାରେ ଖବର ଦେଇଦେବ। ଗୋଟା ଶାସନ ନାଁରେ କଳଙ୍କ ରଟିବ, ସମସ୍ତେ ତ ପୁଣି ଝିଅ ବୋହୂ ଧରି ଘର କରିଛନ୍ତି! ଗାଁର ଦି' ଚାରିଟା ଟୋକା ବି ବାହାରି ପଡ଼ିଲେ। ଜଗୁକୁ ହିମ୍ମତ ଦେଲେ। ବୁଢ଼ା ବୁଢ଼ୀ ମୁରବିମାନେ ବୁଝାସୁଝା କଲେ। ପାଉଣା ପାଞ୍ଚ ଟଙ୍କାରେ ଛିଡ଼ିଲା। ଶବ ଯିବ ମଶାଣିପଦା। ପାଳ ଦଉଡ଼ି ବଳାହେଲା, କୁଳା, ଖପରା, ଶିକା, ଛାଞ୍ଚୁଣି, କାଠ, ବାଡ଼ି ସବୁ ଥୁଆ ହେଲା। ମୁର୍ଦାରରେ ଲୁଗା ଗୁଡ଼ାଇ କୋକେଇ ଉପରେ ବାନ୍ଧି ଦିଆଗଲା। ଜଟିଆ ମା' ସରାଗାତ ଖୋଲାହେଲା, ବାହାରିଲା କେଇଟା ପଇସା, ସେଥିରେ କାଠ, କିରାସିନୀ କିଣା, ଧୋବା, ଭଣ୍ଡାରିଙ୍କୁ ନିଅଣ୍ଟ। ଶେଷରେ କଥା ଛିଣ୍ଡିଲା, ବୋହୂ ନାକରେ ଜକଜକ କରୁଥିବା ସୁନା ଗୁଣାଟି। ସୁକା ଭରି ଓଜନର ସୁନା, ସେଇଟିକୁ ନେବ ଜଗୁ ତିଆଡ଼ି।

'ପଥଶ୍ରାଦ୍ଧ', ଚୁଲିଖୋଳା ସରିଲା, ମୁର୍ଦାରଟାକୁ ଜୁଇରେ ଶୁଆଇ ଦେଲା ଜଗୁ। ଆକାଶରେ ଆଉ ମେଘ ନଥିଲା। ଶବର ଶେତା ଧଳା ମୁହଁ, ତା ଉପରେ ଜହ୍ନ ଆଲୁଅର ଝାପସା ଛାଇ। ଜଗୁ ବୋହୂର ଗୁଣାଟାକୁ ଛିଣ୍ଡାଇ ପାରିଲାନି, ତା' ହାତ ଗଲାନି, ଛୋଟ ବୋହୂଟା, ପିଲାଳିଆ ମୁହଁ, ଜହ୍ନ ଆଲୁଅରେ କଇଁଫୁଲ ପରି ଦିଶୁଛି। ତା' ମୁହଁ ଚାରିପଟେ ଘେରି ରହିଛି କଳା କଳା କୁଞ୍ଚୁକୁଞ୍ଚିଆ ବାଳ। ସତେ ଯେମିତି ଆକାଶର ଚାନ୍ଦ, ତା' ପଛରେ କଳାମେଘର ବହଳିଆ ଛାଇ। ବୋହୂଟା ମୁହଁରେ ପହଁରି ପହଁରି ହସୁଛି, ଖେଳୁଛି, ଜହ୍ନ ଆଲୁଅ; ନହଡ଼ି ଭାଙ୍ଗୁଛି। ନୋଟି ଯାଉଛି ନୋଟଣୀ ପାରାପରି। ବୋହୂଟିର କଅଁଳିଆ ମୁହଁକୁ ନାକଗୁଣାଟା ଭାରି ମାନୁଥିଲା। ଜଗୁର ହାତ ଗଲାନି, ଭାବ ସମୁଦ୍ରରେ ତା' ଅସ୍ମିତା ଟିକକ ହଜିଗଲା। ପୁଣି ପ୍ରକୃତିସ୍ଥ ହେଲା, ଭାବିଲା ଆଉ କେଇଟା ମାସ ମାତ୍ର; କେଇଟା ମାସ ଯାଇଥିଲେ ବୋହୂଟି ହୋଇଥାନ୍ତା ଗୋଟିଏ ମା'। ଆଉ କେତେ କ'ଣ ହୋଇଥା'ନ୍ତା, ହୋଇ ପାରିଲାନି। ଏଇଟି କ'ଣ ତା'ର ଦୋଷ? ନା ଏ ମଣିଷ ତିଆରି ଅନ୍ଧ ସମାଜର? ଜଗୁ କେତେ କ'ଣ ଭାବି ଚାଲିଲା ଆଗକୁ।

ଛପି ଛପିକା ଜହ୍ନ ଆଲୁଅ, ନିଶୂନ୍ ମଶାଣିପଦା, ତା'ର ଲଙ୍ଗଳା ବୁକୁରେ ଶୋଇଥିଲା ଗୋଟାଏ ଦରଫୁଟିଲା ନାରୀ, ଏକୁଟିଆ! ବାସ୍ତବିକ ଏକୁଟିଆ ସେ। ମଡା ବୁହା ଜଗୁତିଆଡ଼ି। ତା' ଛାତିଟା ବେଦନାରେ ଫାଟି ପଡୁଥିଲା। ବୋହୂଟିକୁ ନିରିଖି ନିରିଖି ଦେଖୁଥିଲା। ଅଶିକ୍ଷିତ ଗାଉଁଲି ମଣିଷଟା, ସରଳିଆ ମନନେଇ ଭାବୁଥିଲା। ସତରେ! ବୋହୂଟା ଭାରି ଏକୁଟିଆ, ଏକାନ୍ତ ନିଃସଙ୍ଗ, ସମ୍ପୂର୍ଣ୍ଣ ବେସାହାରା। ଆଜି ନୁହେଁ, ଜୀବନସାରା ସେ ଏମିତି ଏକାକିନୀ। ଏଇ ଘୁଣଖିଆ ଜୀବନକୁ ବଦଳେଇବାକୁ ଚାହିଁଥିଲା, ଖୋଜିଥିଲା ଶାନ୍ତି ଟିକିଏ। ଅନ୍ୟ ପ୍ରକାର ସ୍ୱାଦ ଅନୁଭବ କରିବାକୁ ମନ ବଳେଇଥିଲା। ତାହା କରେଇ ଦେଲାନି ଏ ନିଷ୍ଠୁର ସମାଜ। ଆଜି ସେ ମଶାଣିର ଫୁଲ, ମହକୁଛି, ମହକୁଥିବ ସବୁଦିନେ! ବୋହୂଟିର ମୁହଁରୁ ସେ ସ୍ପଷ୍ଟ ବାରି ପାରୁଥିଲା, ବଞ୍ଚିବାର ଅନନ୍ତ କ୍ଷୁଧାକୁ।

ମୁର୍ଦାର ମୁହଁରେ ଜଗୁ ନିଆଁ ଦେଲାନି, ଭିତରେ ଭିତରେ ସେ କାନ୍ଦୁଥିଲା ଗୁମୁରି ଗୁମୁରି। ସଙ୍ଗୀମାନଙ୍କୁ କହିଲା, "ହଁ ହଁ ନିଆଁ ଲଗେଇ ଦିଅ; ଭଲ କରି ଲଗେଇ ଦିଅ, ଶୀଘ୍ର ଜଳି ଯାଉ, ପୋଡ଼ିଯାଉ, ଜଳିଯାଉ ତା'ର ସ୍ମୃତି ଟିକକ"। ହୁତୁ ହୁତୁ ଜୁଇ ଜଳିଲା, ବୋହୂଟାର ଗୋରା ମାଉଁସିଆ ଦିହ, କଳାକାଠ ପଡ଼ିଗଲା। ଫୋଟକା ବାହାରି ପରସ୍ତ ପରସ୍ତ ଚୋପା ଛାଡ଼ିଗଲା, ସତେ ଯେମିତି ମିଛ କଳଙ୍କ ଖୋଳପାଟା ତା' ଦିହରୁ ବାହାରି ଯାଉଥିଲା! ଶୁଦ୍ଧ, ସୁବର୍ଣ୍ଣ ପରି ସେ ଜଳୁଥିଲା। ଅସନା ଅନ୍ଧାର, ହାଡ଼, ପାଉଁଶ ଅଙ୍ଗାର। ଜୁଇ ଭିତରୁ ଗୋଟାଏ ପଚା ପୋଡ଼ା ଗନ୍ଧ ପବନରେ ଭାସି ଆସୁଥିଲା, ବିଞ୍ଚି ହେଇ ଯାଉଥିଲା ଚଉଦିଗରେ। କେହି ଜଣେ କହୁଥିଲା, ଜଗୁ ଭଲ କରିଛୁ, ସେଇ ଦୋଚାରିଣୀଟାର ଅଳଙ୍କାର ନେଇନୁ, ପିଲା ଛୁଆ ଘରେ ପୂରେଇ ଥିଲେ ଅମଙ୍ଗଳ ହୋଇଥାନ୍ତା! ମଡାଚଣ୍ଡିଆ ଜଗୁ, ହଠାତ୍ ଚିହିଁକି ଉଠିଲା। ଜଳନ୍ତା ପାଉଁଶ ଭିତରେ ଆଖି ବୁଲେଇ ଆଣୁ ଆଣୁ କହିଲା, "ଥାଉ, ଥାଉ, ଅନ୍ୟକୁ ବିଚାର କର ନାହିଁ। ମଣିଷ କ'ଣ ମଣିଷକୁ ଠିକ୍ ବୁଝିପାରେ।" ନିଜ ମୁହଁଟାକୁ ତ ନିଜେ ଦେଖି ପାରେନା, ଆନର ମୁହଁ ଦେଖି ଟିପ୍ପଣୀ ଦେବାର ଅଧିକାର ତାକୁ ଦେଲା କିଏ? ତଥାକଥିତ ଦୋଚାରିଣୀର ନାଁ ହଜିଗଲା ପୋଡ଼ା ବସନ୍ତ ଶାସନରୁ।

ନାରୀ ପୁରୁଷ, ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରକୃତି ପୁରୁଷ, ସଂଯୋଗରେ ସୃଷ୍ଟି, ବିଯୋଗରେ ଧ୍ୱଂସ, ପ୍ରଳୟ, ସାମାଜିକ ବିଭ୍ରାଟ। ପ୍ରତ୍ୟେକଙ୍କର ମନ ଅଛି, ନାରୀଟିର ବି। ପୁରୁଷ ଉପଭୋଗରେ ମାତେ, ପାଦ ଖସାଏ, ପାଉଣା ଦିଏ ନାରୀ, ସମାଜ ତାକୁ କରିଦିଏ ଅସତୀ, ଦୋଚାରିଣୀ। ଦେହ ଯଦି ସତ୍ୟ, ଦାହ କ'ଣ ମିଥ୍ୟା? ପ୍ରବୃତ୍ତି ସତ୍ୟ ହେଲେ, ନିବୃତ୍ତି କ'ଣ ସମ୍ଭବ? ସମାଜ ପୁରୁଷକୁ କରିଦେଇଛି ଲଗାମଛଡ଼ା; ନିନ୍ଦା, ଅପବାଦ, କଳଙ୍କ - ସବୁ ନାରୀଟି ମୁଣ୍ଡେଇ ଚାଲେ। ନଇଁ ପଡ଼ିଥିବା ଆକାଶଟା, ତାକୁ ଏକାଟିଆ ମେଘ ଖଣ୍ଡେ, କେତେ କାଳ ବା ମୁଣ୍ଡେଇ ମୁଣ୍ଡେଇ ଚାଲନ୍ତା! ସଂସାରରେ ଜାରଜ, ଅବାଞ୍ଛିତ ସନ୍ତାନଟାଏ କିଏ? ସବୁ ସନ୍ତାନଙ୍କର ବାପାଟିଏ ଅଛି, ଏକଥାକୁ କ'ଣ ସମାଜ ବୁଝିବନି? ନାରୀମାନଙ୍କୁ ତା'ର ଇପ୍‌ସିତ ସ୍ୱାଧୀନତା ଟିକକ ଦେବନି? ମଡାଚଣ୍ଡିଆଟା ବୁଝିଗଲା ନାରୀ ଜୀବନ ଦହଗଞ୍ଜର କଥା। ସଭ୍ୟ, ଶିକ୍ଷିତ ମାନଙ୍କୁ କ'ଣ ଏକଥା ବୁଝେଇବାକୁ ପଡ଼ିବ? ନାରୀ, ଜନନୀ, ଜାୟା, ଭଗ୍ନୀ, ସେ କେଉଁ ଅସତୀ ନୁହେଁ, ଦୋଚାରିଣୀ ନୁହେଁ, ହୋଇପାରେନା ବି। ତାକୁ ନେଇ ଏ ପ୍ରକାର ଉଦ୍ଭଟ ଚିନ୍ତନ ଏକ ବିକୃତ ମାନସିକତାର ବିକଳ ପରିପ୍ରକାଶ ମାତ୍ର। ବେଡ଼ି ଶୃଙ୍ଖଳ ବନ୍ଧା ସମାଜକୁ ବଦଳାଇବାକୁ ପଡ଼ିବ। ତା' ପରେ ନାରୀଟି ପାଇବ ତା'ର ନ୍ୟାଯ୍ୟ ଅଧିକାର, ବଞ୍ଚିବାର ସଜଫୁଟା ମଲ୍ଲୀପରି ସେ ସଦା ଚହଟିବ, ମହକିବ। ମହକି ମହକେଇ ଦେବ ସାରା ଦୁନିଆକୁ।

ପବିତ୍ର ଉଦ୍ଭିଦ ଦୁବର ଆଧ୍ୟାତ୍ମିକ ଓ ଔଷଧୀୟ ଶକ୍ତି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ହିନ୍ଦୁ ଧର୍ମରେ ଏକ ପ୍ରକାରର ଲତା ଜାତୀୟ ଉଦ୍ଭିଦ ଯାହାକୁ ଓଡ଼ିଆରେ ଦୂବ କୁହାଯାଏ, ତାହାର ଆମ ସନାତନ ଧର୍ମରେ ଅତ୍ୟନ୍ତ ମହତ୍ତ୍ୱ ରହିଛି। ଦୁବ ବିନା କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ଲୋକମାନେ ପ୍ରାୟତଃ ଦୁବକୁ ଘାସ ବୋଲି ଭାବନ୍ତି କିନ୍ତୁ ଏହା ସତ୍ୟ ନୁହେଁ, ଏହା ଏକ ପବିତ୍ର ଗୁଳ୍ମ । ଦୁବ ହେଉଛି ଏକ ପ୍ରକାରର ଘାସ ଯାହା ସବୁଜ ରଙ୍ଗର ଏବଂ ପୃଥିବୀରେ ସବୁଠି ସବୁଆଡ଼େ ବ୍ୟାପିଥାଏ ଓ ଏହା ଉପରକୁ ନ ଉଠି ଭୂମିରେ ମାଡି ଥାଏ । ପୁରାଣ ଅନୁସାରେ, ଦୂବ ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିଲା। ଏହାକୁ ସମୁଦ୍ର ମନ୍ଥନ ସମୟରେ ଉତ୍ପାଦିତ ଅନ୍ୟ ୮୪ ରତ୍ନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆମ ଶାସ୍ତ୍ରୀୟ ମାନ୍ୟତା ଓ ଏକ କାହାଣୀ ଅନୁସାରେ, ଯେତେବେଳେ ଦେବତା ଏବଂ ରାକ୍ଷସମାନେ ସମୁଦ୍ର ମନ୍ଥନ ସମୟରେ କ୍ଳାନ୍ତ ହୋଇଗଲେ, ଭଗବାନ ବିଷ୍ଣୁ ମନ୍ଦାର ପର୍ବତକୁ ତାଙ୍କ ଜଙ୍ଘରେ ରଖି ନିଜେ ସମୁଦ୍ର ମନ୍ଥନ କରିବାକୁ ଲାଗିଲେ। ମନ୍ଦାର ପର୍ବତ ସହିତ ଘର୍ଷଣ ଯୋଗୁଁ ଭଗବାନ ବିଷ୍ଣୁଙ୍କ ଜଙ୍ଘର ଏକ କେଶ ଭାଙ୍ଗିଗଲା, ଯାହା ଦୁବକୁ ଜନ୍ମ ଦେଲା। ନାରାୟଣଙ୍କ ଶରୀରର ଏକ ଅଂଶ ହୋଇଥିବାରୁ, ଏହାକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଅମୃତ ଗ୍ରହଣ କରିବା ପରେ ଯେତେବେଳେ ସମୁଦ୍ର ମନ୍ଥନ ଶେଷ ହେଲା, ନାରାୟଣ ମୋହିନୀ ରୂପ ନେଇ କିଛି ସମୟ ପାଇଁ ଏହି ଦୁବରେ ଅମୃତ ରଖିଥିଲେ। ଅମୃତର ସ୍ପର୍ଶ ଯୋଗୁଁ ଏହାର ପବିତ୍ରତା ଆହୁରି ବୃଦ୍ଧି ପାଇଲା ଏବଂ ଏହି ଗଛ ଅମର ହୋଇଗଲା। ସେଥିପାଇଁ ଦୁବ ଏକମାତ୍ର ଗଛ ଯାହା ଯେକୌଣସି ପରିସ୍ଥିତିରେ କାହାର ସାହାଯ୍ୟ ବିନା ନିଜେ ବଢ଼ିପାରେ। ଏହା ଦୁର୍ବା, ଅମୃତ, ଅନନ୍ତ, ଗୌରୀ, ମହୌଷଧି, ଶତପର୍ବ, ଭାର୍ଗବୀ ଇତ୍ୟାଦି ନାମରେ ମଧ୍ୟ ଜଣାଶୁଣା। ସମୁଦ୍ର ମନ୍ଥନ ପରିପ୍ରେକ୍ଷୀରେ, ଆମର ଧର୍ମକ ଗ୍ରନ୍ଥଗୁଡ଼ିକରେ ଦୂର୍ବା ପାଇଁ ଏକ ଶ୍ଳୋକ ଅଛି। ଦୁବ ସର୍ବଦା ଭୂମିରେ ବଢ଼େ ଏବଂ ଉପରକୁ ଉଠି ନ ଥାଏ। ଏହାର ଅର୍ଥ ଯେ ଯେଉଁମାନେ ମୁଣ୍ଡ ନଇଁ କରି ଚାଲିଥାନ୍ତି ସେମାନଙ୍କର କୌଣସି କ୍ଷତି ହୋଇପାରେ ନାହିଁ, ଯେପରି ବନ୍ୟା ଆସିଲେ ଘାସ ପଡ଼ିଯାଏ ଏବଂ ବନ୍ୟା ତା ଉପରେ ଚାଲିଯାଏ। ଏହା ଘାସକୁ ଆହୁରି ବଢ଼ିବାକୁ ଦିଏ, କିନ୍ତୁ ବଡ଼ ବଡ଼ ଗଛ ଯାହା ବଙ୍କା ହୁଏ ନାହିଁ ତାହା ବନ୍ୟା ଦ୍ୱାରା ଭାସିଯାଏ। ଦୁବ କେବଳ ପୂଜାରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ବିନା କୌଣସି ଯଜ୍ଞ ସମ୍ପୂର୍ଣ୍ଣ ହୁଏ ନାହିଁ। ଏହା ବିଶ୍ୱାସ କରାଯାଏ ଯେ ଦୁବ ଯଜ୍ଞର ତିନୋଟି ପ୍ରମୁଖ ଦୋଷକୁ ନଷ୍ଟ କରେ, ଯଥା ପରମାଣୁ, କର୍ମ ଏବଂ ଭୌତିକ। ହିନ୍ଦୁ ରୀତିନୀତି ଏବଂ ସମସ୍ତ ୧୬ ଧର୍ମକାର୍ଯ୍ୟରେ ଦୁବ ବ୍ୟବହାର କରାଯାଏ। ଦୁବ ବିନା ଯେକୌଣସି ଶୁଭ ଅବସରକୁ ଅପୂର୍ଣ୍ଣ ବୋଲି ବିବେଚନା କରାଯାଏ। ମହିଳାମାନଙ୍କୁ ଦୁବ ପୂଜା କରିବାକୁ ବିଶେଷ ଭାବରେ ଉତ୍ସାହିତ କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ସେମାନଙ୍କର ବୈବାହିକ ସୁଖ ନିଶ୍ଚିତ ହୁଏ। ଆମେ ସୀତା ଏବଂ ଦମୟନ୍ତୀ ପରି ମହାପତ୍ନୀମାନଙ୍କ ଦ୍ୱାରା ଦୁବ ପୂଜା ବିଷୟରେ ବିଭିନ୍ନ ଶାସ୍ତ୍ରରେ ମଧ୍ୟ ଦେଖାଯାଏ । ଏହା ବିଶ୍ୱାସ କରାଯାଏ ଯେ ଦୁବ ସହିତ ପୂଜା କରୁଥିବା ଯେକୌଣସି ମହିଳା ତାଙ୍କ ସ୍ୱାମୀଙ୍କ ସହିତ ତାଙ୍କ ସ୍ୱାମୀଙ୍କ ବାସସ୍ଥାନ ପ୍ରାପ୍ତ କରନ୍ତି। ଯଦିଓ ଦୁବ ସମସ୍ତ ଦେବତାଙ୍କ ପ୍ରିୟ, କିନ୍ତୁ ବିଶେଷ କରି ଏହା ଭଗବାନ ଗଣେଶଙ୍କ ପାଇଁ ଅଧିକ ପ୍ରିୟ। ଏହି ସମ୍ବନ୍ଧୀୟ ଏକ କାହାଣୀ ପୁରାଣରେ ଉଲ୍ଲେଖ ଅଛି। ଜଣେ ଅସୁର ଯାହାର ନାମ ଅନଳାସୁର, ଯିଏ ଅଗ୍ନିକୁ ନିୟନ୍ତ୍ରଣ କରିଥିଲେ। ଏହାର ଶକ୍ତି ଦ୍ୱାରା ସେ ସମଗ୍ର ବ୍ରହ୍ମାଣ୍ଡକୁ ଯନ୍ତ୍ରଣା ଦେଇଥିଲେ। ସ୍ୱୟଂ ଭଗବାନ ଇନ୍ଦ୍ର ମଧ୍ୟ ତାଙ୍କୁ ପରାସ୍ତ କରିପାରିଲେ ନାହିଁ। ତା'ପରେ, ସମସ୍ତ ଦେବତା ଭଗବାନ ଶିବଙ୍କ ଆଶ୍ରୟ ନେଇଥିଲେ, ଭଗବାନ ମହାଦେବ ତାଙ୍କ ପୁତ୍ର ଭଗବାନ ଗଣେଶଙ୍କୁ ପୃଥିବୀର କଲ୍ୟାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିତାଙ୍କ ଆଜ୍ଞା ପାଳନ କରି, ଭଗବାନ ଗଣେଶ ଅନଳାସୁର ସହିତ ଯୁଦ୍ଧ କରିଥିଲେ ଏବଂ ତାଙ୍କୁ ଜୀବନ୍ତ ଗିଳି ଦେଇଥିଲେ, ଦେବତାମାନଙ୍କୁ ତାହାର ଭୟରୁ ମୁକ୍ତ କରିଥିଲେ। ଯେତେବେଳେ ଭଗବାନ ଗଣେଶ ଅନଳାସୁରକୁ ଗିଳି ଦେଇଥିଲେ, ତାପରେ ତାଙ୍କ ପେଟରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ତା'ପରେ ମହର୍ଷି କଶ୍ୟପ ତାଙ୍କୁ ଖାଇବାକୁ ୨୧ ଗୋଟି ଦୁବ ଦେଇଥିଲେ, ଯାହାକୁ ଖାଇବା ପରେ ସେ ସେହି ଉତ୍ତାପରୁ ମୁକ୍ତି ପାଇଥିଲେ। ସେବେଠାରୁ ଭଗବାନ ଗଣେଶଙ୍କୁ ଦୁବ ଅର୍ପଣ କରିବାର ଏକ ବିଶେଷ ପରମ୍ପରା ଅଛି।

ସାଧାରଣତଃ ଭଗବାନ ଗଣେଶଙ୍କୁ ୧୧ଟି ଦୁର୍ବା ଅର୍ପଣ କରାଯାଏ ଏବଂ ପ୍ରତ୍ୟେକ ମନ୍ତ୍ର ସହିତ ତାଙ୍କର ଗୋଟିଏ ମନ୍ତ୍ର ଜପ କରାଯାଏ। ଭଗବାନ ଗଣେଶଙ୍କ ଏହି ୧୧ଟି ମନ୍ତ୍ର ହେଉଛି - ଓମ୍ ଗଣ ଗଣପତାୟ ନମଃ, ଓମ୍ ଗଣାଧିପାୟ ନମଃ, ଓମ୍ ଉମାପୁତ୍ରାୟ ନମଃ, ଓମ୍ ବିଘ୍ନନାଶନାୟ ନମଃ, ଓମ୍ ବିନାୟକାୟ ନମଃ, ଓମ୍ ଈଶପୁତ୍ରାୟ ନମଃ, ଓମ୍ ସର୍ବସିଦ୍ଧିପ୍ରଦାୟ ନମଃ, ଓମ୍ ଏକାଦନ୍ତୟ ନମଃ, ଓମ୍ ଇଭାବକ୍ତ୍ରାୟ ନମଃ, ଓମ୍ ମୁଷକବାହନୟ। ନମଃ ଏବଂ ଓମ୍ କୁମାରଗୁରଭେ ନମଃ। ଶ୍ରୀ ଗଣେଶଙ୍କ ପାଇଁ ଔଷଧ ବ୍ୟବହାର କରିଥିବା ଦୁବକୁ ଆୟୁର୍ବେଦରେ ଗୁରୁତ୍ୱ ଦିଆଯାଏ।ଦୁବକୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ତ୍ରିଫଳ ବ୍ୟତୀତ, ଦୁବ ହେଉଛି ଏକମାତ୍ର ଔଷଧି ଯାହା ତିନୋଟି ମୁଖ୍ୟ ରୋଗକୁ ଦୂର କରିପାରେ, ତାହା ହେଲା ବାତ, ପିତ୍ତ ଏବଂ କଫ। ଏହାକୁ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବରେ ବିବେଚନା କରାଯାଏ, ଏବଂ ଏହାର ସେବନ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏହା ବ୍ୟତୀତ, ଦୁବ ଅନିଦ୍ରା ଏବଂ ଚର୍ମ ରୋଗ ସହିତ ଲଢ଼ିବାରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ରକ୍ତକୁ ଶୁଦ୍ଧ କରେ ଏବଂ ଗଳା ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ବ୍ୟବହୃତ ହୁଏ। ଦୁବର ସବୁଠାରୁ ପ୍ରସିଦ୍ଧ ଗୁଣ ହେଉଛି ଦୃଷ୍ଟିଶକ୍ତି ଉନ୍ନତ କରିବା। କୁହାଯାଏ ଯେ ସକାଳୁ ସକାଳୁ ଦୁବରେ ଖାଲି ପାଦରେ ଚାଲିବା ଦ୍ୱାରା ଦୁର୍ବଳ ଦୃଷ୍ଟିଶକ୍ତି ମଧ୍ୟ ପୁନରୁଦ୍ଧାର ହୁଏ। ଏହା ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଅଭ୍ୟାସ କରାଯାଉଥିବା ଏକ ପରୀକ୍ଷିତ ଏବଂ ପରୀକ୍ଷିତ ଉପଚାର। ସାମଗ୍ରିକ ଭାବରେ, ଦୂର୍ବା ହିନ୍ଦୁ ଧର୍ମର ସବୁଠାରୁ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଔଷଧି ମଧ୍ୟରୁ ଗୋଟିଏ, ଯାହା କେବଳ ପୂଜା ଏବଂ ରୀତିନୀତିରେ ନୁହେଁ ବରଂ ଚିକିତ୍ସା ବିଜ୍ଞାନରେ ମଧ୍ୟ ବ୍ୟବହୃତ ହୁଏ। ଏହା ଏହି ଜଗତରେ ପ୍ରକୃତିରୁ ଏକ ବରଦାନ ପରି।

ଶ୍ରେୟର ରାଜନୀତି ନୁହେଁ, ବିକାଶର ପ୍ରତିଯୋଗିତା ହେଉ—ଓଡ଼ିଶା ଆଗେ ବଢୁ (୨)



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

କରିପାରିବ'। ଏହି ପ୍ରତିଯୋଗିତା ଓଡ଼ିଶାକୁ ଦରକାର। ଯଦି ଗୋଟିଏ ଦଳ ଶହେ କିଲୋମିଟର ରାସ୍ତା କରେ, ଅନ୍ୟ ଦଳ ଦୁଇଶହ କିଲୋମିଟର କରୁ। ଯଦି ଗୋଟିଏ ସରକାର ହଜାର ଯୁବକଙ୍କୁ ନିଯୁକ୍ତି ଦିଏ, ଅନ୍ୟ ସରକାର ଦଶହଜାର ନିଯୁକ୍ତିର ସୁଯୋଗ ସୃଷ୍ଟି କରୁ। ଯଦି ଗୋଟିଏ ସରକାର ଗୋଟିଏ ଜିଲ୍ଲାରେ ଭଲ ହସ୍ପିଟାଲ କରେ, ଅନ୍ୟ ସରକାର ସମସ୍ତ ଜିଲ୍ଲାରେ ଆହୁରି ଭଲ ଚିକିତ୍ସା ବ୍ୟବସ୍ଥା କରୁ। ଏହା ହେଉଛି ସୁସ୍ଥ ରାଜନୈତିକ ପ୍ରତିଯୋଗିତା। ଏଥିରେ ଜିତିବେ ଦଳ ନୁହେଁ, ଜିତିବ ଓଡ଼ିଶା। ଆଜି ଓଡ଼ିଶା ୨୦୩୬କୁ ଲକ୍ଷ୍ୟ କରି ଆଗକୁ ବଢୁଛି। ଆଗାମୀ ଦଶ ବର୍ଷକୁ ଓଡ଼ିଶାର ପରିବର୍ତ୍ତନର ଦଶକ କରିବାକୁ ହେଲେ ଏପରି ଛୋଟ ରାଜନୈତିକ ବିବାଦରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ। କାହାର ଫଳକରେ କାହାର ନାମ ରହିଲା, ତାହା ଇତିହାସର ମୁଖ୍ୟ ପୃଷ୍ଠା ହେବ ନାହିଁ। ଇତିହାସରେ ରହିବ—କେଉଁ ସରକାର ଓଡ଼ିଶାର ଲୋକଙ୍କ ଜୀବନକୁ କେତେ ବଦଳାଇଲା। ଆଜି ଯେଉଁ ପ୍ରକଳ୍ପ ପୂର୍ବ ସରକାର ଆରମ୍ଭ କରିଥିଲା, ତାହାକୁ ମୋହନ ମାଝୀ ସରକାର ସମ୍ପୂର୍ଣ୍ଣ କଲେ, ସେହି ପ୍ରକଳ୍ପର ଫଳ ଉପଭୋଗ କରିବାର ଅଧିକାର ପୂର୍ବ ସରକାରର ସମର୍ଥକଙ୍କର ଯେତିକି, ବର୍ତ୍ତମାନ ସରକାରର ସମର୍ଥକଙ୍କର ମଧ୍ୟ ସେତିକି। ଏହା ହେଉଛି ଗଣତନ୍ତ୍ର। ଏହା ହେଉଛି ଲୋକଙ୍କ ଟଙ୍କା। ଏହା ହେଉଛି ଲୋକଙ୍କ ସମ୍ପତ୍ତି। ତେଣୁ ଓଡ଼ିଶାର ରାଜନୈତିକ ନେତୃତ୍ୱକୁ ଏବେ ଏକ ନୂଆ ପରମ୍ପରା ଆରମ୍ଭ କରିବାକୁ ହେବ—ଭଲ କାମକୁ ଦଳ ଦେଖି ନୁହେଁ, କାମ ଦେଖି ପ୍ରଶଂସା; ତ୍ରୁଟିକୁ ଦଳ ଦେଖି ନୁହେଁ, ତଥ୍ୟ ଦେଖି ପ୍ରତିବାଦ; ଏବଂ ବିକାଶକୁ ଶ୍ରେୟର ଯୁଦ୍ଧ ନୁହେଁ, ଲୋକସେବାର ପ୍ରତିଯୋଗିତା କରିବା। ପ୍ରାୟ ଦୁଇ ଦଶନ୍ଧିର ଶାସନ ପରେ ଶାସନ ପରିବର୍ତ୍ତନ ହୋଇଛି। ଏହା ଗଣତନ୍ତ୍ରର ସ୍ୱାଭାବିକ ଚକ୍ର। ଏବେ ନୂଆ ସରକାରର ଦାୟିତ୍ୱ ହେଉଛି ପୂର୍ବରୁ ଆରମ୍ଭ ହୋଇଥିବା ଭଲ କାମକୁ ଅଟକାଇ ନଦେଇ ତାହାକୁ ଆହୁରି ଦ୍ରୁତ କରିବା, ଅଧୁରା କାମ ସମ୍ପୂର୍ଣ୍ଣ କରିବା ଏବଂ ନୂଆ ଆବଶ୍ୟକତା ଅନୁଯାୟୀ ନୂଆ ପ୍ରକଳ୍ପ ଆଣିବା। ଏହି ଦାୟିତ୍ୱ ପୂରଣ ହେଲେ ମୋହନ ମାଝୀ ସରକାର ନିଜ ସଫଳତାର ଦାବି କରିପାରିବ। ଏବଂ ଯଦି କୌଣସି କ୍ଷେତ୍ରରେ ବିଫଳତା ହୁଏ, ତେବେ ସେଥିପାଇଁ ସରକାରଙ୍କୁ ମଧ୍ୟ ଲୋକଙ୍କ ସମ୍ମୁଖରେ ଜବାବ ଦେବାକୁ ହେବ। ଏହି ହେଉଛି ଜବାବଦେହିତା। ଏହି ହେଉଛି ଗଣତନ୍ତ୍ର। ଏବଂ ବିରୋଧୀ ଦଳର ମଧ୍ୟ ଦାୟିତ୍ୱ ହେଉଛି—ସରକାର ଭଲ କାମ କଲେ ତାହାକୁ ସ୍ୱୀକାର କରିବା, ଖରାପ କାମ କଲେ ତଥ୍ୟ ସହ ପ୍ରଶ୍ନ କରିବା। କାରଣ ବିରୋଧ ପାଇଁ ବିରୋଧ କରିବା ଓ ଲୋକଙ୍କ ପାଇଁ ବିରୋଧ କରିବା—ଏ ଦୁଇଟି ଏକ ନୁହେଁ। ଓଡ଼ିଶାର ୩୪ ଲକ୍ଷ ପାଠକଙ୍କ ପକ୍ଷରୁ ଏହି ସରଳ କଥାଟି କୁହାଯାଇପାରେ—ବିକାଶର ଫଳକରେ କାହାର ନାମ ରହିଲା, ଏହାଠାରୁ ଆମ ପାଇଁ ଆମ ଘର ପାଖରେ ଭଲ ରାସ୍ତା ହେଲା କି ନାହିଁ ଅଧିକ ଜରୁରୀ; ଶିଳାନ୍ୟାସ କିଏ କଲା ତାହାଠାରୁ ଆମ ଗାଁକୁ ପାଣି ଆସିଲା କି ନାହିଁ ଅଧିକ ଜରୁରୀ; ଉଦ୍‌ଘାଟନ କିଏ କଲା ତାହାଠାରୁ ଆମ ପିଲାଙ୍କ ପାଇଁ ଭଲ ବିଦ୍ୟାଳୟ ହେଲା କି ନାହିଁ ଅଧିକ ଜରୁରୀ; ମଞ୍ଚରେ କିଏ ଭାଷଣ ଦେଲା ତାହାଠାରୁ ଆମ ଯୁବକଙ୍କୁ ନିଯୁକ୍ତି ମିଳିଲା କି ନାହିଁ ଅଧିକ ଜରୁରୀ। ଏହି ହେଉଛି ଜନତାର ରାୟ। ତେଣୁ ବିକାଶକୁ ଦଳୀୟ ଅସହିଷ୍ଣୁତାରୁ ମୁକ୍ତ କରିବାର ସମୟ ଆସିଛି। ପୂର୍ବରୁ କାମ ଆରମ୍ଭ ହୋଇଥିଲେ ତାହାର ଶ୍ରେୟ ସ୍ୱୀକାର କରାଯାଉ, ବର୍ତ୍ତମାନ ସରକାର କାମ ସମ୍ପୂର୍ଣ୍ଣ କରିଥିଲେ ତାହାର ଶ୍ରେୟ ମଧ୍ୟ ସ୍ୱୀକାର କରାଯାଉ। କିନ୍ତୁ ସବୁଠାରୁ ବଡ଼ ଶ୍ରେୟ ଦିଆଯାଉ ଓଡ଼ିଶାର ଲୋକଙ୍କୁ, ଯାହାଙ୍କ ଟଙ୍କାରେ ଏହି ସବୁ ବିକାଶର ଯାତ୍ରା ଚାଲିଛି। ରାଜନୀତି ବଦଳିବ, ସରକାର ବଦଳିବ, ନେତା ବଦଳିବେ; କିନ୍ତୁ ଓଡ଼ିଶାର ବିକାଶ ବନ୍ଦହେବା ଉଚିତ ନୁହେଁ। ଏହା ହିଁ ଆଜିର ସବୁଠାରୁ ବଡ଼ ଆବଶ୍ୟକତା। ଏବଂ ଏହା ହିଁ ହେଉ ଆମ ସମସ୍ତ ରାଜନୈତିକ ଦଳର ସାଧାରଣ ସଙ୍କଳ୍ପ—'କାମ କିଏ କଲା' ନୁହେଁ, 'ଲୋକଙ୍କ ପାଇଁ କ'ଣ ହେଲା'—ଏହି ପ୍ରଶ୍ନ ହିଁ ଓଡ଼ିଶାର ରାଜନୀତିର କେନ୍ଦ୍ରବିନ୍ଦୁ ହେଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ପିଏମ୍-କିଷାନ ଯୋଜନାରେ କେନ୍ଦ୍ରାପଡ଼ାରେ ୧,୩୧,୧୩୬ ଚାଷୀ ଉପକୃତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ତଥା କୃଷି କ୍ଷେତ୍ରର ବିକାଶ ଲକ୍ଷ୍ୟରେ ଭାରତ ସରକାରଙ୍କ ପକ୍ଷରୁ ପରିଚାଳିତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ପିଏମ୍-କିଷାନ ଯୋଜନା ଅନ୍ତର୍ଗତ ରବି ଋତୁ ୨୦୨୬-୨୭ ପାଇଁ ଚାଷୀମାନଙ୍କୁ ଆର୍ଥିକ ସହାୟତାର କିସ୍ତି ପ୍ରଦାନ କରାଯାଇଛି। ଗୁଜରାଟର ବନାସକାଣ୍ଠା ଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଜମା ଖାତାକୁ ଏହି ଅର୍ଥରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି। ସେହିପରି ଭୁବନେଶ୍ୱର ସ୍ଥିତ ଓୟୁଏଟିର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀ ଚାଷୀମାନଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି



ଜାତୀୟ ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ମଧ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଉପସ୍ଥିତ ରହି ହିତାଧିକାରୀ ଚାଷୀମାନଙ୍କୁ ଏହି ଆର୍ଥିକ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ କିସ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ୍ ୧,୩୧,୧୩୬ ଜଣ ଯୋଗ୍ୟ ଚାଷୀ ଉପକୃତ ହୋଇଛନ୍ତି। ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୨,୦୦୦ ଟଙ୍କା ଲେଖାଏଁ ହସ୍ତାନ୍ତର କରାଯାଇଛି। ଏହି ଅର୍ଥରାଶି ଆଗାମୀ ରବି ଫସଲ ଚାଷ ପାଇଁ ଆବଶ୍ୟକ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟରେ ଚାଷୀମାନଙ୍କୁ ସହାୟକ ହେବ। ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରେ ଆବଶ୍ୟକ ଆର୍ଥିକ ସମ୍ବଳ ଯୋଗାଇବା ସହ ଚାଷୀଙ୍କ ଉପରେ କୃଷି ଖର୍ଚ୍ଚର ଚାପ ହ୍ରାସ କରିବା ଏହି ସହାୟତାର ମୁଖ୍ୟ ଉଦ୍ଦେଶ୍ୟ। ପିଏମ୍-କିଷାନ ଯୋଜନା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ ଚାଷୀ ପରିବାରକୁ ବାର୍ଷିକ ୬,୦୦୦ ଟଙ୍କା ଆର୍ଥିକ ସହାୟତା ତିନୋଟି ସମାନ କିସ୍ତିରେ, ପ୍ରତ୍ୟେକ କିସ୍ତିରେ ୨,୦୦୦ ଟଙ୍କା ହିସାବରେ ପ୍ରଦାନ କରାଯାଇଥାଏ। ଏହି ସହାୟତା ଖରିଫ ଓ ରବି ଋତୁରେ ଚାଷ କାର୍ଯ୍ୟ ପାଇଁ ଚାଷୀମାନଙ୍କୁ ଆର୍ଥିକ ସମ୍ବଳ ଯୋଗାଇବା ସହ କୃଷି ନିବେଶକୁ ପ୍ରୋତ୍ସାହିତ କରିଥାଏ। ଏହି ଯୋଜନାରେ ସିଧାସଳଖ ଲାଭ ହସ୍ତାନ୍ତର ଡିବିଟି ବ୍ୟବସ୍ଥା ମାଧ୍ୟମରେ ଅର୍ଥରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଥିବାରୁ ଅର୍ଥ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସରଳତା ସୁନିଶ୍ଚିତ ହୋଇପାରୁଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର ଚାଷୀମାନଙ୍କୁ ପାରମ୍ପରିକ ଧାନ ଚାଷ ସହିତ ବଜାରରେ ଅନ୍ୟାନ୍ୟ ଫସଲ ଚାଷ ପ୍ରତି ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ଫସଲ ବିବିଧକରଣ ଦ୍ୱାରା ଚାଷୀମାନେ ଆୟ ବୃଦ୍ଧି କରିବା ସହ କୃଷି କ୍ଷେତ୍ରରେ ଆର୍ଥିକ ସ୍ଥିରତା ହାସଲ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସ୍ୱତନ୍ତ୍ର ସଚେତନତା ଶିବିର ଆୟୋଜନ କରି ସରକାରଙ୍କ ବିଭିନ୍ନ କୃଷି ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଉଥିବା କଥା ଜିଲ୍ଲାପାଳ କହିଥିଲେ। ଯୋଗ୍ୟ ହିତାଧିକାରୀ ମାନେ ଯେପରି ଯୋଜନାଗୁଡ଼ିକର ସୁଯୋଗ ଓ ଲାଭ ପାଇପାରିବେ, ସେଥିପାଇଁ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ଓ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାମିନି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପିଏମ୍ କିଷାନ୍ ଅର୍ଥ ରାଶି ଚାଷୀଙ୍କୁ ଚାଷ ପ୍ରତି ଉତ୍ସାହିତ କରୁଛି



ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ଗତ ୩୦ ତାରିଖରେ ସୁନ୍ଦରଗଡ଼ ଠାରେ ଜିଲ୍ଲା ସ୍ତରୀୟ ପିଏମ୍ କିଷାନ୍ ଉତ୍ସବ ଦିବସ ପାଳିତ ହୋଇଯାଇଛି ଏବଂ ଏହା ସହିତ କୃଷକ ମାନଙ୍କୁ ପିଏମ୍ କିଷାନ୍ ଅନ୍ତର୍ଗତ ୨୪ତମ କିସ୍ତି ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦର ଅଧକ୍ଷା ସୁଶ୍ରୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉପ ବାଚସ୍ପତି ଶ୍ରୀ ଭୋଇ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ପିଏମ୍ କିଷାନ୍ ଅର୍ଥ ରାଶି ଚାଷୀମାନଙ୍କୁ ଚାଷ ପ୍ରତି ଉତ୍ସାହିତ କରିବା ସହିତ ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେଉଛି। ସେହିଭଳି ଜିଲ୍ଲାରେ ଚାଷୀମାନେ କେବଳ ଗୋଟିଏ ଚାଷ ପ୍ରତି ନିର୍ଭରଶୀଳ ରହି ସମନ୍ୱିତ ଚାଷ ପଦ୍ଧତି ମଧ୍ୟ ଆପଣାଇବା ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ଚାଷୀମାନଙ୍କୁ ଚାଷ କ୍ଷେତ୍ରରେ କୌଣସି ପ୍ରକାର ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ଥିଲେ ବିଭାଗୀୟ ଅଧିକାରୀ ମାନଙ୍କ ସହାୟତା ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୁଜରାଟର ବନସକୁଣ୍ଠା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପିଏମ୍ କିଷାନ୍ ଅନ୍ତର୍ଗତ ୨୪ତମ କିସ୍ତି ଚାଷୀମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ସିଧାସଳଖ ଭାବେ ହସ୍ତାନ୍ତର କରିଛନ୍ତି। ସେହିଭଳି ପିଏମ୍ କିଷାନ୍ ଅନ୍ତର୍ଗତ ଜିଲ୍ଲାର ୧,୩୬,୩୫୮ ଚାଷୀ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ସିଧାସଳଖ ଭାବେ କିସ୍ତି ହସ୍ତାନ୍ତର ହୋଇଛି। ସେହିଭଳି ବିକାଶ ଭବନ ଠାରେ ଗୁଜରାଟ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ରହିଥିଲେ।

ଲକ୍ଷ୍ମୀ ପୂଜା ଅବସରରେ ଜହ୍ନା ଗାଁରେ ସୃଷ୍ଟି ହେଲା ଭାଇଚାରାର ସମ୍ପର୍କ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ମହାଲକ୍ଷ୍ମୀ ଯୁବ ସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ଲକ୍ଷ୍ମୀ ପୂଜାକୁ ଭାଇଚାରାର ସମ୍ପର୍କ ସହ ଯାକଜମକରେ ପାଳନ କରାଯାଏ। ଏହି ବର୍ଷ ମଧ୍ୟ ୫୯ ତମ ପୂଜା ଉତ୍ସବକୁ ବିଧି ବ୍ୟବସ୍ଥା ଓ ରୀତିନୀତି ଅନୁଯାୟୀ ପାଳନ କରାଯାଇଛି। ଏଥିସହ କ୍ଲବ ପକ୍ଷରୁ ପ୍ରତିବର୍ଷ ଅଭିନବ ଉପାୟରେ କିଛି ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଏ। ଏହି କ୍ରମରେ ଚଳିତ ବର୍ଷ ମହାଲକ୍ଷ୍ମୀ ଯୁବ ସଂଘ ଦ୍ୱାରା ଆୟୋଜିତ ଓ ନଟବର ବିଶ୍ୱାଳ ସ୍ମୃତି ସଂସଦ ସହଯୋଗରେ କ୍ଲବର ସମ୍ପାଦକ ନିମାଇଁ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ରୋଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶରତ କୁମାର ପାତ୍ର ଯୋଗଦେଇଥିଲେ। ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ବ୍ୟାସନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ମାଝୀ, ଘସିପୁରାର ଯୁବନେତା ତଥା ବୈତରଣୀ ବଞ୍ଚାଓ ଅଭିଯାନର ଆବାହକ ଯଜ୍ଞ ପ୍ରସାଦ ସାହୁ, ସମାଜସେବୀ ଅଭିଳାଷ ବୋଇତାଇ, ସମ୍ପାଦିକ ଡ. ଚିନ୍ତାମଣୀ ପାଢ଼ୀ, ଜହ୍ନା ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ ଅଧିକାରୀ ଶୁଭଶ୍ରୀ ସ୍ୱାଇଁ, ବାମପନ୍ଥୀ ନେତା ଆଲୋକ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ, ସମ୍ପାଦିକ ଆଶୁତୋଷ ମହାନ୍ତି, ପ୍ରହ୍ଲାଦ ଦେଓ, ପ୍ରମୋଦ ପାତ୍ର, ବାବାଜୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମର ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା। ଜହ୍ନା ଉନ୍ନତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ସାହୁ, ସଦାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀଙ୍କୁ ଉତ୍ତରୀୟ ଉପହାର ସ୍ୱରୂପ ଫୁଲ ଗଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ରବର, ପେନ୍‌ସିଲ, କଟର ଆଦି ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। କ୍ଲବର ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ବେହେରା, ବାବାଜୀ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ବିଶ୍ୱାଳ, ଲଲାଟେନ୍ଦୁ ନାୟକ, ସନ୍ୟାସୀ ମଲ୍ଲିକ, ଭୀମସେନ ମଲ୍ଲିକ, କାର୍ତ୍ତିକ ସାହୁ, ଭ୍ରମର ବେହେରା, ବସନ୍ତ ନାୟକ, ଆତୁଲ ପଥାଳ, ବିଦ୍ୟାଧର ମଲ୍ଲିକ, ପ୍ରଶାନ୍ତ ରାଉତ, ଦିଲ୍ଲୀପ ବିଶ୍ୱାଳ, ପ୍ରଭାସ ରାଉତ, ପଦ୍ମନାଭ ବିଶ୍ୱାଳ, ବଳରାମ ବଳ, ବିଶ୍ୱନାଥ ଦାସ, ରବୀନ୍ଦ୍ର ଦାସ, ସୁରେଶ ହାତୀ, ପ୍ରଶାନ୍ତ ସାହୁ, ଅରୁଣ କବି, ଜିତେନ୍ଦ୍ର ପାଢ଼ୀ, ରଶ୍ମିରଂଜନ ରାଉତ, ବିଶ୍ୱରଂଜନ ବିଶ୍ୱାଳ, ସୁରଜ ବେହେରା, ପିଙ୍କନ ରାଉତ, ସନାତନ ରାଉତ, ଅଜିତ ମଲ୍ଲିକ, ଶରତ ମଲ୍ଲିକ, ଅନାମ ବିଶ୍ୱାଳ, ଦେବବ୍ରତ ସାହୁ, ତପନ ବିଶ୍ୱାଳ, ସନ୍ତୋଷ ହାତୀ, ସୁନୀଲ ପଥାଳ, ବିଶ୍ୱଜିତ ସାହୁ, ଅମର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ନଟବର ବିଶ୍ୱାଳ ସ୍ମୃତି ସଂସଦର ଉପ ସଭାପତି ନିତ୍ୟାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରତ୍ୟେକ ନାଗରିକଙ୍କ ସାଧୁତା ଓ ନୈତିକ ଦାୟିତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଉଛି। ଉକ୍ତ ସଭାରେ ବାଲେଶ୍ୱର ଜିଲ୍ଲା ନ୍ୟାୟାଧୀଶ ସତ୍ୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ ଅନ୍ୟାନ୍ୟ ପ୍ରତିନିଧିମାନଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ



ପାଠ କରାଇଥିଲେ। ଦୁର୍ନୀତି ନିବାରଣ ଦିଗରେ ପ୍ରତ୍ୟେକ ନାଗରିକଙ୍କ ସଚେତନତା, ସାଧୁତା ଓ ନୈତିକ ଦାୟିତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜୈବପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରଫେସର ଭାସ୍କର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସର୍ବ ପ୍ରଥମେ ନିଜ ପରିବାରରୁ ଦୁର୍ନୀତି ମୁକ୍ତ ହେବା ଏବଂ ସମାଜ ପାଇଁ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଭିଜିଲାନ୍ସ ଇନ୍‌ସପେକ୍ଟର ଶ୍ରୀବଲ୍ଲଭ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାର ଶେଷ ପର୍ଯ୍ୟାୟରେ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଅସହାୟ ବୃଦ୍ଧଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମରେ ରହୁଥିବା ଅସହାୟ ବୃଦ୍ଧ ବିଶ୍ୱମ୍ବର ଭୋଇଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ତାଙ୍କର ପ୍ରିୟ ପରିଜନ କେହି ନଥିବାରୁ ସେହି ଗ୍ରାମର ପିତାମ୍ବର ପାଣିଗ୍ରାହୀ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ବଟୁପାଲି ବୌଦ୍ଧର ସଂଯୋଜକ ରାମଚନ୍ଦ୍ର ମେହେର ଓ ବିକାଶ ମେହେରଙ୍କୁ ଜଣେଇବା ପରେ ସଂଗଠନର ସଦସ୍ୟ ସନ୍ତୋଷ ମେହେର, ରମେଶ ପ୍ରଧାନ, ଇନ୍ଦ୍ରମଣି ମେହେର, ଜିତେନ୍ଦ୍ର କୁମାର ମେହେରଙ୍କ ସହିତ ସେହି ଗ୍ରାମର ହୃଷିକେଶ ପ୍ରଧାନ ଓ ପିତାମ୍ବର ପାଣିଗ୍ରାହୀଙ୍କ ସହଯୋଗରେ ସରସରା ମଶାଣିରେ ଶବ ସତ୍କାର କରିଥିଲେ।

ନଭେମ୍ବର ୪ରେ ବିଜେଡ଼ିର ପଦଯାତ୍ରା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ବିଜୁ ଜନତା ଦଳ ପକ୍ଷରୁ ସିପି ଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆଗାମୀ ନଭେମ୍ବର ୪ ତାରିଖ ପଦଯାତ୍ରାକୁ ସଫଳ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେଡ଼ିର ରାଜ୍ୟ ଉପସଭାପତି ଚିରଞ୍ଜିବ ବିଶ୍ୱାଳ ଏବଂ ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଯୋଗଦେଇଥିଲେ। ଏକତା ଓ ସଂକଳ୍ପର ସହ ନଭେମ୍ବର ୪ରେ ବିଜେଡ଼ିର ଜଗତସିଂହପୁର ପଦଯାତ୍ରାକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଜେଡ଼ିର ବହୁ କର୍ମୀ ଯୋଗଦେଇଥିଲେ।

ମହାବିଦ୍ୟାଳୟ ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

ଶିକ୍ଷା ଉତ୍ତମ ମଣିଷ ଗଢ଼ିବାରେ ମୁଖ୍ୟ ଆଧାର

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ଗାଇସିଲେଟ ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରାଧ୍ୟାପକ ପ୍ରଦୀପ କୁମାର ପଧାନ, ନାରାୟଣ ମିଶ୍ର, ଉମାକାନ୍ତ ସାହୁ, ଅଧ୍ୟାପକ କିଶୋର ମିଶ୍ର, ପ୍ରତାପ ଚନ୍ଦ୍ର ଦାଶ, ଆଶୀର୍ବାଦ ସାହୁ ଓ ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଓଡ଼ିଆ ବିଭାଗର ଅଧ୍ୟାପକ ଅରବିନ୍ଦ ପ୍ରଧାନ, ଆଶୀର୍ବାଦ ସାହୁ ଓ ଅଧ୍ୟାପିକା ବୀଣାପାଣି ତାଣ୍ଡି ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ଅତିଥିମାନଙ୍କ ଦ୍ୱାରା



ପୂଜାର୍ଚ୍ଚନା ପରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଡ. ତ୍ରିପାଠୀ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶିକ୍ଷା କେବଳ ଡିଗ୍ରୀ ହାସଲର ମାଧ୍ୟମ ନୁହେଁ, ବରଂ ଜଣେ ଉତ୍ତମ ମଣିଷ ଗଢ଼ିବାର ମୁଖ୍ୟ ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଜୀବନରେ ଶୃଙ୍ଖଳା, ନିଷ୍ଠା, ନୈତିକତା ଓ ମାନବିକ ମୂଲ୍ୟବୋଧକୁ ଆପଣାଇ ଜଣେ ଆଦର୍ଶ ନାଗରିକ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ନବାଗତ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ, ଆତ୍ମବିଶ୍ୱାସ ଓ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ମହାବିଦ୍ୟାଳୟର ଏକ ସୁନ୍ଦର ଶିକ୍ଷାଗତ ପରିବେଶ ଗଠନର ବାର୍ତ୍ତା ପ୍ରଦାନ କରିଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା। ଏଥିପାଇଁ ବିଭାଗୀୟ ମୁଖ୍ୟ ଡ. ଜୟକେତନ ତ୍ରିପାଠୀ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଥିଲେ।

ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍‌ଥ୍' ଟାସ୍କଫୋର୍ସ କମିଟି ବୈଠକ

କଟକ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍‌ଥ୍' ଟାସ୍କଫୋର୍ସ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ 'ୱାନ୍ ହେଲ୍‌ଥ୍' ଆଭିମୁଖ୍ୟର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରଯାଇଥିଲା। ବିଶେଷକରି ଦେଖାଦେଉଥିବା ପଶୁପକ୍ଷୀମାନଙ୍କ ଠାରୁ ମଣିଷଙ୍କୁ ସଂକ୍ରମିତ ହେଉଥିବା ରୋଗ (zoonotic diseases) ଗୁଡ଼ିକର ନିୟନ୍ତ୍ରଣ କରିବା ସହ ଲୋକମାନଙ୍କୁ ସଚେତନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ ମାନବ ସ୍ୱାସ୍ଥ୍ୟ, ପ୍ରାଣୀ ସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଜଳାତଙ୍କ, ସ୍କ୍ରବ ଟାଇଫସ, ହେପ୍ଟୋସାଇରୋସିସ, ଆନ୍ଥ୍ରାକ୍ସ, ବ୍ରୁସେଲୋସିସ, ଜାପାନୀ ମସ୍ତିଷ୍କ ଜ୍ୱର, ନିପାଭାଇରସ୍ ରୋଗ, ଅଭିଯାନ ଇନଫ୍ଲୁଏଞ୍ଜା ରୋଗର ନିରାକରଣ, ଲକ୍ଷଣ ସଂକ୍ରମିତର କାରଣ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ପୋଲିସ, ଶିକ୍ଷା, ବନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ସଂକ୍ରାମକ ରୋଗର ପ୍ରତିରୋଧ ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ।

ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ନିମନ୍ତେ ପ୍ରଶିକ୍ଷଣ

କେନ୍ଦୁଝର, ନ୍ୟୁଜ୍

ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷାରେ ନଥିପତ୍ର ପ୍ରସ୍ତୁତି, ଚିଠିପତ୍ର ଲେଖନ ଓ ଦୈନନ୍ଦିନ ଦପ୍ତରୀ କାର୍ଯ୍ୟର ସୁଚାରୁ ସମ୍ପାଦନ ନିମନ୍ତେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦକ୍ଷ କରିବା ଉଦ୍ଦେଶ୍ୟରେ କେନ୍ଦୁଝର ଠାରେ ଏକ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନ, କେନ୍ଦୁଝରର ସହଯୋଗରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ଅବସରରେ ସରକାରୀ ଚିଠିପତ୍ର ପ୍ରସ୍ତୁତି, ନଥି ଉପସ୍ଥାପନ ଓ ଲେଖନ ଶୈଳୀ, ଶବ୍ଦ ପ୍ରୟୋଗ ଏବଂ ଦପ୍ତରୀ କାର୍ଯ୍ୟରେ ଓଡ଼ିଆ ଭାଷାର



ଶୁଦ୍ଧ ଓ ସଠିକ୍ ବ୍ୟବହାର ସମ୍ପର୍କରେ ବିଶଦ ଭାବେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ବକ୍ତବ୍ୟରେ କହିଥିଲେ ଯେ, ସରକାରୀ କାର୍ଯ୍ୟାଳୟରେ ମାତୃଭାଷା ଓଡ଼ିଆର ବ୍ୟାପକ ବ୍ୟବହାର ଦ୍ୱାରା ପ୍ରଶାସନିକ କାର୍ଯ୍ୟ ଅଧିକ ସ୍ୱଚ୍ଛ, ସରଳ ଓ ଲୋକାଭିମୁଖୀ ହୋଇପାରିବ। ଏହାଦ୍ୱାରା ସାଧାରଣ ଲୋକେ ସରକାରୀ ନିୟମ, ନିର୍ଦ୍ଦେଶ ଓ ସେବା ସମ୍ପର୍କରେ ସହଜରେ ବୁଝିପାରିବେ। ତେଣୁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଆନ୍ତରିକତାର ସହ ନିଜ ଦପ୍ତରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦେବା ଆବଶ୍ୟକ। ପ୍ରଶିକ୍ଷଣ ଶିବିରରେ ଡ. ମନୋରଞ୍ଜନ ପାଣିଗ୍ରାହୀ, ପ୍ରାକ୍ତନ ଅଧିକାରୀ ତଥା ଓଡ଼ିଆ ଭାଷା ପ୍ରଶିକ୍ଷକ, ଡ. ରମେଶ ଚନ୍ଦ୍ର ମଲ୍ଲିକ, ଓଡ଼ିଆ ବିଭାଗ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଡ. ସିଦ୍ଧାନ୍ତ ପାଢ଼ୀ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେମାନେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ଶୁଦ୍ଧତା, ସଠିକତା ଓ ବ୍ୟବହାରିକ ଦିଗ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇବା ସହ ଅଧିକାରୀ ଓ କର୍ମଚାରୀମାନଙ୍କୁ ଓଡ଼ିଆ ଭାଷାରେ ଦପ୍ତରୀ କାର୍ଯ୍ୟ ସମ୍ପାଦନ ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୁଚାରୁ ରୂପେ ସଂଯୋଜନା କରିଥିଲେ। ଏଥିରେ ପର୍ଯ୍ୟଟନ ବିଭାଗର କନିଷ୍ଠ ସହାୟକ ବିକ୍ରମ କେଶରୀ ପାତ୍ର ଏବଂ ଜିଲ୍ଲା ସଂସ୍କୃତି ପରିଷଦର କନିଷ୍ଠ ସହାୟକ ସନ୍ଦୀପ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରକାରୀ କାର୍ଯ୍ୟରେ ମାତୃଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ସହ ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ଭାଷାଗତ ଦୂରତା ଦୂର କରିବା ଦିଗରେ ଏହି ପ୍ରଶିକ୍ଷଣ ଶିବିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହୋଇଛି।

ଜଳ ନିଷ୍କାସନ ବାଟ ବନ୍ଦ:ଗ୍ରାମବାସୀ ହଟହଟା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଓ ମାର୍ଶାଘାଇ କେନାଲର ରାସ୍ତାର ଛପାଲି ଛକ ନିକଟ ପ୍ରଭାକରପୁର ଆପ୍ରୋଜ୍‌ରୋଡ୍ ନିକଟରେ ଠିକା କମ୍ପାନୀ କେନାଲ୍ ରାସ୍ତା କାମ କରୁଛି। ଏହି କାମ ଆଳରେ ଠିକା କମ୍ପାନୀ ଜଳ ନିଷ୍କାସନ ବାଟଗୁଡିକୁ ମାଟି ପକାଇ ବନ୍ଦ କରିଦେଇଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବଡ ବଡ ହାଇୱା ଯୋଗେ ଡଷ୍ଟ ଗୁଣ୍ଡ ପକାଇବାରୁ ଜଳ ନିଷ୍କାସନ ପଥ ଗୁଡିକ ବନ୍ଦ ହୋଇଯାଇଛି। ଯାହାଫଳରେ ଗ୍ରାମବାସୀଙ୍କର ଯାତାୟାତ ରାସ୍ତା ଅବରୋଧ ହେଉଥିବା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ରକୁମାର ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଓ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଯୁବ ଉତ୍ସବ ଉଦ୍ଘାଟିତ:ଲୋକକଳା ଓ ପ୍ରତିଭା ପ୍ରଦର୍ଶନ ମୁଖ୍ୟ ଆକର୍ଷଣ

ବାଲେଶ୍ୱର, ନ୍ୟୁଜ୍

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର ପରିସରରେ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଓ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ମିଳିତ ତତ୍ତ୍ୱାବଧାନରେ ଦୁଇଦିନିଆ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ, ବାଲେଶ୍ୱର ଅଧ୍ୟକ୍ଷ, ନାରାୟଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପରିଷଦର ଅଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ ଏବଂ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ଏହି ଦୁଇଦିନିଆ ମହୋତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ପ୍ରତିଭାମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ:ଲୋକଗୀତ ଲୋକନୃତ୍ୟ, ନୁକୁଡ ନାଟକ, କବିତା ଲିଖନ ଏବଂ ଚିତ୍ରକଳା ଭଳି ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମଗ୍ର କାର୍ଯ୍ୟକ୍ରମଟିକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସୁଚାରୁରୂପେ ପରିଚାଳନା କରିଥିଲେ।



||||||||||||||||||||| ରାଜପଥ ସୁରକ୍ଷା ଟାସ୍କଫୋର୍ସ ବୈଠକ |||||||||||||||||||||

ସଡ଼କ ଦୁର୍ଘଟଣା ହ୍ରାସ କରିବା ନେଇ ଗୁରୁତ୍ୱାରୋପ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହରେ ସଡକ ସୁରକ୍ଷା ଏବଂ ତାର ପ୍ରତିକାର ବିଷୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟମାନଙ୍କୁ ନେଇ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ପ୍ରଥମେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ ଜେ ସୋନାଲ ପୌରୋହିତ୍ୟ କରିଥିଲେ। ଉକ୍ତ ସଭାରେ ଆରକ୍ଷୀ ଅଧିକ୍ଷକ ଅର୍କିତ କୁମାର ବର୍ମା ଅପରାଧକୁ ନିରୀକ୍ଷଣ କରିବା ପାଇଁ ଜାତୀୟ ରାଜପଥ-୫୩ର ଦୋଛକିରେ ରାସ୍ତାରେ ନିରୀକ୍ଷଣ କ୍ୟାମେରା



ଲଗାଇବା ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ ପିଲେ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପସ୍ଥିତ ଥିଲେ। ଏହି ଅବସରରେ ଆର୍‌ଆଣ୍ଡବି, ଆର୍‌ଡି, ଏନ୍‌ଏଚ୍ ୫୫ର କର୍ମକର୍ତ୍ତାମାନେ ଏବଂ ଏନ୍‌ଜିଓର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ଯୋଗଦେଇ ଜିଲ୍ଲା ମଧ୍ୟରେ ସମସ୍ତ ଦୁର୍ଘଟଣାକୁ ବିସ୍ତୃତ ଭାବରେ ଆଲୋଚନା କରିବା ସହ ଉକ୍ତ ଦୁର୍ଘଟଣାକୁ ହ୍ରାସ କରିବାକୁ ଗଠନ ମୂଳକ ଭାବରେ ମନ୍ତବ୍ୟ ଉତ୍ଥାପନ କରିଥିଲେ। ଜିଲ୍ଲାପାଳ ଜେ ସୋନାଲ ଉକ୍ତ ଦୁର୍ଘଟଣାର ପ୍ରତିକାର ବିଷୟରେ ଆଲୋଚନା କରିବା ସହ ସମ୍ପୃକ୍ତ ବିଭାଗକୁ ରାସ୍ତାର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ସଂପୃକ୍ତ ଜାତୀୟ ରାଜପଥ ୫୩ ଜାତୀୟ ରାଜପଥ ୫୫ ଏବଂ ରାଜ୍ୟ ରାଜପଥ ୧୨ ରାସ୍ତା କଡ଼ରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଡି ରାସ୍ତା ଏବଂ ଆର୍‌ଆଣ୍ଡବି ରାସ୍ତାରେ ସଙ୍କେତ ଲଗାଇବା ସହ ରାସ୍ତାର ମରାମତି କାର୍ଯ୍ୟ ଏବଂ ଚଳିତ ବର୍ଷ ପାରାଦ୍ୱୀପରେ ବାଲିଯାତ୍ରାକୁ ଆଖି ଆଗରେ ରଖି ଲାଇଟ୍‌ର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ ଦେବା ସହ କାର୍ଯ୍ୟକୁ ଶିଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିଥିବା ଗୁଡ଼ ସମରଣ୍ଟିଆନ ମାନଙ୍କୁ ସମ୍ମାନୀତ କରିବା ସହ ସେବା ସଙ୍କଳ୍ପ ଅଭିଯାନରେ ଜିଲ୍ଲା ସ୍ତରୀୟ ସ୍ଲୋଗାନ ପ୍ରତିଯୋଗିତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ପରିବହନ ଅଧିକାରୀ ଶ୍ରୀ ସେଠୀ ସଡ଼କ ସୁରକ୍ଷା ସମିତିର ତତ୍ପରତା ପାଇଁ ଦୁର୍ଘଟଣା ମୃତ୍ୟୁହାର ପୂର୍ବ ବର୍ଷ ଅପେକ୍ଷା ଶତକଡା ୧୭ ପ୍ରତିଶତ ହ୍ରାସ ହୋଇଥିବାରୁ ସମସ୍ତଙ୍କୁ ସାଧୁବାଦ ଦେବା ସହ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କଡ଼ାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂପ୍ରତି ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଗଠନ ମୂଳକ ମତାମତ ଦେଇଥିଲେ। ଏଥିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

32 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୨ ନଭେମ୍ବର, ସୋମବାର, ୨୦୨୬

ହାଇଲୋ ଓପନ୍ ସୁପର ଫାଇନାଲରେ କ୍ରିର୍ସଫେଲ୍ଡଙ୍କୁ ହରାଇ ଚାମ୍ପିଅନ ହେଲେ ପିଭି ସିନ୍ଧୁ

ନୂଆଦିଲ୍ଲୀ



ଚାମ୍ପିଅନ ହେଲେ ପି.ଭି ସିନ୍ଧୁ। ଜର୍ମାନୀରେ ଆୟୋଜିତ ହାଇଲୋ ଓପନ ୨୦୨୬ର ଫାଇନାଲରେ ଡେନମାର୍କର ଲାଇନ ହୋୟମାର୍କ କ୍ରିର୍ସଫେଲ୍ଡଙ୍କୁ ସିଧାସଳଖ ଗେମରେ ହରାଇ ଟାଇଟଲ ନିଜ ନାମରେ କରିଛନ୍ତି। ଏହା ଚଳିତ ବର୍ଷର ତାଙ୍କର ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ଟାଇଟଲ। ଦୁଇ ଥରର ଅଲମ୍ପିକ ପଦକ ବିଜେତା ଭାରତର ପି.ଭି. ସିନ୍ଧୁ ଫାଇନାଲରେ କ୍ରିର୍ସଫେଲ୍ଡଙ୍କୁ ୨୧-୧୨ ,୨୧-୧୪ରେ ହରାଇଥିଲେ। ଗତ ସପ୍ତାହରେ ଫ୍ରେଞ୍ଚ ଓପନର ଫାଇନାଲରେ ହାରିବା ପରେ ୩୧ ବର୍ଷୀୟ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ସିନ୍ଧୁ ନିଜର ସପ୍ତମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିଛନ୍ତି, ଯାହାକି ଚଳିତ ସିଜନର ୨ୟ ଟାଇଟଲ ନିଜ ନାମରେ କରିପାରିଛନ୍ତି।

ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିନ୍ଧୁ ପାଞ୍ଚ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର, ୩୯ ମିନିଟ୍ ଧରି ଚାଲିଥିବା ଫାଇନାଲ୍ ମୁକାବିଲାରେ ଅଷ୍ଟମ ମାନ୍ୟତାପ୍ରାପ୍ତ କ୍ରିର୍ସଫେଲ୍ଡଙ୍କୁ ୨୧-୧୨, ୨୧-୧୪ ବ୍ୟବଧାନରେ ପରାସ୍ତ କରିଛନ୍ତି। ଜୁଲାଇ ମାସରେ ଜାପାନ୍ ଓପନରେ ଟାଇଟଲ ଜିତିଥିବା ଏବଂ ଗତ ସପ୍ତାହରେ ଫ୍ରେଞ୍ଚ ଓପନରେ ରନର୍ସଅପ୍ ରହିଥିବା ସିନ୍ଧୁ, ପୂରା ମୁକାବିଲାରେ ଚମତ୍କାର ନିୟନ୍ତ୍ରଣ ଏବଂ ଦମଦାର ଖେଳ ପ୍ରଦର୍ଶନ କରି ଥିଲେ।

ବିଶ୍ୱ ମାନ୍ୟତାର ଅଷ୍ଟମ ସ୍ଥାନରେ ଥିବା ଏହି ଭାରତୀୟ ଖେଳାଳି ଏହି ବିଜୟ ସହିତ ୯,୨୦୦ ରାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି ଏବଂ ସିଜିନ୍ ଶେଷରେ ହେବାକୁ ଥିବା ବିଶ୍ୱ ଟୁର୍ ଫାଇନାଲ୍ସ ପାଇଁ ନିଜର ଦାବିକୁ ମଜଭୁତ କରିଛନ୍ତି। ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସିନ୍ଧୁଙ୍କର ଫାଇନାଲ୍ ପୂର୍ବରୁ କ୍ରିର୍ସଫେଲ୍ଡଙ୍କ ବିରୁଦ୍ଧରେ ଜିତିବା-ହାରିବା ରେକର୍ଡ ୬-୧ ଥିଲା। ଡେନମାର୍କର ଖେଳାଳି ଜଣକ ତାଙ୍କ ବିରୁଦ୍ଧରେ ଏକମାତ୍ର ବିଜୟ ୨୦୨୫ ସୁଦିରମନ୍ କପ୍ ଫାଇନାଲ୍ସରେ ହାସଲ କରି ଥିଲେ।

ସିନ୍ଧୁ ଜୁଲାଇରେ ଜାପାନ୍ ଓପନ୍ ୨୦୨୬ର ଫାଇନାଲରେ ତିନିଥରର ବିଶ୍ୱ ଚାମ୍ପିଅନ୍ ଜାପାନର ଆକାନେ ୟାମାଗୁଚିଙ୍କୁ ପରାସ୍ତ କରି ଟାଇଟଲ ଜିତି ଥିଲେ। ଡିସେମ୍ବର ୨୦୨୪ ପରେ ଏହା ତାଙ୍କର ପ୍ରଥମ ବିଡବ୍ଲୁଏଫ୍ ଟାଇଟଲ ଥିଲା। ଏହା ସହିତ, ଏହା ତାଙ୍କ କ୍ୟାରିୟରର ପ୍ରଥମ 'ସୁପର ୭୫୦' ଟାଇଟଲ ମଧ୍ୟ ଥିଲା। ହାଇଲୋ ଓପନ୍ ଜିତିବା ସହ ୨୦୨୨ ପରେ ଏହା ପ୍ରଥମ ଥର ପାଇଁ ଘଟିଛି, ଯେତେବେଳେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିନ୍ଧୁ ଗୋଟିଏ ସିଜିନରେ ଦୁଇଟି ଟାଇଟଲ ନିଜ ନାମରେ କରିଛନ୍ତି।

୭ ୱିକେଟ୍‌ରେ ମ୍ୟାଚ୍ ଜିତିଲା ନ୍ୟୁଜିଲାଣ୍ଡ : ୩-୨ରେ ସିରିଜ୍ ହାତେଇଲା ଭାରତ

ହାମିଲଟନ୍



ଶେଷ ମ୍ୟାଚ୍‌ରେ ବି ହାରିଲା ଟିମ୍ ଇଣ୍ଡିଆ। ପଞ୍ଚମ ଟି-ଟ୍ୱେଣ୍ଟି ମ୍ୟାଚ୍‌କୁ ୧୮ ଓଭରରେ ୭ ୱିକେଟରେ ଜିତି ନେଇଛି ନ୍ୟୁଜିଲାଣ୍ଡ। ରବିବାର ହାମିଲଟନରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଘରୋଇ ଦଳକୁ ୧୯୧ ରନ୍‌ର ଟାର୍ଗେଟ୍ ଦେଇଥିଲା ଭାରତ। ତେବେ ସାଣ୍ଟନର ବାହିନୀ ମ୍ୟାଚ୍‌କୁ ଏକତରଫା କରିଦେଇଥିଲା। ମାତ୍ର ୧୮ ଓଭରରେ ତିନୋଟି ୱିକେଟ ହରାଇ ବିଜୟ ହାସଲ କରିଛି ଘରୋଇ ଦଳ। ଅନ୍ୟପଟେ ଲଗାତାର ଦୁଇଟି ମ୍ୟାଚ୍ ହାରିବା ସତ୍ତ୍ୱେ ୫ଟି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜକୁ ୩-୨ରେ ହାତେଇଛି ଭାରତୀୟ ଦଳ। ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ୍ ମିଲନେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଏବଂ ଗ୍ଲେନ୍ ଫିଲିପ୍ସ ପ୍ଲେୟାର ଅଫ୍ ଦି ସିରିଜ୍ ହୋଇଛନ୍ତି।

ସୂଚନା ଅନୁଯାୟୀ, ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଶାନ କିଷାନ ଓ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୮ ଓଭରରେ ୩ ୱିକେଟ୍ ହରାଇ ୧୯୫ ରନ୍ କରି ବିଜୟ ହାସଲ କରିଥିଲା। ସିରିଜର ପ୍ରଥମ ତିନୋଟି ମ୍ୟାଚ୍ ଭାରତ ଜିତିଥିବା ବେଳେ ଶେଷ ଦୁଇଟି ମ୍ୟାଚରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଛି। ତେବେ ପ୍ରଥମ ତିନୋଟି ମ୍ୟାଚ୍ ଜିତି ଭାରତ ସିରିଜକୁ ୩-୨ରେ ନିଜ ନାଁରେ କରିଛି।

ନ୍ୟୁଜିଲାଣ୍ଡ ପାଳିର ହାଇଲାଇଟ୍ସ : ନ୍ୟୁଜିଲାଣ୍ଡର ଇନିଂସ୍ ଆରମ୍ଭରେ ଅର୍ଶଦୀପ ସିଂହ ଫିନ୍ ଆଲେନଙ୍କ ଆଉଟ୍ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଆଲେନ୍ ୩ଟି ବଲରୁ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ। ଇଶାନ କିଷାନ ତାଙ୍କ କ୍ୟାଚ୍ ଧରିଥିଲେ। ଏହାପରେ ଟିମ୍ ସେଫର୍ଟ ଓ ଡାରିଲ୍ ମିଚେଲଙ୍କ ମଧ୍ୟରେ ୭୩ ରନର ଭାଗୀଦାରି ହୋଇଥିଲା। ଡାରିଲ୍ ମିଚେଲ୍ ୨୯ ରନ୍ କରି ଆଉଟ୍ ହୋଇଥିଲେ। ବରୁଣ ଚକ୍ରବର୍ତ୍ତୀ ତାଙ୍କୁ ଆଉଟ୍ କରି ନ୍ୟୁଜିଲାଣ୍ଡକୁ ଦ୍ୱିତୀୟ ଝଟକା ଦେଇଥିଲେ। ଏହି ସମୟରେ ଦଳର ସ୍କୋର ୮୨ ରନରେ ୨ ୱିକେଟ୍ ଥିଲା। ପରେ ଟିମ୍ ସେଫର୍ଟ ୯୩ ରନ୍ କରି ନୀତିଶ କୁମାର ରେଡ୍ଡୀଙ୍କ ବଲରେ ବୋଲ୍ଡ ହୋଇଥିଲେ। ସେତେବେଳେ ନ୍ୟୁଜିଲାଣ୍ଡର ସ୍କୋର ୧୬୮ ରନ୍ ଥିଲା। ଏହାପରେ ଗ୍ଲେନ୍ ଫିଲିପ୍ସ ଅପରାଜିତ ୬୫ ରନ୍ ଏବଂ ବେଭନ୍ ଜାକବ୍ସ ଅପରାଜିତ ୧ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ଟି-୨୦ ସିରିଜରେ ଶ୍ରେଷ୍ଠ ଖେଳାଳି ହୋଇଥିବା ବେଳେ ଆଡାମ୍ ମିଲେନ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ନୀତିଶ କୁମାର ରେଡ୍ଡୀ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି। ଆସନ୍ତା ନଭେମ୍ବର ୪ ତାରିଖରୁ ଉଭୟ ଦଳ ମଧ୍ୟରେ ପାଞ୍ଚଟିକିଆ ଦିନିକିଆ ସିରିଜ୍ ଆରମ୍ଭ ହେବ।

ଭାରତୀୟ ପାଳିର ହାଇଲାଇଟ୍ସ : ଭାରତୀୟ ଇନିଂସରେ ଇଶାନ କିଷାନ ଓ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ମୁଖ୍ୟ ଆକର୍ଷଣ ଥିଲା। ତେବେ ନ୍ୟୁଜିଲାଣ୍ଡର ଆଡାମ୍ ମିଲେନ ୪ଟି ୱିକେଟ୍ ନେଇ ଭାରତୀୟ ବ୍ୟାଟର୍ସଙ୍କୁ ଅସୁବିଧାରେ ପକାଇଥିଲେ। ନାଥନ୍ ସ୍ମିଥ୍ ଓ ବ୍ଲେୟାର୍ ଟିକନର୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ପ୍ରଥମ ଭାରତର ଆରମ୍ଭ ଭଲ ହୋଇନଥିଲା। ଦ୍ୱିତୀୟ ଓଭରରେ ଆଡାମ୍ ମିଲେନଙ୍କ ବଲରେ ଅଭିଷେକ ଶର୍ମା ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ମିଲେନ ଅନ୍ୟତମ ଓପନର୍ ସଞ୍ଜୁ ସାମସନଙ୍କୁ ମାତ୍ର ୪ ରନରେ ପ୍ୟାଭିଲିୟନ୍ ପଠାଇଥିଲେ। ପରେ ଅଧିନାୟକ ଶ୍ରେୟସ ଆୟର ଓ ଇଶାନ କିଷାନ ତୃତୀୟ ୱିକେଟ୍ ପାଇଁ ୯୩ ରନ୍ ଯୋଡ଼ିଥିଲେ। ଇଶାନ କିଶନ ୩୨ଟି ବଲରୁ ୫ଟି ଚୌକା ଓ ୫ଟି ଛକା ସହ ୬୧ ରନ୍ କରିଥିଲେ। ବ୍ଲେୟାର୍ ଟିକନର୍ ତାଙ୍କ ୱିକେଟ୍ ନେଇଥିଲେ। ଅନ୍ୟପଟେ ଶ୍ରେୟସ ଆୟର ମାତ୍ର ୨୨ଟି ବଲରୁ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। କିନ୍ତୁ ଅର୍ଦ୍ଧଶତକ ହାସଲ କରିବା ପରେ ସେ ଆଉଟ୍ ହୋଇଯାଇଥିଲେ। ତିଳକ ବର୍ମା ମାତ୍ର ୫ ରନ୍ କରି ନାଥନ୍ ସ୍ମିଥଙ୍କ ବଲରେ ଆଉଟ୍ ହୋଇଥିଲେ। ୧୮.୪ ଓଭରରେ ନମନ୍ ଧୀର ୨୩ଟି ବଲରୁ ୪ଟି ଚୌକା ଓ ଗୋଟିଏ ଛକା ସହ ୩୩ ରନ୍ କରି ଆଉଟ୍ ହୋଇଥିଲେ। ମାଇକେଲ୍ ବ୍ରେସୱେଲ୍ ତାଙ୍କ କ୍ୟାଚ୍ ଧରିଥିଲେ। ନୀତିଶ ରେଡ୍ଡୀ ୨୨ ରନ୍ କରି ଶେଷ ଓଭରରେ ଆଡାମ୍ ମିଲେନଙ୍କ ବଲରେ ଆଉଟ୍ ହୋଇଥିଲେ। ସେହି ଓଭରରେ ମିଲେନ ଭୁବନେଶ୍ୱର କୁମାରଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଭୁବନେଶ୍ୱର ୬ ରନ୍ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ନିର୍ଦ୍ଧାରିତ ୨୦ ଓଭରରେ ୧୯୧ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା।

ସୂର୍ଯ୍ୟକୁମାରଙ୍କ ଅଲ୍-ଟାଇମ୍ ରେକର୍ଡ ଭାଙ୍ଗିଲେ ଇଶାନ କିଶନ

ହାମିଲଟନ୍



ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ଧୂଆଁଧାର ଖେଳାଳି ଇଶାନ କିଶନଙ୍କ ବ୍ୟାଟ୍‌ରୁ ଚମତ୍କାର ବ୍ୟାଟିଂ ଦେଖିବାକୁ ମିଳିଛି। ଇଶାନ ୩୨ ବଲରେ ୬୧ ରନର ଚମତ୍କାର ଇନିଂସ କରି ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଯେଉଁଥିରେ ସେ ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛନ୍ତି।

ଦୀର୍ଘ ସମୟ ଧରି ଟିମ୍ ଇଣ୍ଡିଆର ସ୍କ୍ୱାଡ୍‌ରୁ ବାହାରେ ଥିବା ଇଶାନ କିଶନ ୨୦୨୬ ବର୍ଷରେ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିବା ପରେ ଦଳକୁ ଫେରିଥିଲେ। ଏହି ସୁଯୋଗର ପୂରା ଫାଇଦା ଉଠାଇ ଇଶାନ ଦଳରେ ନିଜ ସ୍ଥାନ ପକ୍କା କରିବା ସହ ତାଙ୍କ ବ୍ୟାଟ୍‌ରୁ ଅନେକ ମ୍ୟାଚ୍ ବିଜୟୀ ଇନିଂସ ଦେଖିବାକୁ ମିଳିଛି। ବର୍ତ୍ତମାନ ଇଶାନ କିଶନ ଟି୨୦ ଅନ୍ତର୍ଜାତୀୟରେ ଭାରତ ତରଫରୁ ଗୋଟିଏ ବର୍ଷରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ଖେଳାଳି ହୋଇପାରିଛନ୍ତି। ଯେଉଁଥିରେ ସେ ସୂର୍ଯ୍ୟକୁମାର ଯାଦବଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳିବା ପରେ ଇଶାନ କିଶନ ସମ୍ପୂର୍ଣ୍ଣ ଫିଟ୍ ନଥିବା କାରଣରୁ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ଦଳରୁ ବାହାରେ ରହିଥିଲେ। ଏହାପରେ ଚତୁର୍ଥ ମ୍ୟାଚ୍‌ରେ ସେ ଦଳକୁ ଫେରିଥିଲେ ମଧ୍ୟ ବ୍ୟାଟ୍‌ରେ କିଛି ବିଶେଷ କମାଲ କରିବାରେ ସଫଳ ହୋଇନଥିଲେ। ୫ମ ମ୍ୟାଚ୍‌ରେ ଯେତେବେଳେ ଦ୍ୱିତୀୟ ଓଭରରେ ଇଶାନ କିଶନ ବ୍ୟାଟିଂ କରିବାକୁ ଓହ୍ଲାଇଲେ, ସେ ଗୋଟିଏ ପଟୁ ଇନିଂସକୁ ସମ୍ଭାଳିଥିଲେ ଏବଂ ପରେ ଅଧିନାୟକ ଆୟର ପଡ଼ିଆକୁ ଆସିବା ପରେ ତାଙ୍କ ସହ ମିଶି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ।

ଇଶାନ କିଶନ ଏହି ମ୍ୟାଚ୍‌ରେ ମାତ୍ର ୨୮ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଯେଉଁଥିରେ ତାଙ୍କ ବ୍ୟାଟ୍‌ରୁ ଏହି ମୁକାବିଲାରେ ୩୨ ବଲ୍‌ରେ ୬୧ ରନର ଇନିଂସ ଦେଖିବାକୁ ମିଳିଥିଲା। ଏହାସହ ଇଶାନ କିଶନ ଟି୨୦ ଅନ୍ତର୍ଜାତୀୟରେ ଗୋଟିଏ ବର୍ଷରେ ସବୁଠାରୁ ଅଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନମାନଙ୍କ ତାଲିକାରେ ସୂର୍ଯ୍ୟକୁମାର ଯାଦବଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୨୬ ବର୍ଷରେ ଇଶାନଙ୍କ ବ୍ୟାଟ୍‌ରୁ ଏପର୍ଯ୍ୟନ୍ତ ମୋଟ୍ ୧୨୨୦ ରନ୍ ଦେଖିବାକୁ ମିଳିଥିବା ବେଳେ, ସୂର୍ଯ୍ୟକୁମାର ଯାଦବ ୨୦୨୨ ବର୍ଷରେ ୧୧୬୪ ରନ୍ ସଂଗ୍ରହ କରିଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ଟି୨୦ ମ୍ୟାଚ୍‌ରେ ଇଶାନ କିଶନ ନିଜର ୬୧ ରନର ଇନିଂସ ବଳରେ ଟି୨୦ ଅନ୍ତର୍ଜାତୀୟରେ ୨୦୦୦ ରନ୍‌ର ମାଇଲଖୁଣ୍ଟ ଛୁଇଁଛନ୍ତି। ଏହାସହ ସବୁଠାରୁ କମ୍ ବଲ୍ ସାମ୍ନା କରି ୨୦୦୦ ରନ୍ ପୂରଣ କରିବାରେ ଇଶାନ ତୃତୀୟ ଭାରତୀୟ ହୋଇପାରିଛନ୍ତି। ସେ ମୋଟ୍ ୧୩୪୫ଟି ବଲ୍‌ରେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଅନ୍ୟପଟେ ଏହି ତାଲିକାର ପ୍ରଥମ ସ୍ଥାନରେ ୧୦୨୪ଟି ବଲ୍ ସହ ଅଭିଷେକ ଶର୍ମା ଏବଂ ୧୧୬୪ଟି ବଲ୍ ସହ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ବାରବାଟୀ ଷ୍ଟାଡିୟମର ନବୀକରଣ

ଭାରତ-ଶ୍ରୀଲଙ୍କା ଟି-୨୦ ମ୍ୟାଚ୍ ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଓସିଏର ଆଲୋଚନା

କଟକ, ନ୍ୟୁଜ୍‌ବ୍ୟୁରୋ



ଓଡ଼ିଶାରେ କ୍ରିକେଟ୍‌ର ବିକାଶ ସହ ବାରବାଟୀ ଷ୍ଟାଡିୟମର ନବୀକରଣ ଓ ଆଗାମୀ ଭାରତ-ଶ୍ରୀଲଙ୍କା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ସୁପରିଚାଳନାକୁ ନେଇ ରବିବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ଆସୋସିଏସନ୍‌ର ଅନ୍ୟାନ୍ୟ ପଦାଧିକାରୀ ଏବଂ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକର ସଦସ୍ୟମାନେ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ। ବାରବାଟୀ ଷ୍ଟାଡିୟମରେ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକର ସୁଚାରୁ ଆୟୋଜନ ପାଇଁ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ଏବଂ ସମ୍ପୃକ୍ତ ବିଭାଗ ଗୁଡ଼ିକ ଯେଉଁ ସହଯୋଗ ଓ ସକ୍ରିୟ ସମର୍ଥନ ଯୋଗାଇ ଆସିଛନ୍ତି, ସେଥିପାଇଁ ଓସିଏ ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା।

ଆଗାମୀ ଭାରତ-ଶ୍ରୀଲଙ୍କା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ବାରବାଟୀ ଷ୍ଟାଡିୟମରେ ସଫଳତାର ସହ ଆୟୋଜନ କରିବା ଲାଗି ସରକାରଙ୍କ ସହଯୋଗ ଜାରି ରଖିବା ଉପରେ ପ୍ରତିନିଧି ମଣ୍ଡଳୀ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଜ୍ୟର ସମସ୍ତ ଜିଲ୍ଲାରେ କ୍ରିକେଟ୍‌ର ବ୍ୟାପକ ବିକାଶ ଓ ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ବାରବାଟୀ ଷ୍ଟାଡିୟମର ପୁନଃବିକାଶକୁ ନେଇ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଥିବା ଓସିଏର ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି। ତେବେ ଏହି ବୈଠକରେ ଷ୍ଟାଡିୟମର ନବୀକରଣ କିମ୍ବା ଆଗାମୀ ମ୍ୟାଚ୍ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରାଯାଇଥିବା ସୂଚନା ପ୍ରେସ୍ ରିଲିଜ୍‌ରେ ଦିଆଯାଇନାହିଁ।

ଦ୍ୱିତୀୟ 'ଏ' ଟେଷ୍ଟ୍ : ଜୁରେଲଙ୍କ ଶତକ

ଖ୍ରୀଷ୍ଟଚର୍ଚ୍ଚ

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ୍‌ରେ ଅଧିନାୟକ ଧ୍ରୁବ ଜୁରେଲ (୧୦୫)ଙ୍କ ଶତକ ବଳରେ ଭାରତ ୩୪୬ ରନ୍ କରିଛି। ଶନିବାରର ସ୍କୋର ୨୯୧/୭ରୁ ଖେଳ ଆରମ୍ଭ କରିଥିବା ଭାରତ ଏଥିରେ ୬ ରନ୍ ଯୋଡ଼ିବା ପରେ ଜୁରେଲଙ୍କୁ ହରାଇଥିଲା। ଏହାପରେ ଆକାଶ ଦୀପ ଚମତ୍କାର ଖେଳି ନିଜର ଅର୍ଦ୍ଧଶତକ ପୂରଣ କରିବା ସହ ମହମ୍ମଦ ସିରାଜ (୧୨ ବଲ୍‌ରୁ ୦)ଙ୍କ ୩୭ ଏବଂ ମୁକେଶ କୁମାର (୨ ବଲ୍‌ରୁ ୫)ଙ୍କ ୧୨ ରନ୍‌ର ଭାଗୀଦାରି ଗଢ଼ି ଦଳୀୟ ସ୍କୋର ଦେଢ଼ଶହର ନିକଟବର୍ତ୍ତୀ କରିଥିଲେ।

ଜାବାବରେ ନ୍ୟୁଜିଲାଣ୍ଡ ୧୩ ରନ୍‌ରେ ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲେ। ହେଲେ ମାଥ୍ୟୁ ବୋୟଲ (୧୦୮) ଓ ଡିନ୍ ଫକ୍ସକ୍ରଫ୍ଟ (୮୦) ଅବିଭାଜିତ ଚତୁର୍ଥ ୱିକେଟ୍‌ରେ ୨୦୫ ରନ୍ ଯୋଡ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ନ୍ୟୁଜିଲାଣ୍ଡ 'ଏ' ୩ ୱିକେଟ୍ ହରାଇ ୨୧୮ ରନ୍ କରିଛି। ଭାରତ ପକ୍ଷରୁ ମୁକେଶ କୁମାର ୨ ଓ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ନେଇଥିଲେ।

ମିଷ୍ଟର ବିଷ୍ଟଙ୍କୁ ହରାଇ ୧ ଲକ୍ଷ ଡଲାର ଜିତିଲେ ହାର୍ଦ୍ଦିକ ପାଣ୍ଡ୍ୟା : ଗରିବ ପିଲାଙ୍କୁ ଦାନ କଲେ ସମ୍ପୂର୍ଣ୍ଣ ପୁରସ୍କାର ରାଶି

ନୂଆଦିଲ୍ଲୀ



ହାର୍ଦ୍ଦିକ ପାଣ୍ଡ୍ୟା କ୍ରିକେଟ୍ ପଡ଼ିଆରେ ନିଜ ଖେଳ ଦ୍ୱାରା ପ୍ରଶଂସକଙ୍କ ହୃଦୟ ଜିତିଥାନ୍ତି, କିନ୍ତୁ ବର୍ତ୍ତମାନ ପଡ଼ିଆ ବାହାରେ ମଧ୍ୟ ନିଜ ବ୍ୟବହାର ଦ୍ୱାରା ସେ ଲୋକଙ୍କ ମନ ଜିତୁଛନ୍ତି। ନିକଟରେ ହାର୍ଦ୍ଦିକ ପାଣ୍ଡ୍ୟା 'ମିଷ୍ଟର ବିଷ୍ଟ'ଙ୍କ ଶୋ'ରେ ନଜର ଆସିଥିଲେ, ଯେଉଁଠାରେ ସେ କିଛି ଚ୍ୟାଲେଞ୍ଜ ପୂରା କରି ୧୦୦,୦୦୦ ଡଲାରର (ପ୍ରାୟ ୯୫ ଲକ୍ଷ ଭାରତୀୟ ଟଙ୍କା) ପୁରସ୍କାର ରାଶି ଜିତିବାରେ ସଫଳତା ହାସଲ କରିଛନ୍ତି। କିନ୍ତୁ ଏହି ୧୦୦,୦୦୦ ଡଲାରର ପୁରସ୍କାର ରାଶିକୁ ହାର୍ଦ୍ଦିକ ନିଜ ପାଖରେ ରଖିନାହାନ୍ତି।

ହାର୍ଦ୍ଦିକ ବଡ଼ ହୃଦୟ ଦେଖାଇ ଜିତିଥିବା ସମ୍ପୂର୍ଣ୍ଣ ଅର୍ଥରାଶି ସେହି ଅଭାବୀ ପିଲାମାନଙ୍କୁ ଦାନ କରିଦେଇଛନ୍ତି, ଯେଉଁମାନଙ୍କ ପାଖରେ ସମ୍ବଳ, ଶିକ୍ଷା ଏବଂ ଖାଦ୍ୟର ଅଭାବ ରହିଛି। ସେ ଏହି ଅର୍ଥ ସେହି ପିଲାମାନଙ୍କୁ ଦେବା ସହିତ ବୁଲା କୁକୁରମାନଙ୍କ ପାଇଁ ଆଶ୍ରୟସ୍ଥଳର ବ୍ୟବସ୍ଥା କରିବାରେ ସାହାଯ୍ୟ କରିବାକୁ ମଧ୍ୟ ଦାନ କରିଛନ୍ତି। ହାର୍ଦ୍ଦିକ ଏଭଳି କରି ଆଉ ଥରେ ସମସ୍ତଙ୍କ ହୃଦୟ ଜିତି ନେଇଛନ୍ତି।

ଚ୍ୟାଲେଞ୍ଜ ଏହା ଥିଲା ଯେ ବେସବଲକୁ ଷ୍ଟାଡିୟମ୍ ବାହାରକୁ ମାରିବାର ଥିଲା ଏବଂ ଯେଉଁ ପ୍ରତିଯୋଗୀ ସବୁଠାରୁ ଅଧିକ ବଲ୍ ଷ୍ଟାଡିୟମ୍ ବାହାରକୁ ପଠାଇଥାନ୍ତେ, ତାଙ୍କୁ ବିଜେତା ଘୋଷଣା କରାଯାଇ ଥାନ୍ତା। ଆଶ୍ଚର୍ଯ୍ୟର କଥା ଏହା ଯେ, ହାର୍ଦ୍ଦିକ କହିଥିଲେ ସେ ପୂର୍ବରୁ କେବେ ବେସବଲ୍ ଖେଳିନଥିଲେ। ତଥାପି ଏହି ଭାରତୀୟ ଅଲରାଉଣ୍ଡର ନିଜର ଚମତ୍କାର ହିଟିଂ କ୍ଷମତା ପ୍ରଦର୍ଶନ କରିଥିଲେ ଏବଂ ତିନୋଟି ବଲକୁ ଷ୍ଟାଡିୟମ୍ ବାହାରକୁ ପଠାଇ ମିଷ୍ଟର ବିଷ୍ଟଙ୍କ ସାମ୍ନାରେ ଏକ ବଡ଼ ଚ୍ୟାଲେଞ୍ଜ ଛିଡ଼ା କରିଥିଲେ। ଶେଷରେ ହାର୍ଦ୍ଦିକ ଏହି ଚ୍ୟାଲେଞ୍ଜକୁ ଜିତି ନେଇଥିଲେ ଏବଂ ୧୦୦,୦୦୦ ଡଲାରର ପୁରସ୍କାର ହାସଲ କରିଥିଲେ।

ମିଷ୍ଟର ବିଷ୍ଟ, ଯାହାଙ୍କର ପ୍ରକୃତ ନାମ ଜିମି ଡୋନାଲଡସନ୍, ସେ ଦୁନିଆର ସବୁଠାରୁ ଲୋକପ୍ରିୟ ୟୁଟ୍ୟୁବ୍ କ୍ରିଏଟର୍ସଙ୍କ ମଧ୍ୟରୁ ଜଣେ। ସେ ଜଣାଶୁଣା ସେଲିବ୍ରିଟି ଏବଂ ଆଥଲେଟ୍‌ମାନଙ୍କୁ ସାମିଲ କରି ବଡ଼ ବଡ଼ ଚ୍ୟାଲେଞ୍ଜ ଆୟୋଜନ କରିବା ପାଇଁ ଜଣାଶୁଣା। ହାର୍ଦ୍ଦିକଙ୍କ ସହ ତାଙ୍କର ସମ୍ପ୍ରତି କୋଲାବୋରେସନ୍ କ୍ରିକେଟ୍ ଏବଂ ଡିଜିଟାଲ୍ ଏଣ୍ଟରଟେନମେଣ୍ଟକୁ ଏକାଠି ଆଣିଛି, ଯେଉଁଥିରେ କ୍ୟାରିମିନାଟିଙ୍କ ଉପସ୍ଥିତି ଏହି କ୍ରସଓଭରରେ ଏକ ଭାରତୀୟ ରଙ୍ଗ ଯୋଡ଼ିଛି।

କହିରଖୁଛୁ ଯେ, ହାର୍ଦ୍ଦିକ ପାଣ୍ଡ୍ୟା ବେଶ୍ କିଛି ସମୟ ହେବ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି। ସେ ନିଜ ଆଘାତରୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇପାରି ନାହାନ୍ତି। ବର୍ତ୍ତମାନ ସେ ନିଜର ଆଇପିଏଲ୍ ଦଳକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ସେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ରହିପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ଖବର ଆସିଥିଲା ଯେ, ସେ ଟ୍ରେଡିଂ ଜରିଆରେ ମୁମ୍ବାଇ ଛାଡ଼ି ଅନ୍ୟ କୌଣସି ଦଳକୁ ଯାଇପାରନ୍ତି।

ରାଜ୍ୟଗୋଷ୍ଠୀ କବାଡ଼ି ପ୍ରତିଯୋଗିତା

ଉଭୟ ପୁରୁଷ ଓ ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଲା ଭାରତ



ନୂଆଦିଲ୍ଲୀ

ଭାରତ ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଉଭୟ ପୁରୁଷ ଓ ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଫାଇନାଲରେ ଭାରତୀୟ ପୁରୁଷ ଦଳ ଶ୍ରୀଲଙ୍କାକୁ ୫୪-୨୦ରେ ପରାସ୍ତ କରିଥିବା ବେଳେ, ମହିଳା ଦଳ ଉଗାଣ୍ଡାକୁ ୩୫-୧୫ରେ ମାତ୍ ଦେଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛି। ଉଭୟ ଭାରତୀୟ ଦଳ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ବି ମ୍ୟାଚ୍ ହାରିନାହାନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କବାଡି ପ୍ରତିଯୋଗିତା ଆୟୋଜିତ ହୋଇଛି ଏବଂ ଏହାର ଆୟୋଜକ ସହର ଅହମ୍ମଦାବାଦ ରହିଥିଲା। ଫାଇନାଲରେ ଭାରତ ଆରମ୍ଭରୁ ହିଁ ଶ୍ରୀଲଙ୍କା ଉପରେ ଚାପ ବଜାୟ ରଖିଥିଲା। ଆଦିତ୍ୟ ଶିନ୍ଦେ ୧୦ ରେଡ୍ ପଏଣ୍ଟ ସହ ସୁପର-୧୦ ହାସଲ କରିଥିବା ବେଳେ ଭରତ ହୁଡ୍ଡା ଆଠ ପଏଣ୍ଟ ସଂଗ୍ରହ କରିଥିଲେ। ଯୋଗେଶ ଦାହିୟା ଡିଫେନ୍ସରେ ଚମତ୍କାର ପ୍ରଦର୍ଶନ କରି ହାଇ-୫ ପୂରଣ କରିଥିଲେ।

ଭାରତ ଏହି ମ୍ୟାଚ୍‌ରେ ଚାରି ଥର ଶ୍ରୀଲଙ୍କା ଦଳକୁ ଅଲ୍ ଆଉଟ୍ କରିଥିବା ବେଳେ ନିଜେ ଦଳ ଥରେ ହେଲେ ବି ଅଲ୍ ଆଉଟ୍ ହୋଇନଥିଲା। ଭାରତୀୟ ଦଳ ୩୦ ରେଡ୍ ଏବଂ ୧୪ ଟ୍ୟାକଲ୍ ପଏଣ୍ଟ ହାସଲ କରିଥିଲା। ପ୍ରଥମ ହାଫ୍‌ରେ ହିଁ ଭାରତ ୩୦-୧୦ର ଏକ ବଡ଼ ଅଗ୍ରଣୀ ହାସଲ କରିନେଇଥିଲା, ଯାହା ପରେ ଶ୍ରୀଲଙ୍କା ପାଇଁ ମ୍ୟାଚ୍‌କୁ ଫେରିବା କଷ୍ଟକର ହୋଇପଡ଼ିଥିଲା।

ସୁରଜିତ ସିଂହ ନରୱାଲଙ୍କ ନେତୃତ୍ୱରେ ପୁରୁଷ ଦଳ ଟୁର୍ଣ୍ଣାମେଣ୍ଟରେ ନିଜର ସମସ୍ତ ଆଠଟି ମ୍ୟାଚ୍ ଜିତିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ, ଉଗାଣ୍ଡା, ମାଲେସିଆ, ନାଇଜେରିଆ, ତାଞ୍ଜାନିଆ ଓ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ଭାରତ ସେମିଫାଇନାଲରେ ବାଂଲାଦେଶକୁ ୫୬-୨୭ ରେ ପରାସ୍ତ କରିଥିଲା।

ଏହା ପୂର୍ବରୁ ଭାରତୀୟ ମହିଳା ଦଳ ଫାଇନାଲରେ ଉଗାଣ୍ଡାକୁ କୌଣସି ସୁଯୋଗ ଦେଇନଥିଲା। ସାକ୍ଷୀ ଚମତ୍କାର ପ୍ରଦର୍ଶନ କରି ୯ ରେଡ୍ ପଏଣ୍ଟ ସଂଗ୍ରହ କରିଥିଲେ। ଅନୁ ୬ ଏବଂ ଅଧିନାୟିକା ନିଧି ଶର୍ମା ୫ ପଏଣ୍ଟ ହାସଲ କରିଥିଲେ। ଡିଫେନ୍ସରେ ରତୁ ଏବଂ ସୁମନ ୪ ଟ୍ୟାକଲ୍ ପଏଣ୍ଟ ଲେଖାଏଁ ନେଇ ଭାରତୀୟ ମହିଳା କବାଡ଼ି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଭାରତ ଏହି ମ୍ୟାଚ୍‌ରେ ଦୁଇ ଥର ଉଗାଣ୍ଡାକୁ ଅଲ୍ ଆଉଟ୍ କରିଥିଲା ଏବଂ ପ୍ରଥମ ହାଫ୍‌ରେ ୨୨-୭ର ଏକ ମଜଭୁତ ଅଗ୍ରଣୀ ହାସଲ କରିନେଇ ଥିଲା। ସାକ୍ଷୀ ଟୁର୍ଣ୍ଣାମେଣ୍ଟର ୬ଟି ମ୍ୟାଚ୍‌ରେ ସମୁଦାୟ ୫୨ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କର ଏହି ଚମତ୍କାର ପ୍ରଦର୍ଶନ ସହିତ ଭାରତୀୟ ମହିଳା ଦଳ ମଧ୍ୟ ନିଜର ଅଭିଯାନ କୌଣସି ବି ମ୍ୟାଚ୍ ନ ହାରି ଶେଷ କରିଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.- 07 / 2026-27 on dated 29.10.2026
E-mail Id: eenidnimapara@gmail.com

1. Type of Work: - Canal, Road, Bridge & River Embankment Works.
2. Total No. of Work: - 60 (Sixty) Nos.
3. Bid Security (EMD) in Rupees: - Refer to DTCN
4. Cost of Bids in Rupees: - Rs. 10,000/-
5. Class of Contractors:- "B Class"
6. Period of Completion: - Refer to DTCN

Procurement Officer	Bid Identification No.	Bid Amount in Lakh Rs.	Availability & Submission of Bids on line.
Superintending Engineer, Nimapara Irrigation Division, Nimapara	NID- 159 / 2026-27 to NID- 218 / 2026-27	Rs. 62.17 to Rs. 84.74	From 07.11.2026 10.00 A.M. to 21.11.2026 5.30 P.M.

Date of opening of the Technical Bid: - 23.11.2026 at 11.00 A.M.
Date of opening of the Financial Bid: - 02.12.2026 at 11.00 A.M.
Further details can be seen from the Govt. Website www.tendersodisha.gov.in

Sd/- Superintending Engineer
Nimapara Irrigation Division, Nimapara
OIPR-32001/32097/1/26-27/0007
32001/1194/2627

ରାଜ୍ୟଗୋଷ୍ଠୀ କ୍ରୀଡ଼ା କମିଟିରେ ରାହୁଲ ଦ୍ରାବିଡ଼, ସାଇନା ନେହ୍ୱାଲ

ନୂଆଦିଲ୍ଲୀ

ଅହମଦାବାଦରେ ୨୦୩୦ ମସିହା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ପ୍ରସ୍ତାବିତ କମିଟିରେ ସ୍ଥାନ ପାଇଛନ୍ତି ଭାରତର ପୂର୍ବତନ କ୍ରିକେଟ୍ ଅଧିନାୟକ ରାହୁଲ ଦ୍ରାବିଡ଼ ଓ ଅଲିମ୍ପିକ୍ସ ପଦକ ବିଜୟିନୀ ବ୍ୟାଡମିଣ୍ଟନ୍ ତାରକା ସାଇନା ନେହ୍ୱାଲ। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଉଭୟଙ୍କୁ କ୍ରୀଡ଼ାବିତ୍ ପ୍ରତିନିଧି ଭାବେ ମନୋନୀତ କରାଯାଇଛି।

ବୈଭବଙ୍କୁ ଚାନ୍ସ ନମିଳିବା ନେଇ ଗୌତମ ଗମ୍ଭୀରଙ୍କ ବୟାନ

ନୂଆଦିଲ୍ଲୀ



ବୈଭବ ସୂର୍ଯ୍ୟବଂଶୀଙ୍କୁ ଭାରତୀୟ ଟି-୨୦ ଦଳରେ ଅଧିକ ସୁଯୋଗ ମିଳୁ ନାହିଁ। ଇଂଲଣ୍ଡ ଗସ୍ତରେ ପଦାର୍ପଣ କରିଥିବା ୧୫ ବର୍ଷୀୟ ଏହି ଖେଳାଳି ଏପର୍ଯ୍ୟନ୍ତ ମାତ୍ର ୧୦ଟି ମ୍ୟାଚ୍ ଖେଳିଛନ୍ତି। ଟପ୍ ଅର୍ଡରରେ ସ୍ଥାନ ଅଭାବରୁ ବୈଭବ ପ୍ରାୟତଃ ବେଞ୍ଚରେ ବସୁଛନ୍ତି। ଯାହା ତାଙ୍କ ଫ୍ୟାନ୍ସଙ୍କୁ ନିରାଶ କରୁଛି। ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ସେ ମାତ୍ର ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ, ତାହା ମଧ୍ୟ ଇଶାନ କିଶନ ଆହତ ହେବା ପରେ। ଇଶାନ ଫିଟ୍ ହେବା ମାତ୍ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ପୁଣି ଦଳରୁ ବାଦ୍ ଦିଆଯାଇଥିଲା। ଇଶାନ ସୁସ୍ଥ ହୋଇ ଆସିଲେ ବୈଭବ ପୁଣି ବସିଲେ। ଯାହାକୁ ବିଭିନ୍ନ କ୍ରିକେଟ୍ ଏକ୍ସପର୍ଟ ପୂର୍ବତନ କ୍ରିକେଟର ସମାଲୋଚନା କରିଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ଏହି ସିରିଜରେ ଅବିସ୍ମରଣୀୟ ଅଗ୍ରଣୀ ହାସଲ କରିବା ସତ୍ତ୍ୱେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଅଧିନାୟକ ଶ୍ରେୟସ ଆୟର ବୈଭବଙ୍କୁ ପ୍ଲେଇଂ ଏକାଦଶରେ ସୁଯୋଗ ଦେଇ ନ ଥିଲେ। ଗମ୍ଭୀର କହିଛନ୍ତି ଯେ, ତାଙ୍କ ନାମ ଲୋକପ୍ରିୟ ନିଷ୍ପତ୍ତି ନେବା କି ଖେଳାଳିଙ୍କୁ ଖୁସି କରିବା ପାଇଁ ନୁହେଁ, ବରଂ ଡ୍ରେସିଂ ରୁମ୍‌ରେ ସେହି ଖେଳାଳିମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଯେଉଁମାନେ ଦୀର୍ଘ ସମୟ ଧରି ପ୍ରଦର୍ଶନ କରିଛନ୍ତି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପଞ୍ଚମ ଟି-୨୦ ପୂର୍ବରୁ ଗମ୍ଭୀର ଏକ ସାକ୍ଷାତକାର ଦେଇଥିଲେ, ଯେଉଁଥିରେ ସେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ନନେଇ ସେ ଏହା କହିଛନ୍ତି।

ହେଡ୍ କୋଚ୍ ଗୌତମ ଗମ୍ଭୀର କହିଛନ୍ତି, 'ସର୍ବପ୍ରଥମ କଥା ମୋ କାମ ସମସ୍ତଙ୍କୁ ଖୁସି କରିବା ନୁହେଁ। ମୋର କାମ ହେଉଛି ସଠିକ୍ ନିଷ୍ପତ୍ତି ନେବା, ଲୋକପ୍ରିୟ ନିଷ୍ପତ୍ତି ନୁହେଁ। ଆଉ ମୁଁ ଏଥିପାଇଁ ହିଁ ଏଠାରେ ଅଛି। ଯେଉଁ ଖେଳାଳିମାନେ ଦୀର୍ଘ ସମୟ ଧରି ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଆସିଛନ୍ତି, ସ୍ୱାଭାବିକ ଭାବରେ ସେମାନେ ଅଧିକ ସୁଯୋଗ ପାଇବାକୁ ଯୋଗ୍ୟ। ଆଉ ଆମେ ଏହି ସିରିଜ୍‌କୁ ଠିକ୍ ସେହି ଦୃଷ୍ଟିକୋଣରୁ ହିଁ ଦେଖୁଛୁ।'

ଶ୍ରୀଲଙ୍କାକୁ ୩ ୱିକେଟ୍‌ରେ ହରାଇ ଟାଇଟଲ୍ ଜିତିଲା ପାକିସ୍ତାନ

ନୂଆଦିଲ୍ଲୀ

ଶ୍ରୀଲଙ୍କାକୁ ୩ ୱିକେଟ୍‌ରେ ପରାସ୍ତ କରି ପାକିସ୍ତାନ ଟ୍ରାଇ-ସିରିଜ୍ ଫାଇନାଲ୍ ଜିତି ନେଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଦଳ ୩୨୬ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରିବା ସହ ଭାରତର ୨୪ ବର୍ଷ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ଯେକୌଣସି ଦିନିକିଆ ଫର୍ମାଟ୍ ଫାଇନାଲରେ ଏହା ହେଉଛି ସବୁଠାରୁ ବଡ଼ ରନ୍ ଚେଜ୍। ଭାରତ ୨୦୦୨ ମସିହାରେ ଲର୍ଡସ ମଇଦାନରେ ଏହି ଐତିହାସିକ କାରନାମା କରିଥିଲା। ବର୍ତ୍ତମାନ ପାକିସ୍ତାନ ଏହାର ସମକକ୍ଷ ହୋଇଛି। ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୨୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ପାକିସ୍ତାନ ୪୮.୩ ଓଭରରେ ୭ ୱିକେଟ୍ ହରାଇ ୩୩୧ ରନ୍ କରି ମ୍ୟାଚ୍ ଜିତି ନେଇଛି।



ସାମ୍ବାଦିକଙ୍କ ସମସ୍ୟା ଜାତୀୟ ସ୍ତରରେ ଉଠାଇବି: ପ୍ରସନ୍ନ ମହାନ୍ତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ଦ୍ୱିତୀୟ ଥର ପାଇଁ ମନୋନୀତ ହୋଇଥିବା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତିଙ୍କୁ ରବିବାର ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ସାମ୍ବାଦିକଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ନିରନ୍ତର ଉଦ୍ୟମକୁ ସ୍ୱୀକୃତି ଜଣାଇ ଓୟୁଜେ ଏହି ସମ୍ବର୍ଦ୍ଧନା ଆୟୋଜନ କରିଥିଲା।



ଏହି ଅବସରରେ ଶ୍ରୀ ମହାନ୍ତି କହିଥିଲେ ଯେ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ଦ୍ୱିତୀୟ ଥର ଦାୟିତ୍ୱ ପାଇବା ତାଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ତେବେ ଏହା କେବଳ ଏକ ସମ୍ମାନ ନୁହେଁ, ବରଂ ସାମ୍ବାଦିକ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱ ବୋଲି ସେ କହିଥିଲେ। ଦେଶର ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ସେମାନଙ୍କ ମର୍ଯ୍ୟାଦା, ପେସାଗତ ସୁରକ୍ଷା ଓ ସାମାଜିକ ନିରାପତ୍ତା ପ୍ରସଙ୍ଗକୁ ଜାତୀୟ ସ୍ତରରେ ଉଠାଇବା ପାଇଁ ସେ ନିରନ୍ତର ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାମ୍ବାଦିକଙ୍କ ପାଇଁ ପ୍ରେସ୍ ଆକ୍ରିଡିଟେସନ୍, ପେନସନ୍, ରେଳଯାତ୍ରାରେ ରିହାତି ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ଭଳି ପ୍ରସଙ୍ଗକୁ ସେ ପ୍ରାଥମିକତା ଦେବେ ବୋଲି କହିଥିଲେ। ସାମ୍ବାଦିକମାନଙ୍କ ନ୍ୟାଯ୍ୟ ଦାବି ଓ ସମସ୍ୟା ଯେପରି ପ୍ରେସ୍ କାଉନସିଲରେ ଉପଯୁକ୍ତ ଗୁରୁତ୍ୱ ପାଏ, ସେଥିପାଇଁ ଉଦ୍ୟମ କରିବେ ବୋଲି ସେ ସ୍ପଷ୍ଟ କରିଥିଲେ। ଓଡ଼ିଶାରେ ଦୀର୍ଘ ପ୍ରାୟ ୧୯ ବର୍ଷ ଧରି ପ୍ରେସ୍ ଆକ୍ରିଡିଟେସନ୍ କମିଟି ଗଠନ ହୋଇନଥିବା ନେଇ ସେ ଗଭୀର ଉଦ୍ବେଗ ପ୍ରକାଶ କରିଥିଲେ। ଏହି କମିଟି ମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସ୍ୱୀକୃତି ମିଳିବା ସହ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁରକ୍ଷା ପାଇବାରେ ସହାୟତା ମିଳିଥାଏ। କମିଟି ନଥିବାରୁ ଅନେକ ଯୋଗ୍ୟ ସାମ୍ବାଦିକ ସେମାନଙ୍କ ହକ୍ର ସ୍ୱୀକୃତି ଓ ସୁବିଧାରୁ ବଞ୍ଚିତ ହେଉଥିବା ସେ କହିଥିଲେ। ଭୁବନେଶ୍ୱରସ୍ଥିତ ଓୟୁଜେ ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନର ଉପସଭାପତି ସନ୍ତୋଷ ସିଂ ଦେଓ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅଭୟ ପତି, ଲିଗାଲ ସେଲ ଅଧ୍ୟକ୍ଷ ରାଜୀବ ମହାନ୍ତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଆଦିତ୍ୟ ମେକାପ, କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଅଶୋକ ନନ୍ଦ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ, ସମ୍ପାଦକ ଦେବପ୍ରସାଦ ଦାଶ,ବରିଷ୍ଠ କର୍ମକର୍ତ୍ତା, ଜିଲ୍ଲା ସଭାପତି ଏବଂ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତାମାନେ ଶ୍ରୀ ମହାନ୍ତିଙ୍କ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ଓ ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ତାଙ୍କ ଉଦ୍ୟମର ପ୍ରଶଂସା କରିଥିଲେ। ପ୍ରେସ୍ କାଉନସିଲ୍ରେ ତାଙ୍କ ନୂଆ ଦାୟିତ୍ୱ ଓଡ଼ିଶାର ସାମ୍ବାଦିକଙ୍କ ସ୍ୱରକୁ ଜାତୀୟ ସ୍ତରରେ ଅଧିକ ଶାଣିତ କରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ରାଜ୍ୟର ସାମ୍ବାଦିକଙ୍କ ଏକତା ଓ ସ୍ୱାର୍ଥରକ୍ଷା ଦିଗରେ ଓୟୁଜେ ଆଗାମୀ ଦିନରେ ଆହୁରି ସକ୍ରିୟ ଭୂମିକା ନେବ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ସୁସ୍ଥ ଜୀବନଶୈଳୀକୁ ଗୁରୁତ୍ୱ : ରେଳବାଇ ଇନଷ୍ଟିଚ୍ୟୁଟ୍ ଓ ବିଭିନ୍ନ ସ୍ଥାନରେ ଯୋଗ ଅଭ୍ୟାସ ଆୟୋଜିତ

ରାୟଗଡ଼ା, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥର ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ବ୍ରିକ୍ସ ସଷ୍ଟେନେବଲ୍ ଲାଇଫଷ୍ଟାଇଲ୍ ବା ସ୍ଥାୟୀ ଜୀବନଶୈଳୀ ସପ୍ତାହ ପାଳନ ଅବସରରେ ରେଳ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ୧ ନଭେମ୍ବର ୨୦୨୬ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାୟଗଡ଼ା ରେଳ ଷ୍ଟେସନ, ରେଳବାଇ କଲୋନୀ ଏବଂ ଚଳନ୍ତା ଟ୍ରେନ୍‌ଗୁଡ଼ିକରେ ସୁସ୍ଥ ଜୀବନଶୈଳୀ ଆପଣାଇବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରେଳ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନରେ ସୁସ୍ଥ ଅଭ୍ୟାସ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇବାକୁ ଉତ୍ସାହିତ କରାଯାଇଥିଲା। ସେହିପରି ରାୟଗଡ଼ା ରେଳବାଇ ଇନଷ୍ଟିଚ୍ୟୁଟ, କୋରାପୁଟ, ଆରକୁ ଏବଂ ଜଗଦଲପୁରଠାରେ ଯୋଗ ଅଭ୍ୟାସ ଅଧିବେଶନ ଆୟୋଜନ କରାଯାଇଥିଲା। ଶାରୀରିକ ସୁସ୍ଥତା ଓ ମାନସିକ ଶାନ୍ତି ବଜାୟ ରଖିବାରେ ଯୋଗର ଗୁରୁତ୍ୱ ସମ୍ପର୍କରେ ଏହି ଅଧିବେଶନରେ ଆଲୋକପାତ କରାଯାଇଥିଲା। ଦୈନନ୍ଦିନ ଜୀବନରେ ଯୋଗକୁ ଏକ ଅଭ୍ୟାସ ଭାବେ ଗ୍ରହଣ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ରାୟଗଡ଼ା ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଙ୍ଘଲ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଇଜଓଉଝ ସଷ୍ଟେନେବଲ୍ ଲାଇଫଷ୍ଟାଇଲ୍ ସପ୍ତାହରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ସୁସ୍ଥ ଜୀବନଶୈଳୀକୁ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ପରାମର୍ଶ ଦେଇଥିଲେ। ସମାଜର ସାମଗ୍ରିକ କଲ୍ୟାଣ ପାଇଁ ଯୋଗ, ଶାରୀରିକ ସୁସ୍ଥତା, ସ୍ୱାସ୍ଥ୍ୟକର ଅଭ୍ୟାସ ଏବଂ ବ୍ୟକ୍ତିଗତ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏଥିସହ ଯାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସ୍ଥ ଏବଂ ସ୍ଥାୟୀ ଜୀବନଶୈଳୀ ଆପଣାଇବାର ଆବଶ୍ୟକତା ସମ୍ପର୍କରେ ସଚେତନତା ପ୍ରସାର କରିବାକୁ ରେଳ କର୍ମଚାରୀମାନଙ୍କୁ ସେ ଉତ୍ସାହିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏକ ସୁସ୍ଥ ଓ ସ୍ଥାୟୀ ସମାଜ ଗଠନରେ ବ୍ୟକ୍ତିଗତ ଅଂଶଗ୍ରହଣକୁ ଉତ୍ସାହିତ କରିବା। ରେଳ ଷ୍ଟେସନ, ରେଳବାଇ କଲୋନୀ ଏବଂ ଚଳନ୍ତା ଟ୍ରେନ୍‌ରେ ଏହି ସଚେତନତା ବାର୍ତ୍ତା ପହଞ୍ଚାଇ ରାୟଗଡ଼ା ରେଳ ମଣ୍ଡଳ ଇଜଓଉଝ ସଷ୍ଟେନେବଲ୍ ଲାଇଫଷ୍ଟାଇଲ୍ ସପ୍ତାହ ପାଳନରେ ସକ୍ରିୟ ଜନସହଭାଗିତା ଓ ସଚେତନତା ପ୍ରସାର ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛି।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୨,୦୬୭ ସେବକ ...

ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି। ଏହାବ୍ୟତୀତ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ 'ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଛନ୍ତି ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ। ସେମାନଙ୍କର ମାର୍ଗଦର୍ଶନ କରନ୍ତୁ।

କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରନ୍ତୁ। 'କର୍ମ ହିଁ ଭଗବାନ' ନୀତିକୁ ଆପଣାଇ ନିୟମିତତା ବଜାୟ ରଖନ୍ତୁ। ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ । ତେଣୁ ତା' ପ୍ରତି ସଚେତନ ରୁହନ୍ତୁ। ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଆଦର୍ଶ ଆଚରଣ ଶିକ୍ଷକମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହ, ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଯୁକ୍ତି ପାଇଥିବା ସେବକ/ସେବିକା ମାନଙ୍କୁ ବନ୍ୟା ଘେରରେ ଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ନିଯୁକ୍ତି ମେଳା କେବେ ହେବ ବୋଲି ଆପଣମାନଙ୍କ ମନରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଆଜି ଅନ୍ତ ଘଟିଛି । ଶିକ୍ଷକତା କେବଳ ଏକ ଚାକିରି ନୁହେଁ, ବରଂ ଏହା ଏକ ମହାନ ସେବା ଏବଂ ଆପଣମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା, ଯାହାଙ୍କ ପାଇଁ ଆମ ଦେଶ ଗର୍ବିତ। ଯେତେବେଳେ ବିଦ୍ୟାଳୟଗୁଡ଼ିକ ଉତ୍ତମ ମଣିଷ ଗଢ଼ିବାର ଗୋଟିଏ ଗୋଟିଏ କାରଖାନା ପାଲଟିବେ, ସେତେବେଳେ ହିଁ 'ବିକଶିତ ଭାରତ' ଏବଂ 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସକ୍ରିୟ ହେଲା...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟାର ଦିଗ, ତୀବ୍ରତା ଏବଂ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ସତର୍କ ସୂଚନା ଜାରି କରିଛି।

ଲୋକସେବା ଭବନରେ...

ଉପସ୍ଥିତ ଥିଲେ।

ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଓ ସତର୍କତା ଅବଲମ୍ବନ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ପ୍ରଭାବିତ ହେବାର ସମ୍ଭାବନା ଥିବା ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣ, ଆବଶ୍ୟକୀୟ ସାମଗ୍ରୀ ଓ ଜରୁରୀକାଳୀନ ସେବାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମାଲକାନଗିରିରେ ୪...

୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ, କଲେଜ ବନ୍ଦ ରହିବ। ବାତ୍ୟା ଯୋଗୁଁ ସମ୍ଭାବ୍ୟ ପ୍ରବଳ ବର୍ଷା ଓ ଅନ୍ୟାନ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

ପୋଖରୀରେ ବୁଡ଼ି ...

ଉଦ୍ଧାର କରି ମେଡିକାଲକୁ ନେଇଯାଇଥିଲେ। ହେଲେ ମେଡିକାଲରେ ଡାକ୍ତର ପରୀକ୍ଷା କରିବା ପରେ ତିନି ଶିଶୁଙ୍କୁ ମୃତ ଘୋଷଣା କରିଥିଲେ।

ଋଷର ତୈଳ...

ଯେ, ରାତ୍ରିକାଳୀନ ଡ୍ରୋନ୍ ଆକ୍ରମଣ ଯୋଗୁଁ କସଟୋଭୋ ଜିଲ୍ଲାସ୍ଥିତ ଶିଳ୍ପାନୁଷ୍ଠାନଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ରୁଷିଆର ବିମାନ ସୁରକ୍ଷା ବାହିନୀ ୧୦୦ରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ଡ୍ରୋନକୁ ଆକାଶମାର୍ଗରେ ହିଁ ଧ୍ୱଂସ କରିଦେଇଥିବା ବେଳେ, ପ୍ରାଥମିକ ସୂଚନା ଅନୁଯାୟୀ ଏହି ଘଟଣାରେ କୌଣସି ମୃତାହତ ହୋଇନାହାନ୍ତି। ଅପରପକ୍ଷରେ, ୟୁକ୍ରେନ୍ ଗଣମାଧ୍ୟମ ଦାବି କରିଛି ଯେ ସେମାନଙ୍କ ସେନା ରୁଷିଆର ଶକ୍ତି ଉତ୍ପାଦନ କରୁଥିବା ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରିଫାଇନାରୀକୁ ସଫଳତାର ସହ ଟାର୍ଗେଟ୍ କରିଛି।

ବାତ୍ୟା 'ଅର୍ଣ୍ଣବ'...

ବନ୍ୟା ଯୋଗୁଁ କୃଷି, ଭିତ୍ତିଭୂମି, ସଡ଼କ, ବିଦ୍ୟୁତ୍, ଜଳସମ୍ପଦ ତଥା ଅନ୍ୟାନ୍ୟ କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିବେ। ଏଥିସହିତ ପ୍ରଭାବିତ ଅଞ୍ଚଳର ସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିବେ।

ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଟିମ୍‌ର ଗସ୍ତ ନିମନ୍ତେ ଆବଶ୍ୟକୀୟ ରହଣି, ପରିବହନ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବା ସହ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ପାଇଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି।

ଆର୍ଥିକ, ସାମୁଦ୍ରିକ...

ମୁକାବିଲା କରିବା ଏବଂ ସମଗ୍ର ଇଣ୍ଡୋ-ପାସିଫିକ ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଆଟଲାଣ୍ଟାଠାରେ ମିଳିତ ବୈଠକ କରି ୪ ଦେଶର ବୈଦେଶିକ ମନ୍ତ୍ରୀମାନେ ଏକ ମୁକ୍ତ ଏବଂ ଖୋଲା ଇଣ୍ଡୋ-ପାସିଫିକ ଅଞ୍ଚଳ ପାଇଁ ନିଜ ସଂକଳ୍ପକୁ ଦୋହରାଇଛନ୍ତି। ସେମାନେ ଆର୍ଥିକ ସୁରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ସାମୁଦ୍ରିକ ସହଯୋଗକୁ ସେମାନଙ୍କର ବର୍ଦ୍ଧିତ କାର୍ଯ୍ୟସୂଚୀର କେନ୍ଦ୍ରବିନ୍ଦୁରେ ରଖିଛନ୍ତି। ତେବେ ମିଳିତ ବିବୃତିରେ ଶୀର୍ଷ ସମ୍ମିଳନୀ ପାଇଁ କୌଣସି ସମୟସୀମା ଉଲ୍ଲେଖ କରାଯାଇ ନାହିଁ।

ଆଇପିଏସ୍ ସ୍ତରରେ...

ଭାବେ ନିଯୁକ୍ତ କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ପୁଲିସ ମୁଖ୍ୟାଳୟର ଏଆଇଜି ଭାବେ ବଦଳି କରାଯାଇଛି। ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂଙ୍କୁ ପୁଲିସ ମୁଖ୍ୟାଳୟର ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସୋନାଲି ସିଂ ପରମାରଙ୍କୁ ଝାରସୁଗୁଡ଼ା ଏସ୍‌ପି ଦାୟିତ୍ୱ ଦିଆଯାଇଛି। ତପନ ନାରାୟଣ ରଥଙ୍କୁ ନୂଆପଡ଼ା ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରଶାସନିକ ଅଦଳବଦଳ ମାଧ୍ୟମରେ ରାଜ୍ୟର ପୁଲିସ ଓ ପ୍ରଶାସନିକ ବ୍ୟବସ୍ଥାରେ ଦାୟିତ୍ୱ ପୁନଃବଣ୍ଟନ କରାଯାଇଛି।

କନ୍ଧମାଳରେ ବଡ଼ଧରଣର ଭୂସ୍ଖଳନ

କନ୍ଧମାଳ, ନ୍ୟୁଜ ବ୍ୟୁରୋ

କନ୍ଧମାଳରେ ବଡ଼ଧରଣର ଭୂସ୍ଖଳନ ପରେ ମାଟି, ପଥର ଓ ଆବର୍ଜନା ସଫା କରିବା ପାଇଁ ଓଡ଼ିଶା ସରକାରଙ୍କୁ ସହାୟତା ଯୋଗାଇବା ନିମନ୍ତେ ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର



ମାନବ ସମ୍ବଳ ଓ ଭାରୀ ଯନ୍ତ୍ରପାତି ମୁତୟନ। ଅଦମ୍ୟ ସାହସ, ନିଷ୍ଠା ଓ ବୃତ୍ତିଗତ ଦକ୍ଷତାର ପରିଚୟ ଦେଇ ପୂର୍ବତଟ ରେଳପଥର ଉଦ୍ଧାରକାରୀ ଦଳ ଦୁର୍ଗମ ପାହାଡ଼ିଆ ରାସ୍ତାରେ ପ୍ରାୟ ତିନି ଘଣ୍ଟାର ପଦଯାତ୍ରା କରି ଭୂସ୍ଖଳନ ପ୍ରଭାବିତ ସ୍ଥଳରେ ପହଞ୍ଚିଥିଲେ ଏବଂ ଜରୁରୀକାଳୀନ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇଥିଲେ। ସେମାନଙ୍କର ଦୃଢ଼ ମନୋବଳ, ସମୂହଗତ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟ ପ୍ରତି ଅତୁଟ ନିଷ୍ଠା, ଜନସେବା ଏବଂ ସମାଜ ପ୍ରତି ସମର୍ପଣର ଏହା ଏକ ଉତ୍କୃଷ୍ଟ ଉଦାହରଣ।

ସିଇସିଙ୍କ ବହିଷ୍କାର ଦାବି କଲା ବୁଦ୍ଧିଜୀବୀ ମଞ୍ଚ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ଏସଆଇଆରକୁ ସମ୍ପୂର୍ଣ୍ଣ ବାତିଲ, କାଟିଥିବା ସମସ୍ତ ଭୋଟରଙ୍କ ନାମ ପୁନଃ ପଞ୍ଜିକରଣ, ନିର୍ବାଚନ ସଂସ୍କାର, ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଓ ଦାବିରେ ଆଜି ଇଣ୍ଡିଆ ଗଟବନ୍ଧନ ଆହ୍ୱାନ ଏବଂ ସିଜେପି ତଥା ନାଗରିକ ସମାଜ ଏବଂ ଏସ ଆଇ ଆର ବିରୁଦ୍ଧରେ ଜନଗଣ (ଏକ ବୁଦ୍ଧିଜୀବୀ ମଞ୍ଚ)ସମର୍ଥନରେ ଦିଲ୍ଲୀର ରାମଲୀଳା ମୈଦାନରେ ଲକ୍ଷାଧିକ ଲୋକଙ୍କ ସମାବେଶ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ଦ୍ୱାରା ପ୍ରକ୍ଷଯୋଜିତ ଦେଶର ତେର କୋଟି ନାଗରିକଙ୍କ ଭୋଟ ଅଧିକାରକୁ ଜ୍ଞାନେଶ କୁମାର ରଦ୍ଦ କରିଛନ୍ତି । ଏହା ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ପ୍ରତି ଚାଲେଞ୍ଜ ସମ୍ପୂର୍ଣ୍ଣ ବିଶ୍ୱାସ ଘାତକତା। ତେଣୁ ଦେଶକୁ ଭଲ ପାଉଥିବା ପ୍ରତ୍ୟେକ ଆବାଳ ବୃଦ୍ଧ ବନିତା ଏକ ହେବାକୁ ବିରୋଧି ଇଣ୍ଡିଆ ବ୍ଲକ ଆହ୍ୱାନ ଦେଇଛି । ଆଜିର ରାମଲୀଳା ମୈଦାନ ବିଶାଳ ସମାବେଶ ଅବସରରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବହୁସଂଖ୍ୟାରେ ବୁଦ୍ଧିଜୀବୀ, ଶିକ୍ଷାବିତ, ରାଜନୈତିକ ନେତୃବୃନ୍ଦ ଓ ସାମାଜିକ କର୍ମୀ ଏକାଠି ହୋଇ ମିଳିତ ପ୍ରତିବାଦରେ ଯୋଗ ଦେଇଥିଲେ । ଏଥିରେ ପ୍ରାକ୍ତନ ପ୍ରଶାସକ ଅରବିନ୍ଦ ବେହେରା, ଡ. ଅମୀୟ ମହାନ୍ତି, ପ୍ରଫେସର ପ୍ରତାପ ରଥ, ତୃଷାର ରାୟ, ସିଟୁ ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ରଙ୍ଗା ଚରଣ ପ୍ରଧାନ, ରମେଶ ଜେନା, ମିନତୀ ପାଣିଗ୍ରାହୀ, ବିମଳୀ ନାୟକ, ଦେବୀ ପୃଷ୍ଟି, ପ୍ରଭାତ ପାଣିଗ୍ରାହୀ, ଶୁଭ୍ରାଂଶୁ ଉଦ୍ଗାତା, ଏବଂ ପ୍ରଦୀପ୍ତ ନାୟକ ପ୍ରଭୃତି ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ଲୋଗାନ ଦେଇଥିଲେ। ଏ ଆନ୍ଦୋଳନ ଲଗାତାର ଚାଲୁ ରହିବ ବୋଲି ସେମାନେ ଆହ୍ୱାନ ଦେଇଛନ୍ତି ।

'ଏକା ଏକା' କାବ୍ୟୋତ୍ସବ

କବି ପ୍ରସନ୍ନ କୁମାର ମହାନ୍ତିଙ୍କୁ 'ଏକା ଏକା' କବିତା ସମ୍ମାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସାହିତ୍ୟ ପତ୍ରିକା 'ଏକା ଏକା' ଆନୁକୂଲ୍ୟରେ ଅନୁଷ୍ଠିତ କାବ୍ୟୋତ୍ସବରେ କବି ପ୍ରସନ୍ନ କୁମାର ମହାନ୍ତିଙ୍କୁ 'ଏକା ଏକା' କବିତା ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ମହାନ୍ତିଙ୍କୁ ଅଙ୍ଗବସ୍ତ୍ର, ପ୍ରଶସ୍ତିପତ୍ର ସହ ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି କବି ଶ୍ରୀ ମହାନ୍ତି ଓଡ଼ିଆ କବିତାର ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା ଅତୁଟ ରହିଛି ବୋଲି ମତ ପ୍ରଦାନ କରିଛନ୍ତି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଏକା ଏକା'ର ପ୍ରତିଷ୍ଠାତା ସମ୍ପାଦକ ଡ. ହିମାଂଶୁ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିବାବେଳେ ପ୍ରସିଦ୍ଧ କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର, କଥାକାର ଜ୍ୟୋତି ନନ୍ଦ ଯୋଗଦେଇ 'ଏକା ଏକା' ପତ୍ରିକାର ସଫଳ ଯାତ୍ରା କାମନା କରିବା ସହିତ ପୁରସ୍କାର ପ୍ରାପକ ଶ୍ରୀ ମହାନ୍ତିଙ୍କ ଉଜ୍ଜ୍ୱଳ ସାରସ୍ୱତ ଭବିଷ୍ୟତ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ 'ଏକା ଏକା' ପତ୍ରିକାର ନୂତନ ସଂସ୍କରଣ ଲୋକାର୍ପିତ ହୋଇଥିଲା। ଆୟୋଜିତ ବନ୍ଧୁମିଳନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରସନ୍ନ ମହାନ୍ତି, ଈପ୍ସିତା ଷଡ଼ଙ୍ଗୀ, ଅଶୋକ କୁମାର ସିଂହ, କୁମୁଦିନୀ ଜୀ, ବାଦଲ ମହାନ୍ତି, ମନୁଆ ଦାସ, ଭାରତ ମାଝୀ, ଭିକାରୀ ଧଳ, ବିଜୟ ମହାପାତ୍ର, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ରକ୍ଷକ ନାୟକ, ବାସୁଦେବ ସୁନାନୀ, କେଦାର ମିଶ୍ର, ନନ୍ଦ କିଶୋର ବିଶ୍ୱାଳ, ସଂଗ୍ରାମ ମହାରଣା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। 'ଏକା ଏକା' ପତ୍ରିକା ପକ୍ଷରୁ ସମ୍ପାଦନା ମଣ୍ଡଳୀ ସଦସ୍ୟ ଆଭାସ ବରାଳ ଓ ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉପଜିଲ୍ଲାପାଳ କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ ଗିରଫ

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ସରକାରୀରେଡ଼କ୍ରସ୍ ପାଣ୍ଠିର ୮ ଲକ୍ଷ ୬୩ ହଜାର ୨୦୦ ଟଙ୍କା ଆତ୍ମସାତ୍ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ (ଏସ୍ଆର୍ଏ) ସଦାଶିବ ପ୍ରଧାନଙ୍କୁ ଗିରଫ କରିଛି। ସେ ବର୍ତ୍ତମାନ ସୁରଡ଼ା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ।

ପ୍ରଭାବିତ ପରିବାରଙ୍କୁ ମାନବିକ ସହାୟତା ଯୋଗାଇବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାତ୍ୟା ପରବର୍ତ୍ତୀ ସ୍ଥିତିରେ ସହରାଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରିବା ପର୍ଯ୍ୟନ୍ତ ନିରନ୍ତର ତଦାରଖ କରିବା ସହ ନିର୍ଦ୍ଧାରିତ ସମୟରେ ସ୍ଥିତି ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ସମସ୍ତ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଜ ନିଜ ପୌରାଂଚଳରେ ରାସ୍ତାଘାଟ ମରାମତି, ରିଲିଫ୍ କାର୍ଯ୍ୟ, ଅତ୍ୟାବଶ୍ୟକ ସେବାର ପୁନରୁଦ୍ଧାର, ପରିମଳ ବ୍ୟବସ୍ଥାର ସୁଧାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ରିପୋର୍ଟରେ ଦେବାକୁ ସେ କହିଛନ୍ତି। ଏଥିସହ ଅତିରିକ୍ତ ଭାବେ ନିଆଯାଇଥିବା ପଦକ୍ଷେପ ଏବଂ ରାଜ୍ୟ ସରକାର କିମ୍ବା ଅନ୍ୟାନ୍ୟ ସଂସ୍ଥାଠାରୁ ଆବଶ୍ୟକ ସହାୟତା ସମ୍ପର୍କରେ ମଧ୍ୟ ସ୍ପଷ୍ଟ ଭାବେ ଜଣାଇବାକୁ ନିର୍ଦ୍ଦେଶ ରହିଛି । ପୁନରୁଦ୍ଧାର କାର୍ଯ୍ୟରେ ମାନବିକତା ଓ ସମ୍ବେଦନଶୀଳତାକୁ ପ୍ରାଥମିକତା ଦେବାକୁ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ଅଧିକାରୀମାନେ କେବଳ ନିଜର ସରକାରୀ ଦାୟିତ୍ୱ ମଧ୍ୟରେ ସୀମିତ ନ ରହି ପ୍ରଭାବିତ ନାଗରିକ ଓ ପରିବାରଙ୍କ ପାଖରେ ଜଣେ ସହୃଦୟ ପଡ଼ୋଶୀ ଭାବେ ଛିଡ଼ା ହୁଅନ୍ତୁ । ଏଥିପାଇଁ କମ୍ୟୁନିଟି ଅର୍ଗାନାଇଜର , ସହଯୋଗ ସାଥୀ ଏବଂ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରି ପ୍ରଭାବିତ ପରିବାରଗୁଡ଼ିକୁ ସିଧାସଳଖ ସହାୟତା ଯୋଗାଇବାକୁ ସେ ପରାମର୍ଶ ଦେଇଛନ୍ତି ।

ବାତ୍ୟା 'ଅର୍ଣ୍ଣବ' ପରିଚାଳନାରେ ଜିରୋ କାଜୁଆଲିଟି ନୀତି ସମ୍ପୂର୍ଣ୍ଣ ଫେଲ୍ : ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ଓ ତା'ର ରବର୍ତ୍ତୀ ସ୍ଥିତିକୁ ନେଇ ଓଡ଼ିଶା ସରକାର ବିର୍ଯ୍ୟୟ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳତାକୁ ତୀବ୍ର ସମାଲୋଚନା କରିଛି ବିଜେଡି । ଗଞ୍ଜାମ, ଗଜପତି, କନ୍ଧମାଳ ଓ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ହଜାର ହଜାର ଗାଁ ଜଳମଗ୍ନ, ଶତାଧିକ ଗ୍ରାମ ବିଚ୍ଛିନ୍ନ, ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାର କେବଳ ମିଛ ଦାବି ଓ ଫଟୋସେସନରେ ବ୍ୟସ୍ତ ରହିଛି ବୋଲି ବିଜେଡି ଅଭିଯୋଗ କରିଛି। ଏକ ପ୍ରେସ ବିବୃତିରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ସ୍ପଷ୍ଟ ଭାବରେ କହିଛନ୍ତି ଏହା କେବଳ ଏକ_ାକୃତିକ ର୍ବିପୟ ନୁହେଁ, ଏହା ବିଜେପି ସରକାରର ଅଯୋଗ୍ୟତା, ଅବହେଳା ଓ ଦାୟିତ୍ୱହୀନତାର ରିଣାମ । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ବହୁ ଆଗରୁ ସତର୍କ କରିଥିଲା । ତଥାପି ସରକାର ଜଳାଶୟ ପରିଚାଳନା, ନଦୀ ବନ୍ଧ ମରାମତି, ସମ୍ଭାବ୍ୟ ବନ୍ୟାପ୍ରବଣ ଅଂଚଳର ପୂର୍ବ ପ୍ରସ୍ତୁତି ଉପରେ ଧ୍ୟାନ ଦେଇନାହିଁ । ଗଞ୍ଜାମ ଓ ଗଜପତିରେ ଅନେକ ବନ୍ଧ ପୂର୍ବରୁ ଅବୈଧ ବାଲି ଉତ୍ତୋଳନ ଯୋଗୁଁ ଦୁର୍ବଳ ଥିଲା । ସରକାର ଏହାକୁ ଅଣଦେଖା କଲା । ଫଳରେ ଶତାଧିକ ଗ୍ରାମ ଜଳମଗ୍ନ ହୋଇଗଲା, ରାସ୍ତା-ପୋଲ୍ ଭାଙ୍ଗିଗଲା ଓ ହଜାର ହଜାର ପରିବାର ବିଦରେ ଡ଼ିଲେ । ସମୟୋପଯୋଗୀ ଓ ପର୍ଯ୍ୟାପ୍ତ ନିରାଡ୍ତା ହୋଇପାରିଲା ନାହିଁ । ଅନେକ ଗାଁ ବିଚ୍ଛିନ୍ନ ହୋଇଯିବା ପରେ ହେଲିକପ୍ଟର ମାଧ୍ୟମରେ ଲୋକଙ୍କୁ ଉଦ୍ଧାର କରିବାକୁ ପଡ଼ିଲା । ଏହା ସ୍ପଷ୍ଟ ଭାବେ ଦେଖାଏ ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଜନା ଓ କାର୍ଯ୍ୟାନୁଷ୍ଠାନ ଅପର୍ଯ୍ୟାପ୍ତ ଥିଲା । କନ୍ଧମାଳରେ ଭୂସ୍ଖଳନରେ ଜୀବନହାନି ହୋଇଛି । ସରକାର "ଜିରୋ କ୍ୟାଜୁଆଲିଟି"ର ଦାବି କରୁଥିବା ବେଳେ ବାସ୍ତବତା ଭିନ୍ନ । ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି, ଅନେକ_ଭାବିତ ପରିବାର ଏର୍ଯ୍ୟନ୍ତ ର୍ଯ୍ୟାପ୍ତ ରିଲିଫ ସାମଗ୍ରୀ, ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଔଷଧ ପାଇପାରିନାହାନ୍ତି । ରିଲିଫ ଶିବିରରେ ବ୍ୟବସ୍ଥା ଅର୍ଯ୍ୟାପ୍ତ । ସରକାର କେବଳ କାଗଜ-କଲମରେ ରିଲିଫ ଘୋଷଣା କରୁଛି, କିନ୍ତୁ ବାସ୍ତବରେ ରିସ୍ଥିତି ଭୟଙ୍କର । ସବୁଠାରୁ ଲଜ୍ଜାଜନକ ବିଷୟ ହେଉଛି, ବିନ୍ନ ଲୋକଙ୍କ ଦୁଃଖରେ ମନ୍ତ୍ରୀ ଓ ବିଜେପି ନେତାମାନେ "ସାଇକ୍ଲୋନ୍ ଟୁରିଜିମ୍"ରେ ବ୍ୟସ୍ତ। ସେମାନେ ଜିଲ୍ଲାକୁ ଯାଇ ଫଟୋ ଉଠାଉଛନ୍ତି, ମିଡ଼ିଆ ସାମ୍ନାରେ ବକ୍ତବ୍ୟ ଦେଉଛନ୍ତି ଓ ଲାଲ୍ କାର୍ପେଟରେ ସ୍ୱାଗତ ଗ୍ରହଣ କରୁଛନ୍ତି। ଲୋକଙ୍କ କଷ୍ଟ ସେମାନଙ୍କ ପାଇଁ କେବଳ ଏକ ରାଜନୈତିକ ଅବସର। ଯେତେବେଳେ ଗାଁଗୁଡ଼ିକ ଜଳମଗ୍ନ ଓ ଲୋକେ ଖାଦ୍ୟ-ପାଣି ପାଇଁ ସଂଘର୍ଷ କରୁଛନ୍ତି, ସେତେବେଳେ ମନ୍ତ୍ରୀମାନେ ନିଜର ଇମେଜ୍ ବଢ଼ାଇବାରେ ବ୍ୟସ୍ତ। ଏହା ଓଡ଼ିଆ ଜନତାଙ୍କ ପ୍ରତି ଘୋର ଅପମାନ ।

'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ

'ଜୀବନ ସହିତ କବିତାର ଅଭିବୃଦ୍ଧି ଘଟିଛି'



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସମୟର ସଠିକ ପ୍ରତିଫଳନ କବିତାରେ ଥାଏ । ମଣିଷ ଜୀବନର କବିତାର ଉନ୍ନତି ଘଟୁଛି ବୋଲି ପ୍ରସିଦ୍ଧ କବି ମମତା ଦାଶ ମତ ଦେଇଛନ୍ତି । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଗୀତଗୋବିନ୍ଦ ସଦନ ସଭା ପ୍ରକୋଷ୍ଠରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' ରେ ଯୋଗ ଦେଇ ଶ୍ରୀମତୀ ଦାଶ କହଲେ ଯେ କବିତାରେ କବିଟିଏ ଥାଏ। ସେ ଓ ଅନ୍ୟ ଅତିଥିମାନେ କବି ମିହିର କାନ୍ତି ଦାଶଙ୍କ କବିତା ବହି 'ଅଥଚ ତୃଷ୍ଣା ' ଲୋକାର୍ପିତ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ଶ୍ରୀ ଦାଶ ଅଭିବ୍ୟକ୍ତି ରଖିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାର ଦ୍ୱିତୀୟ ପର୍ଯ୍ୟାୟରେ ଉପସଭାପତି ମିନତି ଦାଶ ଓ ଜୟଶ୍ରୀ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଗୋଲଖ ରାଉତ, ଚିତ୍ତରଞ୍ଜନ ବର୍ମା, ସନ୍ତାପ ଜେନା, ମଧୁମିତା ମିଶ୍ର, ମିନତି ମିଶ୍ର, ପ୍ରିୟ ସାହୁ, ସଞ୍ଜୁଲତା ପଟ୍ଟନାୟକ, ଶ୍ୟାମା କିଙ୍କର ମହାନ୍ତି,ନନ୍ଦ କିଶୋର ବିଶ୍ୱାଳ, ନିରୁପମା ରଥ, ବାସନ୍ତୀ ପାଣିଗ୍ରାହୀ, ଇତିଶ୍ରୀ ପତି, ସୁଷମା ଲେଙ୍କା, ରଜନୀକାନ୍ତ ପଟ୍ଟନାୟକ, ଅଶୋକ ସିଂ, କୁମୁଦିନୀ ଜୀ, ଗୀତାଞ୍ଜଳି ଦଳାଇ, ପୁଷ୍ପଲତା ଦାସ, ସୁସ୍ମିତା ତ୍ରିପାଠୀ, ପବିତ୍ର ମୋହନ ବାରିକ, ଶ୍ୟାମା କିଙ୍କର ମହାନ୍ତି, ରାଜ କିଶୋର ସାହୁ, ଚିତ୍ତରଞ୍ଜନ ବର୍ମା, ଶର୍ମିଷ୍ଠା ମହାପାତ୍ର, ବାସନ୍ତୀ ମହାନ୍ତି,ପ୍ରମୋଦ ପ୍ରଧାନ,ରାଜ କିଶୋର ବେହେରା, ଚିତ୍ତରଞ୍ଜନ ମହାନ୍ତି, ଦେବାଶିଷ ମହାପାତ୍ର, ମାନିନୀ ଜେନା ପ୍ରମୁଖ ଚାଳିଶରୁ ଅଧିକ କବି ସ୍ୱରଚିତ ଲେଖା ପାଠ କରିଥିଲେ। ଅନୁଷ୍ଠାନର ଅନ୍ୟତମ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱର, ୨ ନଭେମ୍ବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଶିମିଳିପାଳ : ଦୈନିକ ୬୦ଟି ଗାଡ଼ିକୁ ମିଳିବ ପ୍ରବେଶ ଅନୁମତି

ବାରିପଦା, ୦୧/୧୧
ନ୍ୟୁଜ ବ୍ୟୁରୋ

ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ରବିବାର ଠାରୁ ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଖୋଲାଯାଇଛି। ପର୍ଯ୍ୟଟନ ଋତୁ ଆରମ୍ଭ ହେବା ସହ ଶିମିଳିପାଳର ମନୋରମ ପ୍ରାକୃତିକ ପରିବେଶ, ସବୁଜିମା, ଜଳପ୍ରପାତ ଓ ବନ୍ୟପ୍ରାଣୀଙ୍କ ଆକର୍ଷଣକୁ ଉପଭୋଗ କରିବାର ସୁଯୋଗ ପାଇବେ ପର୍ଯ୍ୟଟକ।

ପର୍ଯ୍ୟଟକଙ୍କ ସୁବିଧା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରବେଶ ନିୟମାବଳୀ ଜାରି କରାଯାଇଛି। ଦୈନିକ ସର୍ବାଧିକ ୬୦ଟି ଚାରିଚକିଆ ଯାନକୁ ଶିମିଳିପାଳ ଭିତରକୁ ପ୍ରବେଶ ଅନୁମତି ମିଳିବ।



୧୮୦ ମିଲିମିଟର ବା ତା'ଠାରୁ ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ ଥିବା ଗାଡ଼ିକୁ ହିଁ ଏଥିପାଇଁ ପ୍ରବେଶ ଅନୁମତି ଦିଆଯିବ। ଯଶିପୁର କାଳିଆମୀ ପ୍ରବେଶ ପଥ ଦେଇ ୩୫ଟି ଏବଂ ବାରିପଦା ପଟୁ ପିଠାବଟା (ଲୁଲୁଙ୍ଗ) ତନଖି ଫାଟକ ଦେଇ ୨୫ଟି ଗାଡ଼ି ପ୍ରବେଶ କରିପାରିବ। ପିଠାବଟା ଫାଟକରେ ସକାଳ ୮ଟାରୁ ୯ଟା ଏବଂ ଯଶିପୁର ଫାଟକରେ ସକାଳ ୫ଟାରୁ ୯ଟା ମଧ୍ୟରେ ପ୍ରବେଶ କରିବାକୁ ହେବ। ସମସ୍ତ ପର୍ଯ୍ୟଟକଙ୍କୁ ସନ୍ଧ୍ୟା ୬ଟା ପୂର୍ବରୁ ପ୍ରସ୍ଥାନ ଫାଟକ ଛାଡ଼ିବା ବାଧ୍ୟତାମୂଳକ। ସେହିପରି ଶିମିଳିପାଳର ପ୍ରମୁଖ ଆକର୍ଷଣ ଜୋରନ୍ଦା ଓ ବରେହିପାଣି ଜଳପ୍ରପାତ ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କୁ ଅପରାହ୍ନ ୪ଟା ସୁଦ୍ଧା ସେଠାରୁ ବାହାରିବାକୁ ପଡ଼ିବ। ଅନ୍ୟପକ୍ଷରେ ଶିମିଳିପାଳର ଜଙ୍ଗଲୀ ପରିବେଶକୁ ନିକଟରୁ ଅନୁଭବ କରିବା ପାଇଁ ବିଭାଗ ପକ୍ଷରୁ ଖୋଲା ଜିପ୍ ୱାଇଲ୍ଡଲାଇଫ ସଫାରି ଭ୍ରମଣ ସହ ରାତ୍ରିଯାପନର ସୁବିଧା ମଧ୍ୟ ରହିଛି। କୁମାରୀ, ଗୁଡ଼ଗୁଡ଼ିଆ, ତାଳବନ୍ଧ, ବରେହିପାଣି ଓ ଜାମୁଆଣିଠାରେ କଟେଜ ଗୁଡିକରେ ରାତ୍ରିଯାପନ ପାଇଁ ୱେବସାଇଟ ମାଧ୍ୟମରେ ଆଗୁଆ ଅନଲାଇନ ବୁକିଂ କରିବାକୁ ହେବ। ସେହିପରି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏଥର ପ୍ରବେଶ ଗେଟ୍ ନିକଟରେ ଏକ ଶିମିଳିପାଳ କାଫେ ଖୋଲାଯାଇଛି। ଏଠାରେ ସ୍ଥାନୀୟ ଖାଦ୍ୟର ସ୍ୱାଦ ସାଙ୍ଗକୁ ବିଭିନ୍ନ ସୁବିଧା ଉପଲବ୍ଧ ହେବ। ଏହାଛଡ଼ା, ପର୍ଯ୍ୟଟକଙ୍କ ସୁବିଧା ପାଇଁ ନିଯୁକ୍ତ ନେଚର ଗାଇଡମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି।

ଡିଜିଟାଲ୍ ଠକେଇରେ ବ୍ୟାଙ୍କର ଅବହେଳା ପଡ଼ିବ ମହଙ୍ଗା : ପୀଡ଼ିତଙ୍କୁ ମିଳିବ କ୍ଷତିପୂରଣ

ନୂଆଦିଲ୍ଲୀ, ୧/୧୧

ଦେଶରେ ବଢ଼ୁଥିବା ସାଇବର ଅପରାଧ ଓ ଡିଜିଟାଲ୍ ଆରେଷ୍ଟ ଠକେଇକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଡିଜିଟାଲ୍ ଠକେଇ ମାମଲାରେ ବ୍ୟାଙ୍କର ଅବହେଳା ପ୍ରମାଣିତ ହେଲେ ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ନେଇ ବ୍ୟବସ୍ଥା କରିବାକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଗ୍ରାହକଙ୍କ ଟଙ୍କା ଠକେଇ ହେବା ପୂର୍ବରୁ ସନ୍ଦେହଜନକ କାରବାରକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଏନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ଏକ ପ୍ରସ୍ତାବିତ ନିୟାମକ ଡାଞ୍ଚା ଅଧୀନରେ ଆସୁଥିବା ସମସ୍ତ ଅଧିକୃତ ଆର୍ଥିକ ସଂସ୍ଥାର ତାଲିକା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମରେ କ୍ଷତିପୂରଣ ଦେବାର



ବ୍ୟବସ୍ଥା ରହିବା ଉଚିତ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଟଙ୍କା ଅନ୍ୟ ଖାତାକୁ ସ୍ଥାନାନ୍ତର ହେବା ପୂର୍ବରୁ ସନ୍ଦେହଜନକ କାରବାର ଚିହ୍ନଟ କରି ତାହାକୁ ରୋକିବା ଉପରେ ମଧ୍ୟ ଜୋର୍ ଦିଆଯାଇଛି। ସେହିପରି, ଗଣମାଧ୍ୟମରେ ବାରମ୍ବାର ସଚେତନତା ସୃଷ୍ଟି କରାଯିବା ସତ୍ତ୍ୱେ ଲୋକେ ଡିଜିଟାଲ୍ ଆରେଷ୍ଟ ଠକେଇର ଶିକାର ହେଉଥିବାରୁ ପ୍ରଧାନ ବିଚାରପତି ନିରାଶା ପ୍ରକାଶ କରିଛନ୍ତି। ଆରବିଆଇର ପ୍ରସ୍ତାବିତ କଣଉ ସଂଶୋଧନ ନିର୍ଦ୍ଦେଶାବଳୀ, ୨୦୨୬କୁ ମଧ୍ୟ କୋର୍ଟ ଯାଞ୍ଚ କରିବେ। ଏହା ନଭେମ୍ବର ୩୦ ସୁଦ୍ଧା ଅଧିସୂଚିତ ହେବା ଏବଂ ଡିସେମ୍ବରରେ କାର୍ଯ୍ୟକାରୀ ହେବା ନେଇ ଆଶା କରାଯାଉଛି। ଶୁଣାଣି ସମୟରେ ଆମିକସ୍ କ୍ୟୁରି ଗତ ସପ୍ତାହର ଏକ ଘଟଣା ସମ୍ପର୍କରେ କୋର୍ଟଙ୍କୁ ଜଣାଇଥିଲେ। ଏଥିରେ ଜଣେ ମହିଳା ପ୍ରାୟ ୨.୫ କୋଟି ଟଙ୍କା ହରାଇଥିବା ଅଭିଯୋଗ ହୋଇଥିଲା।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବନ୍ୟା : ୨,୫୭,୩୭୬ ପ୍ରାଣୀସମ୍ପଦ ପ୍ରଭାବିତ

ଭୁବନେଶ୍ୱର, ୧/୧୧
ନ୍ୟୁଜ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଉପୁଜିଥିବା ବନ୍ୟାରେ ୨,୫୭,୩୭୬ ପ୍ରାଣୀ ପ୍ରଭାବିତ ହୋଇଛନ୍ତି । ଏଥିରେ ୧,୧୮,୪୭୯ ଗାଇ ଗୋରୁ ମଇଁଷି ଏବଂ ୧,୩୮,୮୯୭ ଛେଳି ମେଣ୍ଢା ସାମିଲ ଅଛନ୍ତି । ମୋଟ ୧,୧୫,୬୪୯ କୁକୁଡ଼ା ପ୍ରଭାବିତ ହୋଇଛନ୍ତି । ୧୨୬ ଗାଇ ଗୋରୁ ମଇଁଷି, ୪୦୬ ଛେଳି ମେଣ୍ଢା ଏବଂ ୯୭,୦୦୩ କୁକୁଡ଼ାଙ୍କର ଜୀବନ ହାନି ହୋଇଛି। ସମୁଦାୟ ୧,୩୩,୨୦ ଜଣ ପ୍ରାଣିପାଳକ ପ୍ରଭାବିତ ହୋଇଛନ୍ତି । ୧୯୧୮ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରଣ କରାଯାଇ ୩୧ଟି ସ୍ଥାନରେ ଆଶ୍ରୟ ଦିଆଯାଇଛି । ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ପାଇଁ ୭୨ଟି ରାପିଡ୍ ରେସପନ୍ସ ଟିମ୍ ମୁତୟନ କରାଯାଇଥିବା ବେଳେ ୧୧୬ ଟି ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି । ୧୯,୫୮୨ ପ୍ରାଣୀଙ୍କ ବାତ୍ୟା ପରବର୍ତ୍ତୀ ଟିକାକରଣ ହୋଇଛି। ଗଞ୍ଜାମ ଜିଲ୍ଲାକୁ ୨୦୧.୪ ମେଟ୍ରିକ୍ ଟନ୍ ଗୋ ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୮୭ ମେଟ୍ରିକ ଟନ୍ ବଣ୍ଟନ ସରିଛି । ଏହା ସହ ୫୩.୫୩ କ୍ୱିଣ୍ଟାଲ ସବୁଜ ଚାରା, ୪୨.୪୧ କ୍ୱିଣ୍ଟାଲ ରାଇସ୍ ବ୍ରାନ୍ (କୁଣ୍ଡା) ଯୋଗାଇ ଦିଆଯାଇଛି । ଯଥେଷ୍ଟ ପରିମାଣର ଗୋ ଖାଦ୍ୟ ମହଜୁଦ ଥିବା ବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ଗୋ ଖାଦ୍ୟ ଯୋଗାଇ ଦିଆଯାଉଛି । ବ୍ଲକ୍, ସବଡିଭିଜନ୍ ଏବଂ ଜିଲ୍ଲା ସ୍ତରରେ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି । ପ୍ରାଣିପାଳକଙ୍କୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି ।

ପଥଚାରୀ ଓ କାର୍ ଉପରେ ଚଢ଼ିଗଲା ବସ୍ : ୨ ମୃତ

ଭୁବନେଶ୍ୱର, ୦୧/୧୧ ନ୍ୟୁଜ ବ୍ୟୁରୋ

ଭୟଙ୍କର ଦୁର୍ଘଟଣା । ଦେଖିଲେ ଛାତି ଥରି ଯିବ । କାର୍ ଭାଙ୍ଗିରୁଜି ଖଣ୍ଡ ଖଣ୍ଡ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ରବିବାର ସକାଳୁ ଏକ ଛାତିଥରା ଦୁର୍ଘଟଣା ଘଟିଛି । ବ୍ୟସ୍ତବହୁଳ ନୟାପଲ୍ଲୀ ଅଞ୍ଚଳରେ ଏହି ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟିଛି, ଯେଉଁଥିରେ ୨ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ନୟାପଲ୍ଲୀ କ୍ରିଷ୍ଣା ଟାୱାର ନିକଟରେ ଏହି ଦୁର୍ଘଟଣା ଘଟିଛି। ରବିବାର ଭୋର ସମୟରେ ଯେତେବେଳେ ରାଜଧାନୀର ରାଜରାସ୍ତା ଶାନ୍ତ ଥିଲା ଏବଂ କିଛି ଲୋକ ନିତ୍ୟକର୍ମ ବା ବିଭିନ୍ନ କାମରେ ବାହାରିଥିଲେ, ସେହି ସମୟରେ ଏହି ଅଘଟଣ ଘଟିଥିଲା। ଏକ ଯାତ୍ରୀବାହୀ ବସ୍ ଅତି ଦ୍ରୁତ ଗତିରେ ଆସି ନୟାପଲ୍ଲୀ ଅଞ୍ଚଳରେ ନିୟନ୍ତ୍ରଣ ହରାଇ ବସିଥିଲା । ବସ୍‌ଟି ପ୍ରଥମେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା କିଛି ପଥଚାରୀ ଓ ସ୍ଥାନୀୟ ଲୋକଙ୍କୁ ମାଡ଼ି ଯିବା ସହ ସେଠାରେ ପାର୍କିଂ ହୋଇ ରହିଥିବା ଏକ କାର୍‌କୁ ମଧ୍ୟ ଜୋରଦାର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ, ଗୁରୁତର ଅବସ୍ଥାରେ ଅନ୍ୟ ଦୁଇ ଜଣଙ୍କୁ ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟାଇବା ପରେ ବସ୍‌ଟି ଦ୍ରୁତ ଗତିରେ ସେଠାରୁ ଫେରାର ହୋଇଯାଇଥିବାର ସୂଚନା ମିଳିଛି। ପୁଲିସ ମୃତଦେହ ୨ଟି ଜବତ କରିଛି। ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।



ସୁନେଲିତା ଟପ୍ପୋ ୩୪ତମ ଏକଲବ୍ୟ ପୁରସ୍କାର ବିଜେତା

ଅମନଦୀପ ଲାକ୍ରା ଏବଂ ତନଭୀ ପାତ୍ରୀ ଉପବିଜେତା

ଭୁବନେଶ୍ୱର, ୧/୧୧
ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଅସାଧାରଣ କ୍ରୀଡ଼ା ପ୍ରତିଭାକୁ ସ୍ୱୀକୃତି ଦେଇ ହକି ଖେଳାଳି ସୁନେଲିତା ଟପ୍ପୋଙ୍କୁ ପ୍ରତିଷ୍ଠିତ ୩୪ତମ ଏକଲବ୍ୟ ପୁରସ୍କାର ୨୦୨୬ ପାଇଁ ମନୋନୀତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଜୁରୀ ସଦସ୍ୟମାନଙ୍କୁ ନେଇ ଗଠିତ ଏକଲବ୍ୟ ପୁରସ୍କାର କମିଟି ଦ୍ୱାରା ଏହି ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଛି। ହକି କ୍ଷେତ୍ରରେ ଜଣେ ଉଦୀୟମାନ ପ୍ରତିଭା ସୁନେଲିତା ଟପ୍ପୋ କ୍ରୀଡ଼ାରେ ତାଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସଫଳତା ପାଇଁ ଏହି ସ୍ୱୀକୃତି ଲାଭ କରିଛନ୍ତି। ଏହି ପୁରସ୍କାର ବାବଦରେ ୭ ଲକ୍ଷ ଟଙ୍କାର ନଗଦ ସାହାଯ୍ୟ ସହ ଏକ ଟ୍ରଫି ପ୍ରଦାନ କରାଯିବ, ଯାହା ପରବର୍ତ୍ତୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏକଲବ୍ୟ ପୁରସ୍କାର ପ୍ରଦାନ ସମାରୋହରେ ପ୍ରଦାନ କରାଯିବ। ଏହାବ୍ୟତୀତ ହକି


ସୁନେଲିତା ଟପ୍ପୋ



ଅମନଦୀପ ଲାକ୍ରା


ତନଭୀ ପାତ୍ରୀ

ଖେଳାଳି ଅମନଦୀପ ଲାକ୍ରା ଏବଂ ବ୍ୟାଡମିଣ୍ଟନ ଖେଳାଳି ତନଭୀ ପାତ୍ରୀଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରଶସ୍ତିପତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରତ୍ୟେକ ଉପବିଜେତାଙ୍କୁ ସମାରୋହରେ ମାନପତ୍ର ସହ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ୧୯୯୩ ମସିହାରେ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ପ୍ରତିଷ୍ଠିତ ଏବଂ ଭାରତର ସର୍ବବୃହତ ଫେରୋ କ୍ରୋମ୍ ଉତ୍ପାଦନକାରୀ କମ୍ପାନୀ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଦ୍ୱାରା ପରିଚାଳିତ ଏକଲବ୍ୟ ପୁରସ୍କାର ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ସମ୍ମାନ ଭାବେ ନିଜର ସ୍ଥାନ ସ୍ୱତନ୍ତ୍ର କରିପାରିଛି। ଗତ କିଛି ବର୍ଷ ମଧ୍ୟରେ ଏହି ପୁରସ୍କାର ପ୍ରତିଶ୍ରୁତିବଦ୍ଧ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯେଉଁଥିରେ ପୂର୍ବରୁ ପୁରସ୍କୃତ ଅନେକ କ୍ରୀଡ଼ାବିତ୍ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି। ପ୍ରତିବର୍ଷ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ଓଡ଼ିଶାର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ବିଗତ ଦୁଇ ବର୍ଷ ମଧ୍ୟରେ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରିଥାଏ। ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରି ଏକଲବ୍ୟ ପୁରସ୍କାର କମିଟିର ଅଧ୍ୟକ୍ଷ ତଥା 'ଇମ୍ପାକ୍ଟ'ର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା କହିଛନ୍ତି, "ଓଡ଼ିଶାରେ ଅପାର କ୍ରୀଡ଼ା ସମ୍ଭାବନା ରହିଛି ଏବଂ ଯୁବ ଆଥଲେଟ୍‌ମାନେ ସେମାନଙ୍କର ପ୍ରାପ୍ୟ ସ୍ୱୀକୃତି ଓ ପ୍ରୋତ୍ସାହନ ପାଇବା ଅତ୍ୟନ୍ତ ଜରୁରୀ। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକଲବ୍ୟ ପୁରସ୍କାର ଅସାଧାରଣ ପ୍ରତିଭାକୁ ସେଲିବ୍ରେଟ୍ କରିଆସୁଛି ଏବଂ ଆଶାୟୀ କ୍ରୀଡ଼ାବିତ୍‌ମାନଙ୍କୁ ଉଚ୍ଚ ଆଶା ରଖିବାକୁ ଅନୁପ୍ରାଣିତ କରିଆସୁଛି। ଏହି ପଦକ୍ଷେପ ମାଧ୍ୟମରେ ଆମେ ସେମାନଙ୍କ ସଫଳତାକୁ ସ୍ୱୀକୃତି ଦେବା ଏବଂ ଆଗାମୀ ପିଢ଼ିକୁ ରାଜ୍ୟ ପାଇଁ ଅଧିକ କ୍ରୀଡ଼ା ଗୌରବ ଆଣିବାକୁ ଉତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ।" ଚୟନ କମିଟି ବୈଠକର କାର୍ଯ୍ୟଧାରାକୁ ଏକଲବ୍ୟ ପୁରସ୍କାର କମିଟିର ଆବାହକ ଅଶ୍ୱିନୀ ପ୍ରସାଦ ମହାନ୍ତି ସଂଯୋଜନା କରିଥିଲେ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୧/୧୧/୨୦୨୬
୬,୩୧,୮୧୪/-ଟଙ୍କା
ସୁନା:- ୦୦ ଗ୍ରାମ୍ ୨୫୦ ମିଲିଗ୍ରାମ
ରୂପା:- ୩୯ ଗ୍ରାମ୍ ୬୦୦ ମିଲିଗ୍ରାମ୍

ଜେଲ୍ ଡିଜିଙ୍କ ନାଁରେ ମହିଳା ଜେଲରଙ୍କ ଯୌନ ନିର୍ଯାତନା ଅଭିଯୋଗ : ଥାନାରେ ଏତଲା

କଟକ, ୦୧/୧୧
ନ୍ୟୁଜ ବ୍ୟୁରୋ

ଓଡ଼ିଶା ଜେଲ୍ ବିଭାଗର ମହାନିର୍ଦ୍ଦେଶକ (ଡିଜି) ସୁଶାନ୍ତ କୁମାର ନାଥଙ୍କ ବିରୋଧରେ ଜଣେ ପୂର୍ବତନ ମହିଳା ଜେଲରଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ଅପରାଧିକ ମାମଲା ରୁଜୁ କରିଛି। ଯୌନ ନିର୍ଯାତନା, ଧମକ ଦେବା ଏବଂ ବ୍ୟକ୍ତିଗତ ଭାବେ ସାକ୍ଷାତ କରିବାକୁ ମନା କରିବା ପରେ ପ୍ରତିଶୋଧମୂଳକ ପଦକ୍ଷେପ ନିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଚୌଦ୍ୱାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚୌଦ୍ୱାର ସର୍କଲ ଜେଲର ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଗତ ଅକ୍ଟୋବର ୩୧ ତାରିଖରେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଚୌଦ୍ୱାର ଥାନା କେସ୍ ନମ୍ବର ୭୧୩ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୭୫(୨), ୩୫୧(୨) ଓ ୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ବିକାଶ ସେଠୀ ଏହାର ତଦନ୍ତ କରୁଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୫ ମସିହା ମଧ୍ୟଭାଗରେ ଜେଲ୍ ନିରୀକ୍ଷଣ ପରେ ଏହି ଘଟଣାକ୍ରମ ଆରମ୍ଭ ହୋଇଥିଲା। କୁଳଦୀପ ରଥ ନାମକ ଜଣେ ବ୍ୟକ୍ତି ନିଜକୁ ଜେଲ୍ ଡିଜିଙ୍କ ସହଯୋଗୀ ବା ବନ୍ଧୁ ଭାବେ ପରିଚୟ ଦେଇ ତାଙ୍କ ମୋବାଇଲ୍ ନମ୍ବର ସଂଗ୍ରହ କରିଥିବା



ସନ୍ତୋଷିନୀ ଅଭିଯୋଗ କରିଛନ୍ତି। ପରେ ତାଙ୍କୁ ଇଙ୍ଗିତପୂର୍ଣ୍ଣ ଇମୋଜି ଥିବା ବାର୍ତ୍ତା ପଠାଯାଇଥିବା ମଧ୍ୟ ସେ ଦର୍ଶାଇଛନ୍ତି। ଅଭିଯୋଗରେ କୁହାଯାଇଛି ଯେ, ୨୦୨୫ ଅଗଷ୍ଟ ୨୯ ତାରିଖରେ 'ବ୍ଲାଷ୍ଟ' ନାମକ ଏକ ରେଷ୍ଟୋରାଁକୁ ଏବଂ ସେହି ବର୍ଷ ସେପ୍ଟେମ୍ବର ୨୫ କିମ୍ବା ୨୬ ତାରିଖରେ ହୋଟେଲ ପ୍ରମୋଦକୁ ରାତ୍ରିଭୋଜନ ପାଇଁ ଆମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ଡିଜି ତାଙ୍କୁ ବ୍ୟକ୍ତିଗତ ଭାବେ ଭେଟିବାକୁ ଚାହୁଁଥିବା କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି। କିନ୍ତୁ ସରକାରୀ କାର୍ଯ୍ୟାଳୟ ବାହାରେ ବ୍ୟକ୍ତିଗତ ସାକ୍ଷାତ କରିବାକୁ ସେ ମନା କରିଥିବା ଦର୍ଶାଇଛନ୍ତି। ବ୍ୟକ୍ତିଗତ ସାକ୍ଷାତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ନିଜ ବିରୋଧରେ ବିଭିନ୍ନ ପ୍ରଶାସନିକ ପଦକ୍ଷେପ ନିଆଯାଇଥିବା ସନ୍ତୋଷିନୀ ଅଭିଯୋଗ କରିଛନ୍ତି।

ବନ୍ୟା ଉଜାଡ଼ିଦେଲା ଚାଷ ଜୀବନ ନେଇଗଲେ ଚାଷୀ

ବ୍ରହ୍ମପୁର, ୧/୧୧ ନ୍ୟୁଜ ବ୍ୟୁରୋ

ଗଞ୍ଜାମ ସେରଗଡ଼ ବ୍ଲକ ବାକିଲିକଣା ଗାଁ ପଣସପଦର ସାହିର ୫୫ ବର୍ଷୀୟ ଚାଷୀ ଅର୍ଜୁନ ପଣ୍ଡା । କୀଟନାଶକ ଔଷଧ ପିଇ କରିଛନ୍ତି ଆତ୍ମହତ୍ୟା । ଅକାଳରେ ଚାଲିଯାଇଛି ଜୀବନ । ପରିବାର ଲୋକଙ୍କ କହିବା ଅନୁସାରେ ଘରେ ପାଣି ପଶି ଜିନିଷ ପତ୍ର ନଷ୍ଟ ହୋଇଯିବାରୁ ଅର୍ଜୁନ ଚିନ୍ତାରେ ଥିଲେ। ତାପରେ ଉଜୁଡ଼ା କ୍ଷେତକୁ ଦେଖି ନେଇଛନ୍ତି ଚରମ ନିଷ୍ପତ୍ତି । ଅର୍ଜୁନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହିଂଜିଳି ଓ ପରେ ବ୍ରହ୍ମପୁର ନେଇଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି । ଅର୍ଜୁନ ନିଜର ୨ ଏକର ଜମିରେ ଧାନ ଚାଷ କରିଥିଲେ। ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି ବନ୍ୟା ପାଣିରେ। ପୁଣି ଅନ୍ୟର ୨ ଏକର ଜମିକୁ ଭାଗରେ ଆଣି ବିଭିନ୍ନ ପ୍ରକାର ପନିପରିବା ଚାଷ ପାଇଁ ତଳି ପକାଇଥିଲେ। ହେଲେ ସେହି ସବୁ ଜମି ବନ୍ୟା ପାଣି ପ୍ରବାହିତ ହୋଇ ବାଲି ଚର ହୋଇ ଯାଇଛି । ଶେଷରେ ସେରଗଡ଼ ତହସିଲଦାର, କୃଷି ବିଭାଗ ଓ ପୋଲିସ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ।

୧୪୭ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହ ୧ ଗିରଫ

ସୁବର୍ଣ୍ଣପୁର, ୧/୧୧ ନ୍ୟୁଜ ବ୍ୟୁରୋ

ସୋନପୁର ପୋଲିସ ଗଞ୍ଜେଇ ଚୋରାଚାଲାଣ ବିରୋଧରେ କଡ଼ା ଆଭିମୁଖ୍ୟ ରଖିଥିବା ବେଳେ ମିଳିଛି ଏକ ବଡ଼ ସଫଳତା । ସୋନପୁର ପୋଲିସକୁ କୌଣସି ଏକ ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ଖବର ମିଳିବା ପରେ ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଚଢଉ କରି ସୋନପୁର ନିକଟସ୍ଥ ଶରଧାପାଲି ରାସ୍ତାର କଳାପଥର ଛକ ନିକଟରେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଏକ ଛୋଟ ମିନି ଟ୍ରକ ଯୋଗେ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ କଳାପଥର ଏବଂ କବାଟତଲାଇ ମଝିରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଓଜନ କରିବା ପରେ ସେଥିରୁ ୧୪୭ କେଜି ୪୦୦ ଗ୍ରାମ ଗଞ୍ଜେଇ ବାହାରିଥିଲା । ଏହି ଘଟଣାରେ ଭବାନୀ ମେହେର ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ଗଞ୍ଜେଇ ପରିବହନରେ ବ୍ୟବହୃତ ବିଶିଷ୍ଟ ଡାଲା ଗାଡ଼ିକୁ ମଧ୍ୟ ଜବତ କରାଯାଇଛି ।

ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ମାଛ ଧରିବା ଉପରେ ଲାଗିଲା କଟକଣା

ପୁରୀ, ୧/୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶା ଉପକୂଳକୁ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଆଗମନ ଏବଂ ପ୍ରଜନନ ପାଇଁ ରବିବାର ଠାରୁ ଆସନ୍ତା ମେ' ମାସ ୩୧ ତାରିଖ ଯାଏ ସମୁଦ୍ରରେ ମାଛ ଧରିବା ଉପରେ ଲାଗିଛି କଟକଣା। ପ୍ରତିବର୍ଷ ଭଳି ନଭେମ୍ବର ୧ ତାରିଖରୁ ଆସନ୍ତା ମେ' ମାସ ୩୧ ତାରିଖ ଯାଏ ପୁରୀ ସମୁଦ୍ର ଉପକୂଳରେ ମାଛ ଧରା କଟକଣା ଲାଗୁ ହୋଇଛି। ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ କରିବ ସ୍ୱତନ୍ତ୍ର ଟିମ୍ । ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଏହି କଟକଣା ୭ ମାସ ଯାଏଁ ଲାଗୁ ହେବ । କାରଣ ନଭେମ୍ବର ମାସରୁ ହିଁ ବିରଳ ଅଲିଭ ରିଡ୍‌ଲେ କଇଁଛ ବଙ୍ଗୋପସାଗରକୁ ଆଗମନ କରିବା ସହ ପ୍ରଜନନ ପାଇଁ ବାଛିଥାନ୍ତି। ଏଣୁ ଟ୍ରଲର ଓ ଯନ୍ତ୍ର ଚାଳିତ ଡଙ୍ଗା ମାଡ଼ରେ ଯେଭଳି ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ନ ହୁଏ, ସୁରକ୍ଷା ଦୃଷ୍ଟିରୁ ପୁରୀର ଦେବୀ ନଦୀ ଓ କେଳୁଣି ନଦୀ ମୁହାଣରୁ ୫ କିଲୋମିଟର ଯାଏ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥାଏ। ସମୁଦ୍ର କୂଳରୁ ୨୦ କିଲୋମିଟର ସମୁଦ୍ର ଭିତରରେ ଟ୍ରଲର ଚାଲଚଳ ସଂପୂର୍ଣ୍ଣ ନିଷିଦ୍ଧ ଥାଏ। ହେଲେ ଏହାକୁ କେତେକ ଟ୍ରଲର ଚାଳକ ଉଲ୍ଲଘଂନ କରି ନିଷିଦ୍ଧ ଅଞ୍ଚଳରେ ମାଛ ମାରୁଥିବାରୁ ଅନେକ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହେଉଛି। ହେଲେ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଠିକ୍‌ରେ ସମୁଦ୍ର ଭିତରେ ପାଟ୍ରୋଲିଂ କରୁନଥିବା ହେତୁ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ



ହୋଇ ଆସୁଛି । ତେବେ ଚଳିତ ବର୍ଷ କିଭଳି ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁକୁ ରୋକାଯାଇ ପାରିବ ସେନେଇ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ୍ ପୋଲିସ, ସାଗର ମିତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କିଭଳି ସାମୁଦ୍ରିକ ପାଟ୍ରୋଲିଂ ଠିକଣା ଭାବେ ହୋଇ ପାରିବ, ବେଆଇନ ଟ୍ରଲର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କଇଁଛଙ୍କ ଅଣ୍ଡାକୁ କିଭଳି ସୁରକ୍ଷିତ ରଖିହେବ ସେ ନେଇ ବିଶେଷ ଆଲୋଚନା ହୋଇଛି । ପୁରୀ ଜିଲ୍ଲା ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ କହିଛନ୍ତି, 'ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନଭେମ୍ବର ୧ରୁ ମେ' ମାସ ୩୧ ଯାଏ କଇଁଛଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । କଇଁଛଙ୍କ ସୁରକ୍ଷା ପାଇଁ ଜଏଣ୍ଟ ପାଟ୍ରୋଲିଂ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଦ୍ୱାରା ହୋଇଛି । କଇଁଛଙ୍କ ସୁରକ୍ଷା ପାଇଁ ଆମେ ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବୀଙ୍କୁ ସଚେତନ କରୁଛୁ । ତେବେ ଯେଉଁମାନେ ନିୟମ ଉଲ୍ଲଘଂନ କରି କଇଁଛଙ୍କ ସୁରକ୍ଷା ବିପନ୍ନ କରିବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଯେଉଁ ଅଞ୍ଚଳରେ କଟକଣା ରହିଛି ସେହି ଅଞ୍ଚଳର ପ୍ରଭାବିତ ହେଉଥିବା ମତ୍ସ୍ୟଜୀବୀ ପରିବାରକୁ ଆମ ବିଭାଗ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି।'


ବର୍ଷ-୧୭ ସଂଖ୍ୟା-୩୯ RNI Regd.No:ODIODI/2010/34704 ମୂଲ୍ୟ ଟ ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୧-୦୭ ନଭେମ୍ବର ୨୦୨୬
ସମ୍ବାଦ କଳିକା ସହିତ ମୂଲ୍ୟ ୪.୦୦
With Sambad Kalika ₹.4.00

ରବିବାସରୀୟ କଳିକା

ଭିତର ପୃଷ୍ଠାରେ...
- ସାନଗାଗରାରେ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ 'ପ୍ରକୃତି ନିବାସ'
- ଦୁଇଦିନ ଧରି ପ୍ରବଳ କୁଆର ମାଡରେ ଭୁସୁଡ଼ି ପଡ଼ିଲା ସିନ୍ଥେଟିକ ଗ୍ରାଉଣ୍ଡ
- ଭାରତେ ବୃହତମ ଜିଲ୍ଲା
- ପୁରୁଣା ଚିଟ୍-ଚେଟକ ହେଲିକପ୍ଟରକୁ ଲାଗିବ ବ୍ରେକ୍!
- ସୁଦାନରେ ଭୟଙ୍କର ଡ୍ରୋନ୍ ଆକ୍ରମଣ : ୧୦୦ରୁ ଅଧିକ ମୃତ, ୧୧୩ ଆହତ
- ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମଦରେ ୯୬% ଆଲକୋହଲ୍


15001/125/2627

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

OIPR-15001/15001/2/26-26/0124

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-16 • 28-03rd November 2026 • Bhubaneswar
ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବଡ ବୟାନ
ଦେଶର ବିକାଶ ପାଇଁ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com